

◀◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-127 ♦SUNDAY ♦1 NOVEMBER 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୧୨୭ ♦ରବିବାର ♦୧ ନଭେମ୍ବର ୨୦୨୬ ♦ପୃଷ୍ଠା-୧୨+୪(ସିନ୍ଦୂରା) ♦ଟ.୭.୦୦





ଚରମ ଅବହେଳା

ବିପର୍ଯ୍ୟୟ ପାଇଁ ଦାୟୀ କିଏ ?

ଓଡ଼ିଶାର ଦଶବ୍ଦି ସୁନାମକୁ ଧୋଇନେଲା ଛୋଟିଆ ବାତ୍ୟା 'ଅର୍ଣ୍ଣବ'

ପାଣିପାଗ ବିଭାଗ ବାତ୍ୟା ଅର୍ଣ୍ଣବର ଭୂସ୍ପର୍ଶ ସ୍ଥାନ, ସମୟ ସହ ଓଡ଼ିଶାରେ ପ୍ରବଳ ବର୍ଷା ଆକଳନ କରିଥିଲା । ୬ ଜିଲ୍ଲା ପାଇଁ ରେଡ୍ ଆଲର୍ଟ, ୧୬ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିଲା । ସରକାର ଓ ପ୍ରଶାସନ ଘନଘନ ବୈଠକ କରିଥିଲେ । ଏଥିପାଇଁ ପୁରା ପ୍ରସ୍ତୁତ ଥିବା, 'ଶୂନ୍ୟ ମୃତାହତ' ଲକ୍ଷ୍ୟ ନେଇ କାମ କରୁଥିବା ବି କହିଥିଲେ; ମାତ୍ର ବର୍ଷା ଓ ପରବର୍ତ୍ତୀ ସମୟରେ ବନ୍ୟା ଗଞ୍ଜାମ, ଗଜପତି, କନ୍ଧମାଳ ଜିଲ୍ଲାରେ ଯେଉଁ ଧ୍ୱଂସଲୀଳା ସୃଷ୍ଟି କଲା, ତାହା ଅବର୍ଣ୍ଣନୀୟ । ଋଷିକୂଲ୍ୟା ନଦୀ ଓ ଏହାର ଅବବାହିକାରେ ଡ୍ୟାମଗୁଡ଼ିକର ପରିଚାଳନାରେ ତ୍ରୁଟି, ବିନା ସାଇରନ୍ ଓ ଆଗୁଆ ସୂଚନାରେ ଜଳ ନିଶ୍ୱାସନ ସୃଷ୍ଟି କରିଛି ଭୟଙ୍କର ପରିସ୍ଥିତି । ବନ୍ୟାରେ କେତେ ମୃତାହତ ହୋଇଛନ୍ତି, ତାହାର ସୂଚନା ଏବେ କାହାରି ପାଖରେ ନାହିଁ । ଅନେକ ପଶୁଧନ ନଷ୍ଟ ହୋଇଛନ୍ତି, ଲୋକେ ନିଜର ଜୀବନଯାକର ଅର୍ଜିତ ସମ୍ପତ୍ତି ହରାଇଛନ୍ତି, ସେମାନଙ୍କ ବର୍ଷସାରାର ଫସଲ ବି ନଷ୍ଟ ହୋଇ ଯାଇଛି । ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା, ପ୍ରଶାସନର ଉଦାସୀନତା, ସରକାରଙ୍କ ଉପରଠଉରିଆ ପରିଚାଳନା ବ୍ୟବସ୍ଥା ତିନି ଜିଲ୍ଲାର ଲକ୍ଷଲକ୍ଷ ଲୋକଙ୍କ ଜୀବନଜୀବିକାକୁ ଉଜାଡ଼ି ଦେଇଛି ।

■ ଭୁବନେଶ୍ୱର, ୩୧।୧୦ (ସମିସ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ପ୍ରବଳ ବର୍ଷା ଓ ପରବର୍ତ୍ତୀ ବନ୍ୟା ଦକ୍ଷିଣ ଓଡ଼ିଶାରେ ସୃଷ୍ଟି କରିଥିବା ପ୍ରଚଣ୍ଡ ବିପର୍ଯ୍ୟୟ ପ୍ରଶାସନିକ ଅବହେଳାକୁ ସ୍ପଷ୍ଟ ଇଙ୍ଗିତ କରିଛି । ଗଞ୍ଜାମ, ଗଜପତି ଓ କନ୍ଧମାଳର ବିପର୍ଯ୍ୟସ୍ତ ସ୍ଥିତିକୁ ଦେଖିଲେ ଏହା ଜଳଜଳ ଦିଶୁଛି । ବିଶେଷକରି ଗୋଟିଏ ବାତ୍ୟା ଓ ତଜ୍ଜନିତ ବନ୍ୟା ଜଳସମ୍ପଦ ବିଭାଗର ଡ୍ୟାମ୍ ପରିଚାଳନା, ସରକାରଙ୍କ ଆଗୁଆ ପ୍ରସ୍ତୁତି, ପ୍ରଶାସନର ବନ୍ୟା ପରିଚାଳନା ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରିଦେଇଛି । ବର୍ଷାର ସମ୍ଭାବନା ସମ୍ପର୍କରେ ଆଗୁଆ ସୂଚନା ଥିବ ସତ୍ତ୍ୱେ ବିପର୍ଯ୍ୟୟର ମୁକାବିଲାରେ ଏତେ ବଡ଼ ବିଫଳତା କାହିଁକି ଦେଖାଦେଲା, ତାହାର ଉତ୍ତର କାହାରି ପାଖରେ ନାହିଁ ।

ମାଲକାନଗିରିରେ ପ୍ରବଳ ବର୍ଷାର ଆଶଙ୍କାକୁ ନେଇ ସମଗ୍ର ପ୍ରଶାସନିକ କଳ ସେହି ଜିଲ୍ଲା ଉପରେ ନଜର ରଖିଥିବାବେଳେ ଗଞ୍ଜାମ, ଗଜପତି ଓ କନ୍ଧମାଳରେ ସମ୍ଭାବ୍ୟ ସ୍ଥିତିକୁ ଗୁରୁତ୍ୱ ଦିଆଗଲା ନାହିଁ । ଏପରିକି ଗଞ୍ଜାମ ଓ ଗଜପତି ପାଇଁ ପାଣିପାଗ ବିଭାଗର ରେଡ୍ ଆଲର୍ଟ ଅନୁସାରେ ଜଳସମ୍ପଦ ବିଭାଗ ଓ ଜିଲ୍ଲା ପ୍ରଶାସନ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା କରିଥିଲେ କି ନାହିଁ, ତାହା ସନ୍ଦେହ ସୃଷ୍ଟି କରିଛି । ଜଳସମ୍ପଦ ବିଭାଗର ତଳଠାରୁ ଉପର ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ବର୍ଷା ସମ୍ଭାବନା ଓ ଜଳପ୍ରବାହ ସମ୍ପର୍କିତ ସୂଚନା ଥିବା ସତ୍ତ୍ୱେ ଶେଷ ମୁହୂର୍ତ୍ତଯାଏ କାହିଁକି ଅପେକ୍ଷା କରାଗଲା ବୋଲି ପ୍ରଶ୍ନ ଉଠିଛି ।

ସବୁଠାରୁ ସାଂଘାତିକ ଅଭିଯୋଗ ଉଠିଛି ଋଷିକୂଲ୍ୟା ଅବବାହିକାର ଜଳଭଣ୍ଡାରଗୁଡ଼ିକର ପରିଚାଳନାକୁ ନେଇ । ଘୋଡ଼ାହାଡ଼, ବାଘଲଟି, ବାହୁଡ଼ା, ଦହ, ସୋରଡ଼ା ଓ ଭଞ୍ଜନଗର ଅଞ୍ଚଳର ଜଳଭଣ୍ଡାରଗୁଡ଼ିକର ଜଳସ୍ତର ଓ ଜଳ ନିଷ୍କାସନକୁ ନେଇ ଉପଯୁକ୍ତ ସମନ୍ୱୟକୁ ନେଇ ପ୍ରଶ୍ନ ଉଠିଛି । ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁସାରେ ନଦୀରେ ବନ୍ୟାଜଳ ବଢ଼ିବା ପରେ ମଧ୍ୟ କେତେକ ଜଳଭଣ୍ଡାରରୁ ବିନା ଯଥେଷ୍ଟ ପୂର୍ବ ସୂଚନାରେ ଜଳ ନିଷ୍କାସନ କରାଯାଇଥିଲା । ନଦୀକୂଳିଆ ଗ୍ରାମବାସୀଙ୍କୁ ସାଇରନ ସତର୍କ ବି କରାଗଲା ନାହିଁ । ଏହା କେବଳ ବୈଷୟିକ ତ୍ରୁଟି ନୁହେଁ, ଲୋକଙ୍କ ଜୀବନକୁ ବିପଦ ମଧ୍ୟକୁ ଠେଲିଦେବା ସହ ସମାନ ବୋଲି ଅଭିଯୋଗ ହୋଇଛି ।

ବନ୍ୟାଜଳ ହଠାତ୍ ଗାଁ ଭିତରକୁ ପଶିବାରୁ ଜୀବନ ବଞ୍ଚାଇବା ସହ ଲୋକଙ୍କ ପାଖରେ ଆଉ କିଛି ବାଟ ନ ଥିଲା । ବର୍ଷ ବର୍ଷର ଜମାପୁଞ୍ଜି, ଘରର ଆସବାବପତ୍ର, ଦୋକାନର ସାମଗ୍ରୀ, ଗୃହପାଳିତ ପଶୁ ଓ ଚାଷଜମିର ଫସଲ ଜଳପ୍ରବାହରେ ନଷ୍ଟ ହୋଇଛି । ଅନେକ ପରିବାର ପିନ୍ଧାଲୁଗା ଛଡ଼ା ଆଉ କିଛି ରକ୍ଷା କରିପାରିନାହାନ୍ତି । ତିନିଟି ଜିଲ୍ଲାର ଚାଷୀଙ୍କ ପାଇଁ ଏହି ବନ୍ୟା ଜୀବିକା ଉପରେ ମଧ୍ୟ ଶକ୍ତ ପ୍ରହାର ହୋଇଛି ।

ସବୁଠାରୁ ଉଦ୍‌ବେଗଜନକ ହେଉଛି ଦୁର୍ଗମ ଓ ବିଚ୍ଛିନ୍ନ ଅଞ୍ଚଳରେ ଫସି ରହିଥିବା ଲୋକଙ୍କ ସ୍ଥିତି । ଏବେ ବି ଅନେକ ଗାଁରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଏବଂ ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚିପାରିନଥିବା ଅଭିଯୋଗ ଆସିଛି । କିଛି ଗାଁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଥିବା ଆଶଙ୍କା କରାଯାଉଛି । ମାଟି ଓ ପଥର ଅତଡ଼ା ତଳେ ଅନେକ ଲୋକ ଚାପି ହୋଇ ରହିଥିବା ସନ୍ଦେହ କରାଯାଉଛି । ୨ଟି ଗାଁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇ ଯାଇଛି ଓ ଅନେକ ଲୋକ ନିଖୋଜ ରହିଛନ୍ତି । ସେହିପରି ଆଉ କିଛି ଗାଁ ସମ୍ପୂର୍ଣ୍ଣ ଧୋଇ ଯାଇଥିବା ମଧ୍ୟ ଲୋକମାନେ ଆଶଙ୍କା କରୁଛନ୍ତି ।

ବିପର୍ଯ୍ୟୟ ପୂର୍ବରୁ ସତର୍କତା, ବିପର୍ଯ୍ୟୟ ▶ପୃଷ୍ଠା-୭

ପୂରା ଗାଁକୁ ମାଡ଼ିବସିଲା ପାହାଡ଼

ଭୂସ୍ଖଳନରେ ଭୂଇଁରେ ମିଶିଗଲା ଗିଡ଼ିପାବାଲ୍ଲୀ





■ ଭଞ୍ଜନଗର ୩୧।୧୦ (ସମିସ): କନ୍ଧମାଳ ଜିଲ୍ଲା ସୀମାନ୍ତରେ ଥିବା ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ ବାଇବାଲି ପଞ୍ଚାୟତର ଗିଡ଼ିପାବାଲି ଗାଁ ଭୂସ୍ଖଳନରେ ସମ୍ପୂର୍ଣ୍ଣ ଭାବେ ଧ୍ୱସ୍ତ ହୋଇଛି । ସେଠାରେ ରହୁଥିବା ୯ଟି ପରିବାରର ୨୬ଜଣଙ୍କ ମଧ୍ୟରୁ ୧୧ଜଣ ସୁରକ୍ଷିତ ଥିବା ବେଳେ ଶନିବାର ରବି ମଲ୍ଲିକ ନାମକ ଜଣେ ବ୍ୟକ୍ତିଙ୍କର ମୃତଦେହକୁ ଉଦ୍ଧାରକାରୀ ଦଳ ମାଟି ତଳୁ ବାହାର କରିଛନ୍ତି । ୧୨ଜଣ ବର୍ତ୍ତମାନ ସୁଦ୍ଧା ନିଖୋଜ ଅଛନ୍ତି । ଶନିବାର ସନ୍ଧ୍ୟା ହୋଇଯିବାକୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି ।

ସୂଚନାନୁସାରେ, ବୁଧବାର ରାତି ପ୍ରାୟ ୩ଟା ସମୟରେ ସମସ୍ତେ ନିଜ ନିଜ ଘରେ ଶୋଇଥିଲେ । ହଠାତ୍ ଏକ ବିରାଟ ଶବ୍ଦ ଶୁଣାଗଲା । କିଛି ବୁଝିବା ପୂର୍ବରୁ ପାହାଡ଼ ଉପରୁ ମାଟି, ପଥର, ଗଛ ଓ ପାଣିର ବିଶାଳ ସ୍ରୋତ ଗ୍ରାମ ଭିତରକୁ ମାଡ଼ି ଆସି ଘରଗୁଡ଼ିକୁ ପୋତି ଦେଇଥିଲା । ଏହି ବିଭୀଷିକା ମଧ୍ୟରେ ୧୧ ଜଣ ଅଳ୍ପକେ ଜୀବନ ବଞ୍ଚାଇବାରେ ସଫଳ ହୋଇଥିଲେ । ଭୂସ୍ଖଳନ ପରେ ଘରଦ୍ୱାର ଓ ସମସ୍ତ ସମ୍ପତ୍ତି ହରାଇଥିବା ଏହି ଲୋକମାନେ ବୁଧବାର ରାତିରୁ ଭୋକ ଓ ଶୋଷରେ ପାହାଡ଼ ପର୍ବତ ମଧ୍ୟରେ ଆଶ୍ରୟ ନେଇଥିଲେ । ଦୀର୍ଘ ସମୟର ସଂଘର୍ଷ ପରେ ଗୁରୁବାର ଅପରାହ୍ନ ପ୍ରାୟ ୨ଟା ସମୟରେ କତିଙ୍ଗିଆ ପଞ୍ଚାୟତର କିଲାପାଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ଅସ୍ଥାୟୀ ଆଶ୍ରୟସ୍ଥଳରେ ପହଞ୍ଚି ଆଶ୍ରୟ ନେଇଥିଲେ ।

ବର୍ତ୍ତମାନ ସୁଦ୍ଧା ଗ୍ରାମର ସନମନ ପ୍ରଧାନ, ବଳଦେବ ପ୍ରଧାନ, ବିଜୟ ପ୍ରଧାନ, ପ୍ରତାପ ପ୍ରଧାନ, ଜୟନ୍ତୀ ପ୍ରଧାନ, ପଦ୍ମା ପ୍ରଧାନ, ଦୁର୍ଗାସିନୀ ପ୍ରଧାନ, ବିଜୟଲକ୍ଷ୍ମୀ ପ୍ରଧାନ, ରାଜଲକ୍ଷ୍ମୀ ପ୍ରଧାନ, ଚିଙ୍ଗୁ ପ୍ରଧାନ, ତାରାବତୀ ପ୍ରଧାନ ଓ ସୁମିତ୍ରା ପ୍ରଧାନଙ୍କର ବର୍ତ୍ତମାନ ସୁଦ୍ଧା କୌଣସି ପତ୍ତା ମିଳିନାହିଁ । ଗଞ୍ଜାମ ▶ପୃଷ୍ଠା-୭

ନିଖୋଜଙ୍କୁ ଖୋଜିବ ନାଭାଲ ହେଲିକପ୍ଟର

ନିଖୋଜ ଲୋକଙ୍କୁ ଖୋଜିବାକୁ ଲାଇଭ୍ ଡିଟେକ୍ସନ ୟୁନିଟର ସହାୟତା ନେଇଛନ୍ତି ରାଜ୍ୟ ସରକାର । ଲାଇଭ୍ ଡିଟେକ୍ସନ୍ ୟୁନିଟ୍ ସିଗମିକ୍ ସହ ଉଡ଼ିବ ନାଭାଲ ହେଲିକେପ୍ଟର । ସମ୍ପୂର୍ଣ୍ଣ ଅଞ୍ଚଳକୁ ସ୍କାନ୍ କରାଯିବ । ଭୂକମ୍ପ, ଭୂସ୍ଖଳନ, କୋଠା ଭୁଶୁଡ଼ିବା ସମୟରେ ଜୀବନ ସନ୍ଧାନ ପାଇଁ ଏହା ବ୍ୟବାହର ହୋଇଥାଏ । ମାଟି, ପଥର କିମ୍ବା ଭଗ୍ନାବଶେଷ ତଳେ ଚାପି ହୋଇଥିବା ଜୀବିତ ବ୍ୟକ୍ତିଙ୍କୁ ଖୋଜିବାରେ ଏହା ସହାୟକ ହୋଇଥାଏ । ମାନବ ଶରୀରର ସୂକ୍ଷ୍ମ ସ୍ପନ୍ଦନ, ହୃଦସ୍ପନ୍ଦନ, ଶ୍ୱାସକ୍ରିୟା ଏବଂ ଶରୀରର ତାପମାତ୍ରାକୁ ଏହି ଜ୍ଞାନକୌଶଳ ଚିହ୍ନଟ କରେ ।

ଜୀବନହାନିକୁ ନେଇ ନବୀନ ଉଦ୍‌ବିଗ୍ନ

ଲୋକଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ତ୍ୱରିତ୍ ପଦକ୍ଷେପ ନିଅନ୍ତୁ ସରକାର



■ ଭୁବନେଶ୍ୱର, ୩୧।୧୦ (ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଅନ୍ତର୍ଗତ ଡାଙ୍ଗେସି ଗ୍ରାମରେ ଭୂସ୍ଖଳନରେ ଏକାଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ବି ଅନେକ ଲୋକେ ନିଖୋଜ ଅଛନ୍ତି । ଏପରି ଅଭାବନୀୟ ଘଟଣାକୁ ନେଇ ଉଦବେଗ ତଥା ଦୁଃଖ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଓଡ଼ିଶାର କନ୍ଧମାଳ ଜିଲ୍ଲାରେ ଭୂସ୍ଖଳନ ଘଟି ▶ପୃଷ୍ଠା-୭

ମିଳିଲାନି ସହାୟତା

ବ୍ଲକ ଘେରିଲେ ବିପନ୍ନ

■ ଶେରଗଡ଼, ୩୧।୧୦ (ସମିସ): ନଦିନୀ ନଦୀରେ ବନ୍ୟା ଜଳ ପ୍ରବାହିତ ଯୋଗୁଁ ଶେରଗଡ ବ୍ଲକର ବିଭିନ୍ନ ପଞ୍ଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ବ୍ଲକର ହଜାର ହଜାର ଜନସାଧାରଣ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି । ଯଦିଓ ବନ୍ୟା ଜଳ କମିଛି ହେଲେ ବହୁ ସଂଖ୍ୟାରେ ବନ୍ୟା ବିପନ୍ନ ବର୍ତ୍ତମାନ ସୁଦ୍ଧା ନିଜ ଘରକୁ ଫେରି ନାହାନ୍ତି । ଏହି ପରିସ୍ଥିତିରେ ବାତ୍ୟା ଆଶ୍ରୟସ୍ଥଳୀରେ ରହିଥିବା ସମସ୍ତ ବିପନ୍ନ



ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ଶିଶୁଙ୍କ ଖାଦ୍ୟ, କିମ୍ବା ଆବଶ୍ୟକ ▶ପୃଷ୍ଠା-୭

ଜନଆକ୍ରୋଶର ବିସ୍ଫୋରଣ

ବିଭିନ୍ନ ସ୍ଥାନରେ ନେତା, ମନ୍ତ୍ରୀ ଓ ଅଫିସରଙ୍କୁ ତୀବ୍ର ବିରୋଧ

- ଖଲ୍ଲିକୋଟ ବିଧାୟକଙ୍କୁ ଆକ୍ରମଣ, ଆସ୍କା ବିଧାୟକଙ୍କୁ ବିରୋଧ
- ଶେରଗଡ଼ ବଜାରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଘେରିଲେ ଲୋକେ
- ସାନଖେମୁଣ୍ଡିରେ ବିଡିଓଙ୍କ ଗାଡ଼ି ଆଗରେ ଶୋଇଲେ ଗ୍ରାମବାସୀ
- ହିଞ୍ଜିଳି, ଖଲ୍ଲିକୋଟ, ଶେରଗଡ଼ ଓ ସୋରଡ଼ାରେ ଅସନ୍ତୋଷର ନିଆଁ

■ବ୍ରହ୍ମପୁର/ଶେରଗଡ଼/ପୁରୁଷୋତ୍ତମପୁର, ୩୧।୧୦ (ସମିସ): ବାତ୍ୟା ଚାଲିଗଲା, ହେଲେ ଗଞ୍ଜାମରୁ ହଟିନି ଦୁର୍ଦ୍ଦଶା । ବାତ୍ୟା ପରବର୍ତ୍ତୀ ପ୍ରବଳ ବର୍ଷା ଓ ବନ୍ୟା ଜିଲ୍ଲାର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । କେଉଁଠି ଘରେ ବନ୍ୟାଜଳ ପଶିଛି ତ ଆଉ କେଉଁଠି ଏକର ଏକର ଚାଷଜମି ଜଳମଗ୍ନ । ବିଦ୍ୟୁତ୍ ଯୋଗାଣ ଠପ୍, ପାନୀୟ ଜଳ ସଙ୍କଟ ଉତ୍କଟ ଏବଂ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ । ଏଭଳି ସମୟରେ ଲୋକଙ୍କ ନିକଟରେ ତ୍ୱରିତ ସହାୟତା ପହଞ୍ଚାଇବାରେ ପ୍ରଶାସନର ବିଳମ୍ବ ଏବେ ଅସନ୍ତୋଷକୁ ଆକ୍ରୋଶରେ ପରିଣତ କରିଛି । ଫଳରେ ଗଞ୍ଜାମରେ ସରକାରୀ ବ୍ୟବସ୍ଥା ଓ ଜନପ୍ରତିନିଧିଙ୍କ ବିରୋଧରେ ଜନତାଙ୍କ ଅସନ୍ତୋଷ ରାଜରାସ୍ତାକୁ ଓହ୍ଲାଇଛି । ଗତକାଲି ହିଞ୍ଜିଳିରେ ଖଣି ମନ୍ତ୍ରୀଙ୍କୁ ଲୋକଙ୍କ ବିରୋଧର ସାମ୍ନା କରିବାକୁ ପଡ଼ିଥିବାବେଳେ ଶନିବାର ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମଧ୍ୟ ଲୋକଙ୍କ ତୀବ୍ର ଅସନ୍ତୋଷର ଶିକାର ହୋଇଛନ୍ତି । ଶେରଗଡ଼ରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଘେରିଛନ୍ତି ଉତ୍ତ୍ୟକ୍ତ ଲୋକେ । ସାନଖେମୁଣ୍ଡିରେ ବିଡିଓଙ୍କ ▶ପୃଷ୍ଠା-୭



ସକାଳ
THE SAKALA
www.sakalaepaper.com

ଯୁଦ୍ଧ ଆଶଙ୍କା; ୟୁରୋପରେ ଆଲର୍ଟ

୭ ଦିନ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବାକୁ ପରାମର୍ଶ

ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ବିଶ୍ୱରେ ବଢ଼ୁଥିବା ଅନିଶ୍ଚିତତା, ପ୍ରାକୃତିକ ବିପର୍ଯ୍ୟୟ ଓ ସମ୍ଭାବ୍ୟ ଯୁଦ୍ଧ ଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ଘରେ ଜରୁରୀ ସାମଗ୍ରୀ ମହଜୁଦ ରଖିବାକୁ ବିଭିନ୍ନ ଦେଶ ସେମାନଙ୍କ ନାଗରିକଙ୍କୁ ପରାମର୍ଶ ଦେଉଛନ୍ତି। ଆମେରିକା, ବ୍ରିଟେନ୍, ଜାପାନ ସମେତ ୟୁରୋପର ଅନେକ ଦେଶ ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିଛନ୍ତି। ଦେଶ ଅନୁସାରେ ତିନି ଦିନରୁ ଆରମ୍ଭ କରି ପ୍ରାୟ ଦୁଇ ସପ୍ତାହ ପର୍ଯ୍ୟନ୍ତ ଆବଶ୍ୟକ ସାମଗ୍ରୀ ଘରେ ରଖିବାକୁ କୁହାଯାଇଛି। ଆମେରିକାରେ ସମ୍ଭାବ୍ୟ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମୟରେ କିଛି ଦିନ ପର୍ଯ୍ୟନ୍ତ ନିଜ ବ୍ୟବସ୍ଥାରେ ଚଳିବା ପାଇଁ ନାଗରିକଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ବ୍ରିଟେନ୍‌ର 'ବି ରେଡି' ଅଭିଯାନରେ ଅତିକମ୍‌ରେ ୩ ଦିନ ପାଇଁ ଆବଶ୍ୟକ ସାମଗ୍ରୀ ରଖିବାକୁ ପରାମର୍ଶ ଦିଆଯାଇଛି। ଜାପାନ ନଭେମ୍ବର ୨ରେ ଏ ସଂକ୍ରାନ୍ତରେ ଯୋଜନା ଘୋଷଣା କରିବାର ସମ୍ଭାବନା ରହିଛି।

ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ଜର୍ମାନୀରେ ୧୦ ଦିନ, ନରୱେ ଓ ସ୍ୱିଡେନ୍‌ରେ ୭ ଦିନ, ଫିନଲାଣ୍ଡ, ଫ୍ରାନ୍ସ ଓ ଚେକ୍ ଗଣରାଜ୍ୟରେ ୭୨ ଘଣ୍ଟା ପାଇଁ ଜରୁରୀ ସାମଗ୍ରୀ ରଖିବାକୁ ପରାମର୍ଶ ରହିଛି। ୟୁରୋପୀୟ ସଂଘ ମଧ୍ୟ ଅତିକମ୍‌ରେ ୭୨ ଘଣ୍ଟା ପାଇଁ ପ୍ରସ୍ତୁତ ରହିବାକୁ କହିଛି। ନରୱେର ମାର୍ଗଦର୍ଶିକାରେ ଖରାପ ପାଣିପାଗ, ମହାମାରୀ, ଦୁର୍ଘଟଣା, ଅନ୍ତର୍ଘାତୀ କାର୍ଯ୍ୟ ଏବଂ ଯୁଦ୍ଧ ଭଳି ପରିସ୍ଥିତିକୁ ସମ୍ଭାବ୍ୟ ବିପଦ




ଭାବେ ଉଲ୍ଲେଖ କରାଯାଇଛି। ଏହାର ସାମ୍ନା କରିବାକୁ ଅତ୍ୟାବଶ୍ୟକ ଜିନିଷଗୁଡ଼ିକ ରଖିବାକୁ କୁହାଯାଇଛି। ସେଥି ମଧ୍ୟରେ ପିଇବା ପାଣି, ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ଜିନିଷ ରହିଛି। ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଦୈନିକ ଅତିକମ୍‌ରେ ୩ ଲିଟର ପାଣି ରଖିବା ଉଚିତ। ରୋଷେଇ ଓ ସଫାସୁତୁରା ପାଇଁ ଅଧିକ ପାଣି ଆବଶ୍ୟକ ହୋଇପାରେ। ଦୀର୍ଘ ସମୟ ରହିପାରୁଥିବା ଖାଦ୍ୟ ଯଥା ଶୁଖିଲା ଫଳ, ବାଦାମ, ବିସ୍କୁଟ, ଟିଣବନ୍ଦ ମାଛ, ମାଂସ ଓ ପନିପରିବା ରଖିବା ଆବଶ୍ୟକ। ଫ୍ରିଜ୍ କିମ୍ବା ରୋଷେଇର ଆବଶ୍ୟକତା ନଥିବା ଖାଦ୍ୟକୁ ପ୍ରାଥମିକତା ଦେବା ଉଚିତ। ସେହିପରି ପାୱାର ବ୍ୟାଙ୍କ, ଚାର୍ଜିଂ କେବୁଲ୍, ଟର୍ଚ୍ଚ, ଅତିରିକ୍ତ ବ୍ୟାଟେରି ଓ ବ୍ୟାଟେରିଚାଳିତ

ଆମେରିକା, ଜାପାନରେ ବି ଆତଙ୍କର ବାତାବରଣ

ରେଡିଓ ରଖିବା ଦରକାର। ସେହିପରି ନିୟମିତ ଖାଉଥିବା ଔଷଧ ସହ ପ୍ରାଥମିକ ଚିକିତ୍ସା ବାକ୍ସ, ବ୍ୟାଣ୍ଡେଜ୍, ତୁଳା, ଥର୍ମମିଟର ଓ ଆଣ୍ଟିସେପ୍ଟିକ୍ ରଖିବା ଉଚିତ। ସ୍ୱଚ୍ଛତା ଓ ଜରୁରୀ ଦସ୍ତାବିଜ ଯଥା, ସାବୁନ, ଟୁଥ୍‌ବ୍ରଶ୍, ଟୁଥ୍‌ପେଷ୍ଟ, ଟଏଲେଟ୍ ପେପର, ଓଦା ଟିସୁ ସହ କିଛି ନଗଦ ଟଙ୍କା ରଖିବା ଆବଶ୍ୟକ। ପରିଚୟପତ୍ର, ବୀମା ଓ ଚିକିତ୍ସା ସମ୍ପର୍କିତ କାଗଜପତ୍ରର ନକଲ ମଧ୍ୟ ସୁରକ୍ଷିତ ରଖିବାକୁ କୁହାଯାଇଛି। ଶୀତପ୍ରବଣ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଗରମ ପୋଷାକ, କମ୍ବଳ ଓ ଆବଶ୍ୟକ ଇନ୍ଧନ ରଖିବାକୁ ପରାମର୍ଶ ଦିଆଯାଇଛି। ଗୃହପାଳିତ ପଶୁ ଥିବା ପରିବାର ସେମାନଙ୍କ ପାଇଁ ଖାଦ୍ୟ ଓ ଔଷଧ ମଧ୍ୟ ମହଜୁଦ ରଖିବାକୁ କୁହାଯାଇଛି।

ବିଶେଷ ଟିପ୍ପଣୀ



ନିର୍ବାଚନ କମିସନ ପ୍ରତି ୭ଟି ଭୋଟରୁ ୧ଟି ଭୋଟକୁ ହଟାଇଥିବା ସ୍ୱୀକାର କରିଛନ୍ତି। ଅର୍ଥାତ୍ ୨୦୨୪ ନିର୍ବାଚନ ଅବୈଧ ଥିଲା। ଜ୍ଞାନେଶ ଏବଂ ତାଙ୍କ ସହଯୋଗୀ ଷଡଯନ୍ତ୍ରକାରୀମାନେ ଦେଶଦ୍ରୋହ କରିଛନ୍ତି।

-ରାହୁଲ ଗାନ୍ଧୀ
(ଲୋକସଭା ବିରୋଧୀ ଦଳ ନେତା)



ଲାଲ ଗୁମ୍ବାଡର ବାସିନ୍ଦା କୁନ୍ନେ ଲାଲଙ୍କୁ ଭାରତୀୟ ନିର୍ବାଚନ କମିସନ ମୃତ ଘୋଷଣା କରିଛନ୍ତି। କିନ୍ତୁ ସେ ଆଜି ସିଇସି ଜ୍ଞାନେଶ କୁମାରଙ୍କ ଜନ ମହାଭିଯୋଗରେ ଉପସ୍ଥିତ ଅଛନ୍ତି।

- ଶଶି ଥରୁର (କଂଗ୍ରେସ ଲୋକସଭା ସାଂସଦ

ଜେନ୍ Z

୧୨ ବର୍ଷ ଧରି କ୍ଷମତାରେ ରହିବା ପରେ, ମୋଦୀ ସରକାର ଚୀନ୍ ଉତ୍ପାଦର ଗୁଣାତ୍ମକ ଭାରତୀୟ ବିକଳ୍ପ ଯୋଗାଇବାରେ ବିଫଳ ହୋଇଛନ୍ତି। ଏହାକୁ ସେମାନେ ଜନତାଙ୍କ ଦେଶପ୍ରେମ ଅଭାବ ବୋଲି କହୁଛନ୍ତି। ନିଜ ବିଫଳତାର ଦୋଷ ଲୋକଙ୍କ ଉପରେ ଲଦିବା ସେମାନଙ୍କର ଅଭ୍ୟାସ।

-ସରଳ ପଟେଲ @SaralPatel

ୟୁପିରେ କଟିଛନ୍ତି ୧.୨୭ କୋଟି ହିନ୍ଦୁ ଭୋଟର: ଯୋଗୀ

ଲକ୍ଷ୍ନୌ,୩୧।୧୦(ଏଜେନ୍ସି): ଉତ୍ତରପ୍ରଦେଶର ଭୋଟର ତାଲିକାରୁ ୧.୨୭ କୋଟି ହିନ୍ଦୁଙ୍କ ନାମ ବାଦ୍ ପଡ଼ିଥିବା ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ଶୁକ୍ରବାର ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ସେ ଭୋଟର ତାଲିକାର ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଉପରେ ସତର୍କ ନଜର ରଖିବାକୁ ଦଳୀୟ କର୍ମୀଙ୍କୁ କହିଛନ୍ତି। ଯୋଗୀଙ୍କ ଦାବି ଅନୁସାରେ, ଉତ୍ତରପ୍ରଦେଶରେ ୧୬ କୋଟିରୁ ଅଧିକ ଭୋଟର ରହିବା କଥା। କିନ୍ତୁ ବର୍ତ୍ତମାନ ଭୋଟରଙ୍କ ସଂଖ୍ୟା ପ୍ରାୟ ୧୩ କୋଟି। ପଞ୍ଚାୟତ ଭୋଟର ତାଲିକାରେ ଥିବା ୬୬ ଲକ୍ଷ ଲୋକଙ୍କ ନାମ ବିଧାନସଭା ଭୋଟର ତାଲିକାରେ ନାହିଁ ବୋଲି ସେ କହିଛନ୍ତି। ସେହିପରି ୫୫ ଲକ୍ଷ ସରକାରୀ ଯୋଜନାର ହିତାଧିକାରୀ ଏବଂ ୧୮ରୁ ୧୯ ବର୍ଷ ବୟସର ପ୍ରାୟ ୪.୫ ଲକ୍ଷ ଯୁବକଯୁବତୀଙ୍କ ନାମ ମଧ୍ୟ ତାଲିକାରେ ନଥିବା ତାଙ୍କ ଦାବି। ବୁଥ୍‌ସ୍ତରୀୟ ଅଧିକାରୀଙ୍କ (ବିଏଲ୍‌ଓ) ସହ ସମନ୍ୱୟ ରଖି ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ ତାଲିକାରେ ସାମିଲ କରାଇବାକୁ ସେ ଦଳୀୟ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ଆୟୋଗଙ୍କ ତଥ୍ୟ ଅନୁଯାୟୀ, ଏସ୍‌ଆଇଆର୍ ପରେ ଉତ୍ତରପ୍ରଦେଶରୁ ୨.୦୪ କୋଟି ଭୋଟରଙ୍କ ନାମ ବାଦ୍ ପଡ଼ିଥିବା ବେଳେ ୮୪ ଲକ୍ଷରୁ ଅଧିକ ନୂଆ ଭୋଟର ସାମିଲ ହୋଇଛନ୍ତି। ଫଳରେ ମୋଟ ଭୋଟରଙ୍କ ସଂଖ୍ୟା ୧୩ କୋଟି ୩୯ ଲକ୍ଷ ୮୪ ହଜାର ୭୯୨ରେ ପହଞ୍ଚିଛି।

ଜୋତା କାରଖାନାରେ ନିଆଁ; ୪ ମୃତ

ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ଦିଲ୍ଲୀର ମଙ୍ଗୋଲପୁରୀ ଶିଳ୍ପାଞ୍ଚଳ ଫେଜ୍-୧ରେ ଥିବା ଏକ ଜୋତା କାରଖାନାରେ ଶୁକ୍ରବାର ରାତି ପ୍ରାୟ ୯ଟା ୩୦ରେ ଭୟାବହ ଅଗ୍ନିକାଣ୍ଡ ଘଟି ୪ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୨ ଜଣ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଉଦ୍ଧାରକାରୀ ଦଳ କାରଖାନା ଭିତରୁ ୬ ଜଣଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ସଞ୍ଜୟ ଗାନ୍ଧୀ ମେମୋରିଆଲ ହସ୍ପିଟାଲକୁ ପଠାଇଥିଲେ। ଏହାବ୍ୟତୀତ କୋଠାର ଚତୁର୍ଥ ମହଲାରୁ ଆଉ ୫ ଜଣଙ୍କୁ ଉଦ୍ଧାର କରାଯାଇଛି। ଦିଲ୍ଲୀ ଅଗ୍ନିଶମ ସେବାର ସହକାରୀ ଡିଭିଜନାଲ ଅଧିକାରୀ ପରାସ କୁମାରଙ୍କ ସୂଚନା ଅନୁଯାୟୀ, କାରଖାନାର ତଳ ମହଲାରେ ନିଆଁ ଲାଗିଥିଲା। ଏହା ଜୋତା ତିଆରି ଓ ଗଚ୍ଛିତ ରଖିବା କାର୍ଯ୍ୟରେ ବ୍ୟବହୃତ ହେଉଥିଲା। ନିଆଁକୁ ଆୟତ୍ତ କରାଯାଇଛି ଏବଂ ଥଣ୍ଡା କରିବା ପ୍ରକ୍ରିୟା ଚାଲିଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ସୂଚନାଯୋଗ୍ୟ, ଚଳିତ ବର୍ଷ ଦିଲ୍ଲୀରେ ଅଗ୍ନିକାଣ୍ଡ ଯୋଗୁଁ ୧୦୧ ଜଣଙ୍କ ମୃତ୍ୟୁ ହୋଇଛି। ଜୁନ୍ ମାସରେ ମାଳବୀୟ ନଗରର ଏକ ହୋଟେଲରେ ନିଆଁ ଲାଗି ୨୧ ଜଣଙ୍କ ଜୀବନ ଯାଇଥିଲା।

ଶ୍ରେଣୀଗୃହରେ ପଶି ଆକ୍ରମଣ

ଅନନ୍ତପୁର, ୩୧।୧୦ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲା ରାପ୍ତାଡୁସ୍ଥିତ ସରକାରୀ ସ୍କୁଲରେ ଦୁଇଜଣ ଦଶମ ଛାତ୍ରୀଙ୍କୁ ଯାନ୍ତ୍ରିକ କରତରେ ଆକ୍ରମଣ କରାଯାଇଛି। ଶନିବାର ସକାଳ ୧୦.୩୦ରେ ଘଟିଥିବା ଘଟଣାରେ ଉଭୟ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ବିମାନ ଆମ୍ବୁଲାନ୍ସରେ ବେଙ୍ଗାଲୁରୁ ନେବାକୁ ବ୍ୟବସ୍ଥା ହେଉଛି। ପୁଲିସ ଅନୁସାରେ, ପାଠପଢ଼ା ଚାଲିଥିବା ବେଳେ ୨୧ ବର୍ଷୀୟ ହେମନ୍ତ ଓରଫ ଡୁମ୍ମୁ ହାତରେ ଯାନ୍ତ୍ରିକ କରତ ଧରି ଶ୍ରେଣୀଗୃହରେ ପଶି ଛାତ୍ରୀଦ୍ୱୟଙ୍କୁ ଆକ୍ରମଣ କରିଥିଲା। ସେ ଜଣେ ଛାତ୍ରୀଙ୍କ ଦୂର ସମ୍ପର୍କୀୟ ବୋଲି ଜଣାପଡ଼ିଛି। ଆକ୍ରମଣ ପରେ ଫେରାର ହୋଇଥିବା ଅଭିଯୁକ୍ତକୁ ଧର୍ମାବରମ୍ ରେଲଷ୍ଟେସନରୁ ପୁଲିସ ଗିରଫ କରିଛି। ଆହତ ଛାତ୍ରୀଙ୍କୁ ଅନନ୍ତପୁର ସରକାରୀ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଘଟଣାକୁ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ନିନ୍ଦା କରିବା ସହ ଚିକିତ୍ସା ଉପରେ ବ୍ୟକ୍ତିଗତ ନଜର ରଖିଛନ୍ତି। ଶିକ୍ଷାମନ୍ତ୍ରୀ ନାରା ଲୋକେଶ ମଧ୍ୟ ଅଭିଯୁକ୍ତ ବିରୋଧରେ କଠୋର ଆଇନଗତ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ପୋଲାଣ୍ଡରେ ଅଶାନ୍ତି; ବିଦେଶରୁ ଫେରିଲେ ରାଷ୍ଟ୍ରପତି

ୱାର୍‌ସ, ୩୧।୧୦ (ଏଜେନ୍ସି): ପୋଲାଣ୍ଡରେ ସାମ୍ବିଧାନିକ ଅଦାଲତର ମୁଖ୍ୟ ବିଚାରପତି ବୋଗଦାନ୍ ସ୍ୱିଏନ୍‌ଚକୋସ୍କି ଓ ଉପାଧ୍ୟକ୍ଷ ବାର୍ଟଲୋମିଜ୍ ସୋଚାନ୍‌ସ୍କିଙ୍କୁ ଜଣେ ବିଚାରପତି ନିଲମ୍ବନ କରିବା ପରେ ଦେଶରେ ରାଜନୈତିକ ଉତ୍ତେଜନା ଦେଖାଦେଇଛି। ଘଟଣାକୁ କେନ୍ଦ୍ର କରି ବିକ୍ଷୋଭ, ପୁଲିସ ମୁତୟନ ଓ ସରକାରଙ୍କ ବିରୋଧରେ କ୍ଷମତା ଦଖଲ ଅଭିଯୋଗ ଉଠିଛି। ଏହି ଘଟଣା ପରେ ରାଷ୍ଟ୍ରପତି କାରୋଲ ନାଭରୋକି ସେନେଗାଲ ଗସ୍ତ ଅଧାରୁ ବାତିଲ କରି ଦେଶକୁ ଫେରିଛନ୍ତି।



ଅଦାଲତ ମୁଖ୍ୟଙ୍କୁ ବିଚାରପତିଙ୍କ ନିଲମ୍ବନ, ରାସ୍ତାକୁ ଓହ୍ଲାଇଲେ ସମର୍ଥକ

ଅକ୍ଟୋବର ୩୦ ସନ୍ଧ୍ୟାରେ ସାମ୍ବିଧାନିକ ଟ୍ରିବ୍ୟୁନାଲର ୱେବ୍‌ସାଇଟ୍‌ରେ ଦୁଇ ଶୀର୍ଷ ଅଧିକାରୀଙ୍କ ନିଲମ୍ବନ ସମ୍ପର୍କରେ ସୂଚନା ପ୍ରକାଶ ପାଇଥିଲା। ବରିଷ୍ଠତା ଆଧାରରେ ବିଚାରପତି ଆନ୍ନା କୋର୍ୱିନ୍-ପିଓଟ୍ରୋସ୍କା ଏହି ପଦକ୍ଷେପ ନେଇଥିବା ଏବଂ ଆଇନର ଶାସନ ପୁନଃସ୍ଥାପନ ପାଇଁ ଏହା ଜରୁରୀ ବୋଲି କହିଥିଲେ। ସେ ନିଜକୁ ଟ୍ରିବ୍ୟୁନାଲର ନେତୃତ୍ୱ ଦାୟିତ୍ୱରେ ଥିବା ଘୋଷଣା କରିଥିଲେ। ଏହାକୁ ବିରୋଧ କରି ଅଦାଲତ ପରିସର ବାହାରେ ଶତାଧିକ ଲୋକ ଏକାଠି ହୋଇଥିଲେ। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଦଙ୍ଗା ନିୟନ୍ତ୍ରଣକାରୀ ପୁଲିସ ମୁତୟନ କରାଯାଇଥିଲା। ଟ୍ରିବ୍ୟୁନାଲର ଅଧିକାରିକ 'ଏକ୍ସ' ଆକାଉଣ୍ଟରେ ଏହି ଘଟଣାକୁ 'ସାମରିକ ବିଦ୍ରୋହ' ବା କ୍ଷମତା ଦଖଲ ଉଦ୍ୟମ ବୋଲି ଅଭିଯୋଗ କରାଯାଇଛି। ରାଷ୍ଟ୍ରପତି ନାଭରୋକି ମଧ୍ୟ ଦେଶକୁ ଫେରିବା ପରେ ଟ୍ରିବ୍ୟୁନାଲ ପରିସରରେ ପହଞ୍ଚିଥିଲେ। ଏହି ବିବାଦ ମଧ୍ୟରେ ଚୀନ୍‌ରେ ଅବସ୍ଥାପିତ ପୋଲାଣ୍ଡର ରାଷ୍ଟ୍ରଦୂତ ଜାକୁବ୍ କୁମୋଚ୍ ଇସ୍ତଫା ଦେଇଛନ୍ତି। ତେବେ ବୈଦେଶିକ ମନ୍ତ୍ରୀ ରାଡୋସ୍ଲା ସିକୋର୍ସ୍କି ତାଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କଙ୍କ ୟୁରୋପ ସମର୍ଥକ ସରକାର ୨୦୨୩ରେ କ୍ଷମତାକୁ ଆସିବା ପରଠାରୁ ନ୍ୟାୟପାଳିକାର ସ୍ୱାଧୀନତା ପୁନଃସ୍ଥାପନ ପାଇଁ ଉଦ୍ୟମ କରୁଛି।

ଆମେରିକା ଆକ୍ରମଣ କଲେ କଡ଼ା ଜବାବ ଦେବୁ: ଇରାନ

ତେହେରାନ,୩୧।୧୦(ଏଜେନ୍ସି): ଆମେରିକା ସହ ପୁଣି ଯୁଦ୍ଧ ଆଶଙ୍କା ମଧ୍ୟରେ ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମେନି ଦେଶର ସଶସ୍ତ୍ର ବାହିନୀକୁ ତୁରନ୍ତ ସାମରିକ ଆକ୍ରମଣ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶତ୍ରୁପକ୍ଷର ଯେକୌଣସି ଧମକର ଜବାବ ତୁରନ୍ତ, ଶକ୍ତିଶାଳୀ ଓ ଭୌଗୋଳିକ ସୀମାବନ୍ଧନ ବିନା ଦେବାକୁ ସେ କହିଛନ୍ତି। ଶନିବାର ନିଜର ଟେଲିଗ୍ରାମ୍ ଆକାଉଣ୍ଟରେ ପ୍ରକାଶିତ ବାର୍ତ୍ତାରେ ମୋଜତବା ସେନାକୁ ଆମେରିକା ଓ ଇସ୍ରାଏଲ୍‌ର ସମସ୍ତ ପ୍ରତ୍ୟକ୍ଷ ଓ ପରୋକ୍ଷ ସମ୍ପତ୍ତିକୁ ଲକ୍ଷ୍ୟଭେଦ ପରିସରକୁ ଆଣିବା ପାଇଁ ତାଲିକା ପ୍ରକାଶ କରିବାକୁ କହିଛନ୍ତି। ଏଥିସହ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଉତ୍ପାଦନ ବୃଦ୍ଧି, ସାମରିକ ଗୁଇନ୍ଦା ବ୍ୟବସ୍ଥା ସୁଦୃଢ଼ କରିବା ଏବଂ ସ୍ୱଦେଶୀ ପ୍ରତିରକ୍ଷା କ୍ଷମତା ବଢ଼ାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପଟେ ୟେମେନ୍‌ରେ ସାଉଦି ନେତୃତ୍ୱାଧୀନ ମେଣ୍ଟ ଓ ଇରାନ ସମର୍ଥିତ ହୁତି ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ତୀବ୍ର ହୋଇଛି। ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ସ୍ୱାଭାବିକ କରିବା ଏବଂ ଅବରୋଧ ହଟାଇବା ନେଇ ଆମେରିକା-ଇରାନ ମଧ୍ୟରେ ଆଲୋଚନା ଜାରି ରହିଛି। କତାର ମଧ୍ୟସ୍ଥତାରେ ଶୁକ୍ରବାର ତେହେରାନରେ ଆଲୋଚନା ହୋଇଥିଲେ ମଧ୍ୟ ଉଭୟ ପକ୍ଷ ମଧ୍ୟରେ ମତଭେଦ ରହିଛି। ଯୁଦ୍ଧ ଆରମ୍ଭ ପରଠାରୁ ୫୬ ବର୍ଷୀୟ ମୋଜତବା ସର୍ବସାଧାରଣରେ ଦେଖାଦେଇନାହାନ୍ତି। ଲିଖିତ ବାର୍ତ୍ତା ଜରିଆରେ ସେ ନିଜ ମତ ରଖୁଛନ୍ତି। ଫେବୃଆରି ୨୮ରେ ତେହେରାନ୍ ଉପରେ ଆମେରିକାର ପ୍ରଥମ ଆକ୍ରମଣରେ ସେ ଆହତ ହୋଇଥିବା ଇରାନର ଧର୍ମଗୁରୁ ମୋହସେନ୍ ହେୟଦାରି ଦାବି କରିଛନ୍ତି।


ହର୍ମୁଜ ମାଇନରେ ପିଟିହେଲା ଭାରତୀୟ ଜାହାଜ

ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ହର୍ମୁଜ୍ ପ୍ରଣାଳୀରେ ୨୭ ଜଣ ଭାରତୀୟ ନାବିକ ଥିବା ଏକ ତୈଳବାହୀ ଜାହାଜ ଲିମ୍‌ପେଟ୍



ମାଇନ୍ ଆକ୍ରମଣର ଶିକାର ହୋଇଛି। ଶୁକ୍ରବାର ପାନାମା ପତାକାଧାରୀ ଏମ୍‌ଟି ଲୁଇସ୍-୧ ଟ୍ୟାଙ୍କରକୁ ଏକ ଛୋଟ ନୌକାରୁ ଦୁଇଟି ଲିମ୍‌ପେଟ୍ ମାଇନ୍ ଲଗାଇ ଦିଆଯାଇଥିବା ରଏଟର୍ସ ରିପୋର୍ଟରେ କୁହାଯାଇଛି। ବିସ୍ଫୋରଣ ଯୋଗୁଁ ଜାହାଜର ଇଞ୍ଜିନ୍ କକ୍ଷରେ ନିଆଁ ଲାଗିଥିଲା ଏବଂ କିଛି ସମୟ ପାଇଁ ଜାହାଜର କାର୍ଯ୍ୟକ୍ଷମତା ପ୍ରଭାବିତ ହୋଇଥିଲା। ତେବେ ନାବିକମାନେ ନିଆଁକୁ ଆୟତ୍ତ କରିବା ପରେ ଜାହାଜ ପୁଣି ଯାତ୍ରା ଜାରି ରଖିଛି। ଏଥିରେ କୌଣସି ପରିବେଶଗତ କ୍ଷତି ହୋଇନାହିଁ। ଓମାନର ଖାସାବ୍‌ଠାରୁ ୪୬ କିଲୋମିଟର ଉତ୍ତର-ପୂର୍ବରେ ଏହି ଘଟଣା ଘଟିଥିବା ବ୍ରିଟିଶ୍ ସାମୁଦ୍ରିକ ସୁରକ୍ଷା ସଂସ୍ଥା କହିଛି। ଫେବୃଆରିରେ ସଂଘର୍ଷ ଆରମ୍ଭ ହେବା ପରଠାରୁ ଏହି ଜଳପଥରେ ଲିମ୍‌ପେଟ୍ ମାଇନ୍‌ର ସଫଳ ବ୍ୟବହାରର ଏହା ପ୍ରଥମ ଘଟଣା। ଏହାର ଦିନକ ପୂର୍ବରୁ ଦୁଇ ଭାରତୀୟ ଥିବା ଲାଇବେରିଆ ପତାକାଧାରୀ ଏମ୍‌ଟି ଆର୍‌ଜାନାହ୍ ଜାହାଜ ମଧ୍ୟ କ୍ଷେପଣାସ୍ତ୍ର ଭଳି ଏକ ପ୍ରକ୍ଷେପିତ ବସ୍ତୁର ଆକ୍ରମଣର ଶିକାର ହୋଇଥିଲା। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି, ସମସ୍ତ ନାବିକ ସୁରକ୍ଷିତ ଅଛନ୍ତି ଏବଂ କାହାରି କୌଣସି ଆଘାତ ଲାଗିନାହିଁ।

ପଞ୍ଚତାରକା ହୋଟେଲ୍ ସୁଇମିଂ ପୁଲ୍‌ରେ ବିଦ୍ୟୁତ୍ ଆଘାତ; ୨ ବିଦେଶୀ ମୃତ




ବେଙ୍ଗାଲୁରୁ,୩୧।୧୦(ଏଜେନ୍ସି): ବେଙ୍ଗାଲୁରୁର ଏକ ପଞ୍ଚତାରକା ହୋଟେଲ୍‌ର ସୁଇମିଂ ପୁଲ୍‌ରେ ବିଦ୍ୟୁତ୍ ଆଘାତ ଲାଗି ଦୁଇ ବିଦେଶୀ ନାଗରିକଙ୍କ ମୃତ୍ୟୁ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ କନରାଡ୍ ହୋଟେଲ୍‌ର ତୃତୀୟ ମହଲାରେ ଥିବା ସୁଇମିଂ ପୁଲ୍‌ରେ ଏହି ଅଘଟଣ ଘଟିଛି। ଉଦ୍ଧାର ଉଦ୍ୟମ ବେଳେ ଜଣେ ଆମେରିକୀୟ ନାଗରିକ ଓ ହୋଟେଲ୍‌ର ଜଣେ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ମୃତକ ଦୁଇଜଣ ହେଲେ ଜର୍ମାନୀର ୫୭ ବର୍ଷୀୟ ଆଲେକ୍‌ଜାଣ୍ଡର ମାକ୍ସିମିଲିଆନ୍ ଥିସ୍ ଓ ସ୍ଲୋଭାକିଆର ୪୫ ବର୍ଷୀୟ ଜୁରାଜ୍ ହୋର୍ଭାଟ୍। ଆଲେକ୍‌ଜାଣ୍ଡର ଲୁଫ୍‌ଥାନ୍‌ସା ବିମାନ କମ୍ପାନିର କର୍ମଚାରୀ ଥିବାବେଳେ ହୋର୍ଭାଟ୍ ଆଇବିଏମ୍‌ରେ ପ୍ରକଳ୍ପ ପରିଚାଳକ ଥିଲେ। ଆହତ ଆମେରିକୀୟ ମାଥ୍ୟୁ ଡେସାଣ୍ଟିସ୍ ଓ ହୋଟେଲ୍ କର୍ମଚାରୀ ରାହୁଲ ତିୱାରୀଙ୍କ ଚିକିତ୍ସା ଚାଲିଛି। ଉଭୟ ବିପଦମୁକ୍ତ ଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ମୃତକଙ୍କ ପରିବାର ପକ୍ଷରୁ ହୋଟେଲ୍ ପରିଚାଳନାର ଅବହେଳା ଅଭିଯୋଗରେ ପୁଲିସରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘଟଣା ପରେ ହୋଟେଲ୍ କର୍ତ୍ତୃପକ୍ଷ ନଭେମ୍ବର ୩୦ ଯାଏଁ ସୁଇମିଂ ପୁଲ୍ ବନ୍ଦ ରଖିଛନ୍ତି।

ପ୍ରଦୂଷଣ ମୁକାବିଲା ପାଇଁ ଦିଲ୍ଲୀରେ କଟକଣା

ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ଆଗକୁ ଶୀତଦିନ ରହିଥିବା ବେଳେ ଦିଲ୍ଲୀ-ଏନସିଆର ଅଞ୍ଚଳରେ ବାୟୁ ଗୁଣବତ୍ତା ହ୍ରାସ ପାଉଛି। ଏହାପରେ ଦିଲ୍ଲୀ ସରକାର ଏବଂ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କେନ୍ଦ୍ରୀୟ ବାୟୁ ଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିଏକ୍ୟୁଏମ୍) କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ନଭେମ୍ବର ୧ ରୁ ୨୦୨୭ ଜାନୁଆରୀ ୩୧ ପର୍ଯ୍ୟନ୍ତ ବିଭିନ୍ନ କଟକଣାଗୁଡ଼ିକ ଲାଗୁ କରାଯିବ। ଏହି ସମୟରେ କାର୍ଯ୍ୟାଳୟ ଓ ନିର୍ମାଣ କାର୍ଯ୍ୟ ଉପରେ ନିଷେଧାଜ୍ଞା ଲାଗିଛି। ଦିଲ୍ଲୀ, ଗୁରୁଗ୍ରାମ, ଫରିଦାବାଦ, ସୋନିପତ, ଗାଜିଆବାଦ ଓ ଗୌତମ ବୁଦ୍ଧ ନଗରର ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ୫୦% କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଅବଶିଷ୍ଟ କର୍ମଚାରୀ ଘରୁ କାର୍ଯ୍ୟ (ୱାର୍କ ଫ୍ରମ୍ ହୋମ୍) କରିବେ। ଏହା ସହିତ ଧୂଳି ସୃଷ୍ଟି କରୁଥିବା ବାହ୍ୟ ନିର୍ମାଣ ଓ ଭଙ୍ଗାରୁଜା କାର୍ଯ୍ୟ ଉପରେ କଟକଣା ଲଗାଯାଇଛି। ତେବେ ରେଳବାଇ, ମେଟ୍ରୋ, ବିମାନବନ୍ଦର, ହସ୍ପିଟାଲ, ଜଳଯୋଗାଣ ଏବଂ ଜାତୀୟ ସୁରକ୍ଷା ସମ୍ବନ୍ଧୀୟ ଜରୁରୀକାଳୀନ ପ୍ରକଳ୍ପଗୁଡ଼ିକୁ ଏଥିରୁ ଛାଡ଼ କରାଯାଇଛି। ଯାନବାହାନ କଟକଣା ଲାଗୁ ହେବା ସହ ଅଫିସ ସମୟସାରଣୀରେ ପରିବର୍ତ୍ତନ କରାହୋଇଛି। ଏଥିରେ ଗ୍ରାପ (ଜିଆର୍‌ଏପି) ନିୟମାବଳୀ ଅନୁଯାୟୀ, ନଭେମ୍ବର ୧ ରୁ ବିଏସ୍-୬ ମାନକ ନଥିବା ଗାଡ଼ି, ବୈଧ ପିଉସିସି (ପ୍ରଦୂଷଣ ପ୍ରମାଣ) ନଥିବା ଯାନବାହାନ ଏବଂ ବାହାର ରାଜ୍ୟର ପ୍ରଦୂଷଣକାରୀ ଗାଡ଼ି ପ୍ରବେଶ ଉପରେ ନିଷେଧାଜ୍ଞା ରହିଛି।




ସାମ୍ବାଦିକ ନିଧିଙ୍କ ହାତ ଧରିଲେ ଓମାର



ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ଜମ୍ମୁ-କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସାମ୍ବାଦିକ ନିଧି ରଜଦାନଙ୍କୁ ବିବାହ କରିଛନ୍ତି। ଶୁକ୍ରବାର ଅକ୍ଟୋବର ୩୦ରେ ଏହି ବିବାହ ସମ୍ପନ୍ନ ହୋଇଥିବା ବେଳେ ଶନିବାର ଉଭୟ ସାମାଜିକ ଗଣମାଧ୍ୟମରେ ଫଟୋ ସେୟାର କରି ଏହି ଖୁସି ଖବର ଜଣାଇଛନ୍ତି। ୫୬ ବର୍ଷୀୟ ଓମାର ଏକ୍ସରେ ଦୁଇଟି ଫଟୋ ପୋଷ୍ଟ କରି 'ଗତକାଲି ଏକ ନୂଆ ଯାତ୍ରା ଆରମ୍ଭ ହେଲା' ବୋଲି ଲେଖିଛନ୍ତି। ଏଥିରେ ସେ ୪୯ ବର୍ଷୀୟ ନିଧିଙ୍କୁ ମଧ୍ୟ ଟ୍ୟାଗ୍ କରିଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସ୍ୱତନ୍ତ୍ର ବିବାହ ଆଇନ ଅନୁସାରେ ଉଭୟଙ୍କ ବିବାହ ହୋଇଛି। ଏଥିରେ ଉଭୟ ପରିବାରର ସଦସ୍ୟ ସାକ୍ଷୀ ରହିଥିଲେ। ଶ୍ରୀନଗର ଓ ନୂଆଦିଲ୍ଲୀରେ ବିବାହ ସମ୍ପର୍କିତ ଉତ୍ସବ ଆୟୋଜନ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଓମାରଙ୍କ ପ୍ରଥମ ପତ୍ନୀ ପାୟଲ ନାଥଙ୍କ ସହ ବିବାହ ବିଚ୍ଛେଦକୁ ସୁପ୍ରିମକୋର୍ଟ ଚଳିତ ବର୍ଷ ଜୁଲାଇ ୩୧ରେ ମଞ୍ଜୁରି ଦେଇଥିଲେ। ଉଭୟ ପକ୍ଷଙ୍କ ସହମତି ଆଧାରରେ ଏହି ବିଚ୍ଛେଦ ହୋଇଥିଲା।

ଦାୟିତ୍ୱ ନେଲେ ନୂଆ ବାୟୁସେନା ମୁଖ୍ୟ ଆଶୁତୋଷ ଦୀକ୍ଷିତ

ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ଭାରତୀୟ ବାୟୁସେନାର ନୂଆ ମୁଖ୍ୟ ଭାବେ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି ଏୟାର ଚିଫ୍ ମାର୍ଶାଲ ଆଶୁତୋଷ ଦୀକ୍ଷିତ। ସେ ଏୟାର ଚିଫ୍ ମାର୍ଶାଲ ଏପି ସିଂହଙ୍କ ସ୍ଥାନ ନେଇଛନ୍ତି। ୪୩ ବର୍ଷର ଦୀର୍ଘ ସେବା ପରେ ଏପି ସିଂହ ଅବସର ଗ୍ରହଣ କରିଛନ୍ତି। ନୂଆଦିଲ୍ଲୀର ରେସ୍‌କୋର୍ସ ବାୟୁସେନା ଷ୍ଟେସନ୍‌ରେ ଏପି ସିଂହଙ୍କୁ ଔପଚାରିକ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା। ଏହାପରେ ସେ ଦାୟିତ୍ୱଭାର ଦୀକ୍ଷିତଙ୍କୁ ହସ୍ତାନ୍ତର କରିଥିଲେ। ୧୯୬୬ ଡିସେମ୍ବର ୯ରେ ଜନ୍ମିତ ଦୀକ୍ଷିତ ୧୯୮୬ ଡିସେମ୍ବର ୬ରେ ଭାରତୀୟ ବାୟୁସେନାର ଯୁଦ୍ଧବିମାନ ଶାଖାରେ ଯୋଗ ଦେଇଥିଲେ। ପ୍ରାୟ ଚାରି ଦଶନ୍ଧିର ସେବା ଜୀବନରେ ସେ ବିଭିନ୍ନ କମାଣ୍ଡ, ପ୍ରଶାସନିକ ଓ ପ୍ରଶିକ୍ଷଣ ସମ୍ବନ୍ଧୀୟ ଦାୟିତ୍ୱ ତୁଲାଇଛନ୍ତି। ଅପରେସନ୍ ସିନ୍ଦୂରରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଦୀକ୍ଷିତଙ୍କର ୨୦ରୁ ଅଧିକ ପ୍ରକାରର ବିମାନ ଉଡ଼ାଇବାର ୩,୫୦୦ ଘଣ୍ଟାରୁ ଅଧିକ ଅଭିଜ୍ଞତା ରହିଛି।



ମହାକାଶରେ ନାଭିଗେସନ୍ ଉପଗ୍ରହ ଏନ୍‌ଭିଏସ୍-୦୩



ଶ୍ରୀହରିକୋଟା,୩୧।୧୦(ଏଜେନ୍ସି): ଭାରତର ନିଜସ୍ୱ ଉପଗ୍ରହ ନାଭିଗେସନ୍ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ଆଉ ଏକ ସଫଳତା ହାସଲ କରିଛି ଇସ୍ରୋ। ଶୁକ୍ରବାର ରାତି ୧୧ଟା ୫୧ ମିନିଟ୍‌ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଜିଏସ୍‌ଏଲ୍‌ଭି-ଏଫ୍୧୮ ରକେଟ୍ ମାଧ୍ୟମରେ ନାଭିଗେସନ୍ ଉପଗ୍ରହ ଏନ୍‌ଭିଏସ୍-୦୩ର ସଫଳ ଉତ୍କ୍ଷେପଣ କରାଯାଇଛି। ପ୍ରାୟ ୧୮ ମିନିଟ୍ ୪୦ ସେକେଣ୍ଡର ଯାତ୍ରା ପରେ ୨୨୩୨ କିଲୋଗ୍ରାମ ଓଜନର ଉପଗ୍ରହଟି ନିର୍ଦ୍ଧାରିତ କକ୍ଷପଥରେ ପହଞ୍ଚିଛି। ଏହି ଉପଗ୍ରହ ଭାରତର ନାଭିକ୍ (ନାଭିଗେସନ୍ ୱିଥ୍ ଇଣ୍ଡିଆନ୍ କନ୍‌ଷ୍ଟେଲେସନ୍) ବ୍ୟବସ୍ଥାର ଅଂଶ। ଏହା ଭାରତର ସମଗ୍ର ଭୂଭାଗ ସହ ସୀମାଠାରୁ ପ୍ରାୟ ୧୫୦୦ କିଲୋମିଟର ବାହାର ପର୍ଯ୍ୟନ୍ତ ଅବସ୍ଥିତି, ଦିଗ ଓ ସମୟ ସମ୍ପର୍କିତ ସଠିକ୍ ସୂଚନା ଦେବ। ଏହା ଭାରତୀୟ ସେନାର ରଣନୈତିକ କାର୍ଯ୍ୟରେ ସହାୟକ ହେବା ସହ ଯାତାୟାତ, ଜାହାଜ ଓ ବିମାନ ଚଳାଚଳ, ମତ୍ସ୍ୟଜୀବୀଙ୍କୁ ସମୁଦ୍ରରେ ଦିଗ ନିର୍ଣ୍ଣୟ ଏବଂ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ମଧ୍ୟ ଉପଯୋଗୀ ହେବ। ଏନ୍‌ଭିଏସ୍-୦୩ରେ ସ୍ୱଦେଶୀ ପରମାଣୁ ଘଡ଼ି ବ୍ୟବହାର କରାଯାଇଛି। ଏଥିରେ ପୂର୍ବରୁ ଥିବା ଏଲ୍-୫ ଓ ଏସ୍ ବ୍ୟାଣ୍ଡ ସହ ନୂଆ ଏଲ୍-୧ ସିଗ୍ନାଲ୍ ମଧ୍ୟ ଯୋଡ଼ାଯାଇଛି। ଏହା ଦ୍ୱାରା ନାଭିକ୍ ସେବା ଅଧିକ ଉପକରଣରେ ଉପଲବ୍ଧ ହେବାର ସମ୍ଭାବନା ରହିଛି। ଆମେରିକାର ଜିପିଏସ୍ ଭଳି ନାଭିକ୍ ମଧ୍ୟ ଅବସ୍ଥିତି ନିର୍ଣ୍ଣୟ ସେବା ଦେଇଥାଏ।

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 44 ◆ISSUE-127 ◆SUNDAY ◆1 NOVEMBER 2026 ◆PAGE-12 ◆₹ 7.00


◆ବର୍ଷ-୪୪ ◆ସଂଖ୍ୟା-୧୨୭ ◆ରବିବାର ◆୧ ନଭେମ୍ବର ୨୦୨୬ ◆ପୃଷ୍ଠା-୧୨+୪(ସିନ୍ଦୂରା) ◆ଟ.୭.୦୦

ସୁନା ୭ହଜାର, ରୁପା ୩୭ ହଜାର କମିଲା

ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ଘରୋଇ ବଜାରରେ ସୁନା ଏବଂ ରୁପା ମୂଲ୍ୟରେ ବଡ଼ ଧରଣର ହ୍ରାସ ପରିଲକ୍ଷିତ ହୋଇଛି। ଇଣ୍ଡିଆ ବୁଲିଅନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ(ଆଇବିଜେଏ) ଅନୁସାରେ, ଶୁକ୍ରବାର ରୁପା କିଲୋପ୍ରତି ୬,୬୭୮ ଟଙ୍କା ହ୍ରାସ ପାଇ କେଜି ୧ ଲକ୍ଷ ୮୪ ହଜାର ଟଙ୍କାକୁ ଖସି ଆସିଛି। ସେହିପରି ସୁନା ଦରରେ ମଧ ଶୁକ୍ରବାର ହ୍ରାସ ଘଟିଛି। ୨୪କ୍ୟାରେଟ ସୁନା ୧୦ ଗ୍ରାମ ପିଛା ଦର ୧୩୬୪ ଟଙ୍କା ହ୍ରାସ ପାଇ ଦର ୧ ଲକ୍ଷ ୪୧ ହଜାର ଟଙ୍କାକୁ ଖସିଆସିଛି। ବର୍ତ୍ତମାନ ବଜାର ମାନ୍ଦା ଚାଲିଥିବାରୁ ଉଭୟ ସୁନା ଓ ରୁପା ଦରରେ ହ୍ରାସ ଦେଖିବାକୁ ମିଳିଛି। ଅକ୍ଟୋବର ମାସରେ ଏ ପର୍ଯ୍ୟନ୍ତ ସୁଦ୍ଧା ରୁପା ଦରରେ ୩୭,୦୨୯ ଟଙ୍କା ହ୍ରାସ ପାଇସାରିଲାଣି। ଅକ୍ଟୋବର ମାସ ଆରମ୍ଭର ମୂଲ୍ୟ ଯଦି ଦେଖିବା ତେବେ ଅକ୍ଟୋବରପହିଲାରେ ରୁପା କିଲୋଗ୍ରାମ ପ୍ରତି ୨ ଲକ୍ଷ ୨୦ ହଜାର ଟଙ୍କା ରହିଥିଲା। ବର୍ତ୍ତମାନ ଏହା କିଲୋ ପିଛା ୧ ଲକ୍ଷ ୮୪ ହଜାର ଟଙ୍କାକୁ ହ୍ରାସ ପାଇଛି। ସେହିପରି ସୁନା ଦର ଅକ୍ଟୋବର ମାସରେ ୭,୨୪୭ ଟଙ୍କା ହ୍ରାସ ଘଟିଛି।

ପୁଣି ଆସୁଛି ବାତ୍ୟା

ଅର୍ଣ୍ଣବ ପଛେ ପଛେ 'ମୁରାସୁ'!



- ■ ବଙ୍ଗୋପସାଗରରେ ଅବପାତ, ଦକ୍ଷିଣ ଓଡ଼ିଶାକୁ ପୁଣି ବିପଦ
- ■ ଆସନ୍ତା ୩ ତାରିଖ ସକାଳେ ଆନ୍ଧ୍ର ଉପକୂଳ ଛୁଇଁବ ବାତ୍ୟା
- ■ ନେଲ୍ଲୁର ଏବଂ ନାରସାପୁର ମଧ୍ୟରେ କରିବ ଲ୍ୟାଣ୍ଡଫଲ୍!
- ■ ୩ରୁ ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲାରେ ଅତିପ୍ରବଳ ବର୍ଷା

■ଭୁବନେଶ୍ୱର,୩୧।୧୦(ସମିସ): ବାତ୍ୟା ଅର୍ଣ୍ଣବର ଭୟାଭୟତାରୁ ଏପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶା ମୁକୁଳି ପାରିନାହିଁ। ଗଞ୍ଜାମ, ଗଜପତି ଏବେବି ବନ୍ୟାରେ ଉବୁଟୁବୁ ହେଉଥିବା ବେଳେ ଉଦ୍ଧାର ତଥା ରିଲିଫ୍ କାର୍ଯ୍ୟ କରିବାକୁ ସରକାର ନାକେଦମ୍ ହେଲେଣି। ଏପରିସ୍ଥଳେ ଅର୍ଣ୍ଣବ ପଛେପଛେ ସମ୍ଭାବ୍ୟ ବାତ୍ୟା ମୁରାସୁ ରାଜ୍ୟବାସୀଙ୍କୁ ଭୟଭୀତ କଲାଣି। ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଶନିବାର ଅବପାତରେ ପରିଣତ ହୋଇଛି। ଆସନ୍ତା ୩ ତାରିଖ ସକାଳେ ଏହା ଭୀଷଣ ବାତ୍ୟା ରୂପ ନେଇ ଆନ୍ଧ୍ର ଉପକୂଳରେ ସ୍ଥଳପଥ ଅତିକ୍ରମ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ଶନିବାର ସ୍ପଷ୍ଟ କରିଛି। ଏହି ବାତ୍ୟା ଦ୍ୱାରା ଦକ୍ଷିଣ ଓଡ଼ିଶା ଏହାଦ୍ୱାରା ପୁଣିଥରେ ବିଶେଷ ଭାବରେ ପ୍ରଭାବିତ ହେବ। ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ଆସନ୍ତା ୩ ଓ ୪ ତାରିଖରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଆଇଏମଡି ପକ୍ଷରୁ ଆକଳନ କରାଯାଇଛି। ଗଞ୍ଜାମରେ ଏବେବି ବନ୍ୟା ପରିସ୍ଥିତି ସଂଗୀନ ଥିବାବେଳେ ମୁରାସୁର ପ୍ରକୋପ ଦକ୍ଷିଣ ଓଡ଼ିଶାରେ ପୁଣିଥରେ ବିପର୍ଯ୍ୟୟ ସୃଷ୍ଟି କରିବାର ଆଶଙ୍କା କରାଯାଉଛି।

ଆଇଏମଡିର ସୂଚନା ଅନୁସାରେ ଅବପାତଟି ପଶ୍ଚିମ-ଉତ୍ତରପଶ୍ଚିମରେ ଗତି କରି ଆଜି ରାତି ସୁଦ୍ଧା ଗଭୀର ଅବପାତ ଓ ଆସନ୍ତାକାଲି ବାତ୍ୟାରେ ପରିଣତ ହୋଇପାରେ। ୨ ତାରିଖ ବେଳକୁ ଏହା ଭୀଷଣ ବାତ୍ୟାର ରୂପ ନେବ। ୩ ତାରିଖ ସନ୍ଧ୍ୟାରେ ଏହା ଆନ୍ଧ୍ର ପ୍ରଦେଶ ଉପକୂଳ ଅତିକ୍ରମ କରିବାକୁ ଥିବାବେଳେ ଏହି ସମୟରେ ପବନର ସର୍ବାଧିକ ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିମି ରହିପାରେ। ସେହିପରି ଝଟକା ପବନର ବେଗ ୧୨୦ କିମି ଛୁଇଁବାର ସମ୍ଭାବନା ରହିଛି ବୋଲି ଆକଳନ କରିଛି ଆଇଏମଡି। ▶ପୃଷ୍ଠା-୭



ଇଣ୍ଡିଆ ମେଣ୍ଟର ଜ୍ଞାନେଶ ବିରୋଧୀ ଅଭିଯାନ

ଛାୟା ସଂସଦରେ ଜନ ମହାଭିଯୋଗ

ରାମଲୀଳା ମଇଦାନରେ ମହାସମାବେଶ ଆଜି

କଡ଼ା ସମାଲୋଚନା କଲା ବିଜେପି



■ନୂଆଦିଲ୍ଲୀ,୩୧।୧୦ (ଏଜେନ୍ସି): ଏସଆଇଆର ଜରିଆରେ ଦେଶରେ ପ୍ରାୟ ୧୩ କୋଟି ଭୋଟରଙ୍କ ନାମ କାଟି ବିବାଦରେ ଛନ୍ଦି ହୋଇଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଆସନ୍ତାକାଲି ଦିଲ୍ଲୀର ରାମଲୀଳା ମଇଦାନରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ବଡ଼ ଧରଣର ସମାବେଶ ହେବାକୁ ଯାଉଛି। ଏହାପୂର୍ବରୁ ଆଜି ଏଠାରେ ମେଣ୍ଟ ପକ୍ଷରୁ ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା ଲାଗି ପ୍ରତୀକାତ୍ମକ ଭାବେ ଜନ-ମହାଭିଯୋଗ ଅଣାଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବାସଭବନରେ ଅନୁଷ୍ଠିତ ମକ୍ ସଂସଦରେ ଆଗତ ଜନ-ଅଭିଯୋଗରେ ଜ୍ଞାନେଶଙ୍କ ବିରୋଧରେ ଗୁରୁତର ଅଭିଯୋଗ ହୋଇଛି। ବିଜେପି ସରକାର କଥାରେ ପଡ଼ି ଗଣତନ୍ତ୍ରର ହତ୍ୟା କରିଥିବାରୁ ସେ ହେଉଛନ୍ତି ଦେଶଦ୍ରୋହୀ। ତେଣୁ ତାଙ୍କୁ ମୁଖ୍ୟ ନିର୍ବାଚନ କମିସନର ପଦରୁ ତୁରନ୍ତ ବହିଷ୍କାର କରିବା ଲାଗି ଏଥିରେ ଦାବି କରାଯାଇଛି। ବୈଠକ ଶେଷରେ ସର୍ବସମ୍ମତିକ୍ରମେ ଜନ-ମହାଭିଯୋଗ ଗୃହୀତ ହୋଇଛି।

ନୂଆଦିଲ୍ଲୀସ୍ଥିତ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବାସଭବନରେ ଆଜି ଇଣ୍ଡିଆ ମେଣ୍ଟ ପକ୍ଷରୁ ଏହି ପ୍ରତୀକାତ୍ମକ ବା ସାଙ୍କେତିକ ଜନ ମହାଭିଯୋଗକାର୍ଯ୍ୟକ୍ରମଆୟୋଜିତହୋଇଥିଲା। ସାଙ୍କେତିକ ସଂସଦୀୟ କାର୍ଯ୍ୟକ୍ରମରେ ପୂର୍ବତନ ଲୋକସଭା ବାଚସ୍ପତି ମୀରା କୁମାର ବାଚସ୍ପତି ଭାବେ ଅଧ୍ୟକ୍ଷତା କରିଥିଲେ। ଏଥିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ଶଶି ଥରୁର, ସମାଜବାଦୀ ପାର୍ଟିର ଧର୍ମେନ୍ଦ୍ର ଯାଦବ, ମେହବୁବା ମୁଫ୍ତି ଏବଂ ଆଇସା ନେତ୍ରୀ ନେହା ବୋରାଙ୍କ ସମେତ ଅନେକ ବିରୋଧୀ ନେତା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଖଡ଼ଗେ ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରସ୍ତାବିତ ସଂକଳ୍ପ ପାଠ କରିଥିଲେ। ସଂକଳ୍ପରେ ସିଇସିଙ୍କ ବିରୋଧରେ ▶ପୃଷ୍ଠା-୭

ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ସମୀକ୍ଷା

ଜୀବନ ରକ୍ଷା ସର୍ବାଧିକ ପ୍ରାଥମିକତା



- ■ ନିୟୋଜିତ ହେବ ରେଳବାଇର 'ଚେନ୍ ପୁଲି ସିଷ୍ଟମ୍'
- ■ ସମ୍ଭାବ୍ୟ ବାତ୍ୟା ପାଇଁ ଆଶ୍ରୟସ୍ଥଳୀ ସହ ମହଜୁଦ ରହିବ ରିଲିଫ୍ ସାମଗ୍ରୀ

■ ଭୁବନେଶ୍ୱର, ୩୧।୧୦ (ସମିସ): ବାତ୍ୟା 'ଅର୍ଣ୍ଣବ' ପରେ ଘଟିଥିବା ଭୂସ୍ଖଳନ ଜନିତ ସ୍ଥିତି, ବାତ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ ସହ ଆଗାମୀ ବାତ୍ୟା ପାଇଁ ପ୍ରସ୍ତୁତ ରହିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶନିବାର ମୁଖ୍ୟମନ୍ତ୍ରୀ ଭୂସ୍ଖଳନ ଦ୍ୱାରା ପ୍ରଭାବିତ ହୋଇଥିବା ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସହ ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ଓ ଜୀବନ ରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜନସାଧାରଣଙ୍କ ସୁରକ୍ଷା ଓ ଜୀବନ ରକ୍ଷା ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା। ଭୂସ୍ଖଳନ ପ୍ରଭାବିତ ପ୍ରତ୍ୟେକଟି ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନିଆଯାଉ ଏବଂ ମାଟି ତଳେ ଫସି ରହିଥିବା ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ପାଇଁ ସମସ୍ତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରାଯାଉ। ବାତ୍ୟା କ୍ଷୟକ୍ଷତିର ସଠିକ୍ ଆକଳନ ସହ ଆଗାମୀ ବାତ୍ୟାର ସଫଳ ମୁକାବିଲା ପାଇଁ ପ୍ରଶାସନର ସମସ୍ତ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହି ▶ପୃଷ୍ଠା-୭

ଠେଲକୋଲୋଇ ୨୦୧୯ ଦୁଷ୍କର୍ମ ଓ ହତ୍ୟା ମାମଲା

ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

■ ସମ୍ବଲପୁର, ୩୧।୧୦ (ସମିସ) : ୨୦୧୯ ମସିହାର ବହୁଚର୍ଚ୍ଚିତ ଦୁଷ୍କର୍ମ ଓ ହତ୍ୟା ମାମଲାର ଆଜି ଶୁଣାଣି ହୋଇଛି। ସମ୍ବଲପୁର ପ୍ରଥମ ଅତିରିକ୍ତ ସେସନ୍ସ ଜଜ୍ ଶିବପ୍ରସାଦ ମିଶ୍ର ଠେଲକୋଲୋଇ ଦୁଷ୍କର୍ମ ଓ ହତ୍ୟା ମାମଲାର ବିଚାରକରି ଅଭିଯୁକ୍ତ ପିଅ ଓରଫ୍ ରାଜେଶ ମୁଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରିବାସହ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଏବଂ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜୋରିମାନା କରିଛନ୍ତି। ପୀଡ଼ିତାଙ୍କ ମୃତ୍ୟୁପରେ ରହିଯାଇଥିବା ଛୋଟ ଶିଶୁ, ସ୍ୱାମୀ ଏବଂ ବୃଦ୍ଧ ବାପାଙ୍କୁ ନିୟମାନୁଯାୟୀ କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି।

ଘଟଣାଟି ସମ୍ବଲପୁର ଜିଲ୍ଲା ଠେଲକୋଲୋଇ ଥାନା ଅଞ୍ଚଳରେ ଘଟିଥିଲା। ବିବରଣୀ ଅନୁଯାୟୀ, ୨୦୧୯ ଜୁନ ୨୮ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ସମୟରେ, ସୂଚନାଦାତାଙ୍କ ପତ୍ନୀ (ମୃତ ପୀଡ଼ିତା) ଶୌଚ ପାଇଁ ନିକଟସ୍ଥ 'ମହୁଲ ବୁରେଇ'କୁ ଯାଇଥିଲେ, କିନ୍ତୁ ଆଉ ଫେରିଲେ ନାହିଁ। ଖୋଜାଖୋଜି କରିବା ପରେ, ରାତି ପ୍ରାୟ ସାଢ଼େ ୧୧ଟା ସମୟରେ 'ମହୁଲ ବୁରେଇ'ଠାରେ ତାଙ୍କର ମୃତଦେହ ମିଳିଥିଲା; ତାଙ୍କ ବେକରେ ଏକ ଶାଢ଼ି ବନ୍ଧା ହୋଇ ରହିଥିଲା। କୌଣସି ଅଜ୍ଞାତ ଦୁର୍ବୃତ୍ତ ତାଙ୍କ ତଣ୍ଟିଚିପି ହତ୍ୟା କରିଥିବା ସନ୍ଦେହ କରି ସୂଚନାଦାତା ପ୍ରଥମେ ବଡ଼ମାଲ ଥାନାକୁ ଯାଇଥିଲେ। ସେଠାରୁ ତାଙ୍କୁ ଠେଲକୋଲୋଇ ଥାନାକୁ ଯିବାକୁ ପରାମର୍ଶ ଦିଆଯିବାରୁ, ସେ ୨୯ ତାରିଖ ଦିନ ସକାଳେ ଏତଲା ଦାଖଲ କରିଥିଲେ। ଏହି ଆଧାରରେ ଠେଲକୋଲୋଇ ଥାନାରେ ମାମଲା ରୁଜୁ କରାଯାଇଥିଲା। ତଦନ୍ତ ସମୟରେ, ପୁଲିସ ସୂଚନାଦାତା ଓ ଅନ୍ୟ ସାକ୍ଷୀମାନଙ୍କୁ ପଚରାଉଚରା, ଘଟଣାସ୍ଥଳ ପରିଦର୍ଶନ, ସାଇଣ୍ଟିଫିକ୍ ଟିମ୍‌ର ଯାଞ୍ଚ, ମୃତଦେହର ପ୍ରାଥମିକ ଯାଞ୍ଚପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହାପରେ ୨୦୧୯ ଜୁଲାଇ ୮ ତାରିଖରେ ▶ପୃଷ୍ଠା-୭

କଲେଜ ଛାତ୍ରୀଙ୍କୁ ହତ୍ୟା



■ମହାକାଳପଡ଼ା,୩୧।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ମାତ୍ର ୨୪ ଘଣ୍ଟା ମଧ୍ୟରେ ଦୁଇଟି ହତ୍ୟା ଅଭିଯୋଗ ଓ ମୃତଦେହ ଉଦ୍ଧାର ଘଟଣା ସମଗ୍ର ଜିଲ୍ଲାକୁ ସ୍ତବ୍ଧ କରିଦେଇଛି। ଗୋଟିଏ ପଟେ କୁଦାନଗରୀ ଥାନା ଅଞ୍ଚଳରୁ ମୁଣ୍ଡବିହୀନ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣାର ଚର୍ଚ୍ଚା ଥମି ନ ଥିବାବେଳେ ଅନ୍ୟପଟେ ମାର୍ଶାଘାଇ ଥାନା ଅନ୍ତର୍ଗତ ଯଦୁପୁର ପଞ୍ଚାୟତର ଖସାଡ଼ି ଗ୍ରାମରେ ଜଣେ ମେଧାବୀ ଛାତ୍ରୀଙ୍କୁ ହତ୍ୟା ଅଭିଯୋଗ ଘଟଣା ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ପୁଲିସ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଛି।

ସୂଚନା ମୁତାବକ, ମହାକାଳପଡ଼ା ବ୍ଲକ ଖସାଡ଼ି ଗ୍ରାମର ସୁଶାନ୍ତ ବେହେରାଙ୍କ କନ୍ୟା ସସ୍ମିତା ବେହେରା ଓରଫ ରୁବିନା ମାର୍ଶାଘାଇ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ସେ ଜଣେ ମେଧାବୀ ଓ ମିଷ୍ଟଭାଷୀ ଛାତ୍ରୀ ଭାବେ ପରିଚିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଅନେକ ଟ୍ରଫି ଓ ମାନପତ୍ର ହାସଲ କରିବା ସହ ପରିବାର ପାଇଁ ଗୌରବ ଆଣିଥିଲେ। ଘଟଣା ଦିନ ସୁଶାନ୍ତ ବ୍ୟବସାୟ କାମରେ ଘରେ ନ ଥିଲେ। ବଡ଼ପୁଅ ରାଜ୍ୟ ବାହାରେ କାମ କରୁଥିବାବେଳେ ସାନପୁଅ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ରାତି ପ୍ରାୟ ୯ଟା ସମୟରେ ମାଆ ଡଲିପ୍ରିୟା ଘରେ ଟେଲିଭିଜନ ଦେଖୁଥିବାବେଳେ ସସ୍ମିତା ଖାଦ୍ୟ ଗରମ କରିବାକୁ ପାଖ ରୋଷେଇ ଘରକୁ ଯାଇଥିଲେ। ▶ପୃଷ୍ଠା-୭

ଗଞ୍ଜାମ ଜିଲ୍ଲାରେ ବିଜେଡି ଟିମ୍‌ର କ୍ଷୟକ୍ଷତି ଅନୁଧ୍ୟାନ



■ ବ୍ରହ୍ମପୁର/ଶେରଗଡ଼,୩୧।୧୦(ସମିସ): ବିଜେଡି ସୁପ୍ରିମୋ ତଥା ସ୍ଥାନୀୟ ବିଧାୟକ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ଏକ ଟିମ ଗଞ୍ଜାମ ଜିଲ୍ଲାର ଚିକିଟି, ପାତ୍ରପୁର, ହିଞ୍ଜିଳି,ଆସ୍କା, ପୁରୁଷୋତ୍ତମପୁର, ଶେରଗଡ଼ ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳର ପ୍ରମୁଖ ସ୍ଥାନ ପରିଦର୍ଶନ ସହ ବନ୍ୟା ବିପନ୍ନଙ୍କୁ ଭେଟିଛନ୍ତି। ଏଯାଏଁ ସ୍ଥାନୀୟ ପ୍ରଶାସନ ବିପନ୍ନଙ୍କ ନିକଟରେ ପହଞ୍ଚି ପାରିନି, ବନ୍ୟା ଛାଡିବା ପରେ ମଧ ବିପନ୍ନଙ୍କ ନିକଟରେ ଶୁଖିଲା ଖାଦ୍ୟ ପହଞ୍ଚି ପାରିନାହିଁ, ବନ୍ୟା ପରିଚାଳନାରେ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଫେଲ ମାରିଛି ବୋଲି ପୂର୍ବତନ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ କୁମାର ଜେନା ଶେରଗଡ ପରିଦର୍ଶନ ସମୟରେ ପ୍ରକାଶ କରିଥିଲେ। ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ତହସିଲ ଓ ବ୍ଲକ ପ୍ରଶାସନ ସଠିକ ଆକଳନ କରି ନ୍ୟାୟ ଦେବାର ଆବଶ୍ୟକତା ରହିଛି। କୌଣସି ଚାପରେ ସରକାରୀ କଳ ଟାଳଟୁଳ ନୀତି ଅବଲମ୍ବନ କଲେ ଜନ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ମନ୍ତ୍ରୀ ପ୍ରତାପ କୁମାର ଜେନା ଚେତାବନୀ ଦେଇଛନ୍ତି। ବନ୍ୟାରେ ଶେରଗଡ ବ୍ଲକର ବହୁ ସ୍ଥାନରେ ଫସଲ ହାନି ଫଳରେ ଚାଷୀ ସର୍ବସ୍ୱାନ୍ତ ହୋଇଛି। ରାସ୍ତା ନଷ୍ଟ ହୋଇଛି, ବିଭିନ୍ନ ନଦୀ ବନ୍ଧର ବିଭିନ୍ନ ଘାଇକୁ ସଠିକ ଅକଳନ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ ସହ ତୁରନ୍ତ ମରାମତି କରିବା ଲାଗି ବିଜେଡିର ରାଜ୍ୟ ନେତୃମଣ୍ଡଳୀ ଦାବି କରିଛନ୍ତି। ଶେରଗଡ ବ୍ଲକର ପ୍ରାୟ ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। ଏହି ବନ୍ୟାରେ ଚାଷୀ ଅଧିକ କ୍ଷତିଗ୍ରସ୍ତ ହୋଇଛି, ସେମାନଙ୍କୁ ସଠିକ ଭାବେ ସହାୟତା ପ୍ରଦାନ କରିବାର ଆବଶ୍ୟକତା ରହିଛି ବୋଲି ବିଜେଡି ର ନେତୃମଣ୍ଡଳୀ ପ୍ରକାଶ କରିଛନ୍ତି। ଏହି ଅବସରରେ ବିଜେଡି ନେତୃମଣ୍ଡଳୀ ପ୍ରକାଶ କରିଥିଲେ ଯେ,ଶେରଗଡରେ ଶାସକ ଦଳର ନେତା କିଏ ? ଆମକୁ ▶ପୃଷ୍ଠା-୭

ଓଲଟ ପାଲଟ



କେନ୍ଦ୍ର ସରକାରୀ କର୍ମଚାରୀଙ୍କର
ବଢ଼ିଲା ମହଙ୍ଗା ଭତ୍ତା
ସଙ୍ଗେ ସଙ୍ଗେ ଆମ ରାଜ୍ୟ ସରକାର
କରିବେ ପ୍ରତିଯୋଗିତା
ଭତ୍ତା ବଢ଼ିବାର ଖବର ପାଇଣ
ବେପାରୀ କାଟିବେ ଚିତା
ଦରଦାମ୍ ପୁଣି ଆହୁରି ବଢ଼ିବ
ନ ରହିବ ଅତାପତା
ମଧ୍ୟବିତ୍ତ ଆଉ ଦରିଦ୍ର କପାଳେ
ଦୁର୍ଯୋଗ ଖାଲି ସାଇତା
ମଣିଷ ଭିତରେ ଏତେ ଭେଦଭାବ
କାହିଁକି କଲା ବିଧାତା

\- ଯାଯାବର

ପାର୍ବଣରେ ମହଙ୍ଗା ମାଡ଼

ତେଲ ଦର ୨୫% ବଢ଼ିଛି

■ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ଚାଲିଛି ପାର୍ବଣ ଋତୁ। ଲୋକମାନେ ନବରାତ୍ରୀ ଓ ଦଶହରା ପରେ ଦୀପାବଳି ଏବଂ ଛଠ୍ ପୂଜା ପାଇଁ ବେଶ୍ ଉତ୍ସାହର ସହ ପ୍ରସ୍ତୁତି ଚଳାଇଛନ୍ତି। ହେଲେ ମହଙ୍ଗା ବଜାରେ ଏଥିରେ ବଡ଼ କଣ୍ଟା ସାଜିଛି। ବିଶେଷକରି ବଜାରରେ ଖାଇବା ତେଲର ଅତ୍ୟଧିକ ଦର ପାର୍ବଣ ଉତ୍ସାହକୁ ଫିକା କରିଦେଉଛି। ଖାଇବା ତେଲ ଦର ବୃଦ୍ଧି ଯୋଗୁ ଅନେକ ଖାଦ୍ୟ ସାମଗ୍ରୀ ମହଙ୍ଗା। କେନ୍ଦ୍ର ସରକାର ଖାଇବା ତେଲ ଉପରେ ଶୁଳ୍କ ହ୍ରାସ କରି କମ୍ପାନୀଗୁଡ଼ିକୁ ଆଶ୍ୱସ୍ତି ଦେଇଛନ୍ତି। ହେଲେ କମ୍ପାନୀଗୁଡିକ ଏହାର ଲାଭ ଗ୍ରାହକଙ୍କୁ ଦେଉନାହାଁନ୍ତି, ଯଦିଓ ସେମାନେ ଦର ହ୍ରାସ ନେଇ ସରକାରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଗତ ବର୍ଷ ମଧ୍ୟରେ ଖୁଚୁରା ବଜାରରେ ଖାଇବା ତେଲ ଦର ୨୫% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। କେବଳ ସେପ୍ଟେମ୍ବର ମାସରେ ରିଫାଇନ୍ଡ ତେଲର ଦର ପ୍ରାୟ ୧୫% ବୃଦ୍ଧି ପାଇଥିବା ବେଳେ, ଚିନାବାଦାମ ତେଲ ମୂଲ୍ୟ ୧୪% ପର୍ଯ୍ୟନ୍ତ ବଢ଼ିଛି। ଏଠାରେ ସୂଚନାଯୋଗ୍ୟ ଯେ, ସାଧାରଣ ଖାଉଟିଙ୍କୁ ଆଶ୍ୱସ୍ତି ଦେବା ପାଇଁ ସରକାର ସେପ୍ଟେମ୍ବର ମାସରେ ଖାଇବା ତେଲ ଉପରେ ଶୁଳ୍କ ୫% ହ୍ରାସ କରିଥିଲେ। ଏହି ଅନୁଯାୟୀ, ପାମୋଲିନ୍ ଏବଂ ସୋୟାବିନ୍ ତେଲ ଉପରେ ଶୁଳ୍କ ୧୦% ରୁ ୫%କୁ ହ୍ରାସ କରାଯାଇଥିଲା। ରିଫାଇନ୍ଡ ତେଲ ଉପରେ ମଧ ଶୁଳ୍କ ହ୍ରାସ କରାଯାଇଥିଲା। ସରକାର କହିଥିଲେ ଯେ ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଘରୋଇ ବଜାରରେ ଦର କମାଇବା ଏବଂ ଗ୍ରାହକଙ୍କୁ ଆଶ୍ୱସ୍ତି ଦେବା। ହେଲେ କମ୍ପାନୀ କୌଣସି ପ୍ରକାରେ ଦର ହ୍ରାସ କରିନାହାଁନ୍ତି। ଅପରପକ୍ଷେ ବିଶ୍ୱ ବଜାରରେ ଖାଇବା ତେଲର ଦର ବୃଦ୍ଧି ପାଇବା କାରଣରୁ ପାର୍ବଣ ଋତୁରେ ଗ୍ରାହକମାନେ ଏହି ଟିକସ ହ୍ରାସର କୌଣସି ଲାଭ ପାଇପାରିଲେ ନାହିଁ। ବାସ୍ତବରେ, ଭାରତୀୟ ମୁଦ୍ରା ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ପାଇବା କାରଣରୁ ଭାରତର ଆମଦାନୀ ବ୍ୟୟ ମଧ ବୃଦ୍ଧି ପାଇଛି। ଚଳିତ ବର୍ଷର ପ୍ରଥମ ୬ ମାସରେ ଆମଦାନୀ ପରିମାଣ ୮୭,୦୦୦ କୋଟି ଟଙ୍କା ରହିଛି, ଯାହା ଗତ ବର୍ଷର ଏହି ସମୟ ମଧ୍ୟରେ ୭୩,୦୦୦ କୋଟି ଟଙ୍କା ଥିଲା। ବର୍ତ୍ତମାନ ପରିସ୍ଥିତିରେ ଉପଭୋକ୍ତାମାନଙ୍କ ପାଇଁ ଖାଇବା ତେଲର ଉଚ୍ଚ ଦରରୁ ତୁରନ୍ତ କୌଣସି ଆଶ୍ୱସ୍ତି ମିଳିବାର ସମ୍ଭାବନା ନାହିଁ।



ରାଜ୍ୟ ସଭାପତିଙ୍କ ନିଜ ଜିଲ୍ଲାରେ ବିଜେପି ଦୁଇଫାଳ

ଅଧ୍ୟକ୍ଷାଙ୍କ ବହିଷ୍କାର ଦାବିରେ ବ୍ଲକ୍‌ରେ ତାଲା

- ■ ଆରମ୍ଭ ହେଲା ବିଜେପି-ବିଜେପି ଲଢ଼େଇ
- ■ କିଛି ମାସ ତଳେ ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ବିଜେପିରେ ସାମିଲ୍ ହୋଇଥିଲେ



■ ଭଦ୍ରକ,୩୧।୧୦(ସମିସ): ରାଜ୍ୟ ବିଜେପି ସଭାପତିଙ୍କ ନିଜ ଜିଲ୍ଲା ଭଦ୍ରକରେ ଶାସକ ବିଜେପି ଦୁଇଭାଗ ହୋଇଯାଇଛି। ଆରମ୍ଭ ହୋଇଛି ବିଜେପି-ବିଜେପି ମଧ୍ୟରେ ଜୋର୍‌ଦାର୍ ଲଢ଼େଇ। ଶାସକ ଦଳର ଘମାଘୋଟ୍ ଲଢ଼େଇ ଶନିବାର ଭଦ୍ରକ ସଦର ବ୍ଲକ୍‌ରେ ଦେଖିବାକୁ ମିଳିଛି। ଶନିବାର ଭଦ୍ରକ ବ୍ଲକ୍‌କୁ ଭଦ୍ରକ ବିଧାୟକଙ୍କ ସମର୍ଥକମାନେ ଏକଜୁଟ୍ ହୋଇ ହାତରେ ବ୍ୟାନର ଧରି ପହଞ୍ଚିଥିଲେ। ଉକ୍ତ ବ୍ୟାନରରେ ବ୍ଲକ୍ ଅଧ୍ୟକ୍ଷାଙ୍କ ଫଟୋରେ କଳାରେ ଛକି ମରାଯାଇଥିଲା ଓ ଲେଖାଥିଲା "ଦଳରେ ମିଶି ଜନସ୍ୱାର୍ଥ ଓ ଜନକଲ୍ୟାଣ କାର୍ଯ୍ୟକ୍ରମ ବିରୋଧୀ ଭ୍ରଷ୍ଟାଚାରୀ ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଉର୍ମିଳା ନାୟକଙ୍କୁ ଦଳରୁ ବହିଷ୍କାର କରାଯାଉ'। ବିଭିନ୍ନ ନାରାବାଜି କରିବା ସହ ବିଜେପି କର୍ମୀ ଓ କର୍ମକର୍ତ୍ତାମାନେ ବ୍ଲକ୍ ଅଫିସରେ ତାଲା ପକାଇଥିଲେ। ଏଥିସହ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକଙ୍କୁ କଡ଼ା ତିରସ୍କାର କରି ତାଙ୍କ ବହିଷ୍କାର ଦାବି କରିଥିଲେ। ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ସଭ୍ୟ (ବିଜେଡିରୁ ଯାଇ ▶ପୃଷ୍ଠା-୭

ସକାଳ
THE SAKALA

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜାତୀୟ ଏକତା ଦିବସ

ଜାତୀୟ ଅଖଣ୍ଡତା ବଜାୟ ରଖିବାକୁ ଆହ୍ୱାନ

ଜିଲ୍ଲାସ୍ତରୀୟ ଏକତା ଶୋଭାଯାତ୍ରା

ସମ୍ବଲପୁର, ୩୧।୧୦ (ସମିସ) : ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳିତ ହୋଇଯାଇଛି। ବିବିଧତା ମଧ୍ୟରେ ଏକତାର ଭାବନାକୁ ପ୍ରୋତ୍ସାହିତ କରିବା ଓ ଜାତୀୟ ଅଖଣ୍ଡତାକୁ ବଜାୟ ରଖିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ଆଜି



ସମ୍ବଲପୁରରେ ଜିଲ୍ଲାସ୍ତରୀୟ ଏକତା ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ଏକତା ରାଲି ରିଜର୍ଭ ପୁଲିସ ପଡ଼ିଆଠାରୁ ନେଲସନ ମାଣ୍ଡେଲା ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା, ଯାହାକୁ ଉତ୍ତରାଞ୍ଚଳ ଡିଆଇଜି ଚରଣ ସିଂ ମୀନା, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ପତାକାଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରାଲିରେ ବିଭାଗୀୟ ଅଧିକାରୀ, ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ସମେତ ପ୍ରାୟ ପାଞ୍ଚଶହରୁ ଉର୍ଦ୍ଧ୍ୱ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଜାତୀୟ ଏକତା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ଡିଆଇଜି, ଶ୍ରୀ ମୀନା କହିଲେ ଯେ, ବିବିଧତାରେ ପରିପୂର୍ଣ୍ଣ ଆମ ଦେଶର ସମସ୍ତ ରାଜ୍ୟକୁ ଏକତ୍ର କରି ଏକ ଅଖଣ୍ଡ ତଥା ଶ୍ରେଷ୍ଠ ରାଷ୍ଟ୍ରରେ ପରିଣତ କରିବାରେ ସର୍ଦ୍ଦାର ପଟେଲଙ୍କର ଅତୁଳନୀୟ ଅବଦାନ ରହିଛି। ଆଜି ସମଗ୍ର ଦେଶ ତାଙ୍କ ଅମର କୃତି ଓ ନିରନ୍ତର ପ୍ରୟାସ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଆଦର୍ଶକୁ ଆଗକୁ ବଢ଼ାଇବା ପାଇଁ ସଙ୍କଳ୍ପବଦ୍ଧ ହେଉଛି ବୋଲି ସେ ପ୍ରକାଶ କରିଥିଲେ। ଆମେ ସମସ୍ତେ ଭାରତୀୟ, ଓଡ଼ିଆ କିମ୍ବା ଯେକୌଣସି ପ୍ରାନ୍ତର ହେଉନା କାହିଁକି, ଆମ ମନରେ ଏହି ରାଷ୍ଟ୍ରଭାବ ଓ ଏକତାର ଭାବନାକୁ ସର୍ବଦା ଜାଗ୍ରତ ରଖିବା ନିତାନ୍ତ ଆବଶ୍ୟକ ଏବଂ ତାହାକୁ ଉଜ୍ଜୀବିତ ରଖିବା ତଥା ଉତ୍ସବ ଭାବେ ପାଳନ କରିବା ଉଦ୍ଦେଶ୍ୟରେ ଏହି ଏକତା ଦୌଡ଼ର ଆୟୋଜନ କରାଯାଇଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

ସମ୍ବଲପୁର ରେଳମଣ୍ଡଳର ଏକତା ଦୌଡ଼

ପୂର୍ବତଟ ରେଳପଥ, ସମ୍ବଲପୁର ରେଳ ମଣ୍ଡଳ ଦ୍ୱାରା ଆଜି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀକୁ ମନେ ପକାଇବା ପାଇଁ 'ରାଷ୍ଟ୍ରୀୟ ଏକତା ଦିବସ' ପାଳନ କରାଯାଇଥିଲା। ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର,



ସୁବାସ ଚନ୍ଦ୍ର ଚୌଧରୀ, ରେଳନଗରସ୍ଥିତ ରେଳ ଷ୍ଟାଡିୟମରେ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ। ଏହି ଶପଥ ସମସ୍ତ ରେଳ କର୍ମଚାରୀଙ୍କ ରାଷ୍ଟ୍ରର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ଏବଂ ନାଗରିକଙ୍କ ମଧ୍ୟରେ ଏହି ବାର୍ତ୍ତା ପ୍ରସାର କରିବା ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଥିଲା। ଏହି ଅବସରରେ, ସମ୍ବଲପୁରର ରେଳ ନଗରରେ ଡିଆରଏମ୍ ଶ୍ରୀ ଚୌଧରୀଙ୍କ ନେତୃତ୍ୱରେ ଏକ 'ରନ୍ ଫର୍ ୟୁନିଟି' (ଏକତା ପାଇଁ ଦୌଡ଼) ମଧ୍ୟ ଆୟୋଜନ କରାଯାଇଥିଲା। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ, ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶପଥପାଠ



ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଆଜି ସାରା ଦେଶ ସମେତ ରାଜ୍ୟର ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଜାତୀୟ ଏକତା ଦିବସ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। ଏହିକ୍ରମରେ ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗର ଅଧିକାରୀମାନେ ଏକତ୍ରିତ ହୋଇ ଦେଶର ଏକତା, ଅଖଣ୍ଡତା ଓ ଆଭ୍ୟନ୍ତରୀଣ ନିରାପତ୍ତାକୁ ବଜାୟ ରଖିବା ପାଇଁ ସଂକଳ୍ପ ନେବା ସହ ଜାତୀୟ ଏକତା ଶପଥ ପାଠ କରିଛନ୍ତି। ଶପଥ ଗ୍ରହଣ ଉତ୍ସବରେ ସର୍ଦ୍ଦାର ପଟେଲଙ୍କ ନେତୃତ୍ୱ ଓ ଦେଶ ଗଠନରେ ତାଙ୍କର ଅତୁଳନୀୟ ଯୋଗଦାନକୁ ସ୍ମରଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜିଲ୍ଲାପାଳ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଶପଥ ପାଠ କରାଗଲା। ଦେଶର ପ୍ରଗତି ଓ ଶାନ୍ତି ପାଇଁ ଆପୋଷ ସଦ୍‌ଭାବନା ଏବଂ ସଂହତିର ଆବଶ୍ୟକତା ଉପରେ ଶ୍ରୀ ଭୋଇ ଗୁରୁତ୍ୱାରୋପ କରିଥିଲେ।

ଡିଏଭି ବୁର୍ଲାରେ ରାଷ୍ଟ୍ରୀୟ ଏକତା ଦିବସ

ସମ୍ବଲପୁର: ଡିଏଭି ବିଦ୍ୟାଳୟ ବୁର୍ଲା ବିଦ୍ୟାଳୟ ପରିସରରେ ଆଧୁନିକ ଭାରତର ନିର୍ମାତା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ମୁଖ୍ୟଅତିଥି ରୂପେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟଅତିଥି ନିଜ ବକ୍ତବ୍ୟରେ ଜୀବନରେ ଏକତାର ଆବଶ୍ୟକତାକୁ ଆଲୋଚନା କରିବା ସହିତ ଉପସ୍ଥିତ ସମସ୍ତ ବିଦ୍ୟାର୍ଥୀ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଏକତାର ଶପଥପାଠ କରାଇଥିଲେ। ବିଦ୍ୟାର୍ଥୀ ବୈଷ୍ଣବୀ ରାଉତ ଓ ଶ୍ରେଷ୍ଠା ନନ୍ଦ ଏକ କୁଇଜ ପ୍ରସ୍ତୁତ କରିଥିବାବେଳେ କୁମକୁମ ଜେନା ସର୍ଦ୍ଦାର ପଟେଲଙ୍କ ଅବଦାନକୁ ନେଇ ଏକ ବକ୍ତବ୍ୟ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ଏକ ଗଣଦୌଡ଼ର ଆୟୋଜନ କରାଯାଇଥିଲା। ଶେଷରେ ଶିକ୍ଷକ ଅମିତ କୁମାର ଲିମା ଧନ୍ୟବାଦ ଅର୍ପଣ କରିଥିଲେ।



ଜାତୀୟ ଲନବଲ୍ ପଦକ ବିଜେତା ସମ୍ବର୍ଦ୍ଧିତ



ସମ୍ବଲପୁର, ୩୧।୧୦ (ସମିସ) : ଜାତୀୟ ଲନବଲ୍ ପ୍ରତିଯୋଗିତାରେ ପଦକ ଜିଣି ରାଜ୍ୟ ତଥା ସମ୍ବଲପୁର ପାଇଁ ଗୌରବ ଆଣିଥିବା ପଦକ ବିଜେତାଙ୍କୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସତ୍ୟନାରାୟଣ ତାଣ୍ଡି ଆଜି ସମ୍ବର୍ଦ୍ଧିତ କରିଛନ୍ତି। ଏଡିଏମ୍ ଶ୍ରୀ ଭୋଇ ଲନବଲ୍ ସକାଶେ ପଡ଼ିଆ ପ୍ରସ୍ତୁତ କରିବା ସହ ସମ୍ବଲପୁରର କିଭଳି ଅଧିକ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ତଥା ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିପାରିବେ ଏବଂ ପଦକ ହାସଲ କରିବେ ସେନେଇ ଆଲୋଚନା କରିଥିଲେ। ସେ ପଦକ ବିଜେତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ କୋଚ୍ ରଶ୍ମିତା ପୁରୋହିତ ଏବଂ ବି. ଅଞ୍ଜଳି ରାଓ ଉପସ୍ଥିତ ଥିଲେ।

ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍ ଦ୍ୱାରା 'ମୋବାଇଲ୍ ବିଜ୍ଞାନ ପ୍ରଦର୍ଶନୀ'

ସମ୍ବଲପୁର, ୩୧।୧୦ (ସମିସ) : ସମ୍ବଲପୁରର ରେଙ୍ଗାଲି ବ୍ଲକରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ଅନୁଭୂତିମୂଳକ ଶିକ୍ଷା'କୁ ପ୍ରୋତ୍ସାହିତ କରିବାପାଇଁ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍ ଦ୍ୱାରା 'ମୋବାଇଲ୍ ବିଜ୍ଞାନ ପ୍ରଦର୍ଶନୀ' ଆରମ୍ଭ କରାଯାଇଛି। ଜେଏସ୍‌ଡବ୍ଲୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍‌ର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) ବିଭାଗ, ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍, ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଅଧୀନସ୍ଥ 'ନ୍ୟାସନାଲ୍ କାଉନସିଲ୍ ଅଫ୍ ସାଇନ୍ସ ମ୍ୟୁଜିୟମ୍ସ'ର ଏକ ଅଂଶ - ଭୁବନେଶ୍ୱରସ୍ଥିତ 'ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର' (ଆର୍‌ଏସ୍‌ସି) ସହ ମିଶି ସମ୍ବଲପୁର ଜିଲ୍ଲାର ଲପଙ୍ଗାସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏହି 'ମୋବାଇଲ୍ ବିଜ୍ଞାନ ପ୍ରଦର୍ଶନୀ'



(ଏମ୍‌ଏସ୍‌ଇ) ର ଶୁଭାରମ୍ଭ କରିଛି। ଦଶହରା ଛୁଟି ପରେ, ୨୭ ତାରିଖରେ ଏହାର ଉଦ୍‌ଘାଟନ କରାଯାଇଥିଲା। 'ଦୈନନ୍ଦିନ ଜୀବନରେ ବିଜ୍ଞାନ' ବିଷୟବସ୍ତୁ ଉପରେ ଆଧାରିତ ଏହି ପ୍ରଦର୍ଶନୀର ମୁଖ୍ୟ ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଜିଜ୍ଞାସା, ବିଶ୍ଳେଷଣାତ୍ମକ ଚିନ୍ତାଧାରା ଏବଂ ଅନୁଭୂତିମୂଳକ ଶିକ୍ଷାକୁ ପ୍ରୋତ୍ସାହିତ କରିବା; ବିଶେଷକରି ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ହେବ। ଏହି କାର୍ଯ୍ୟକ୍ରମରେ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍‌ର ପଶ୍ଚିମ ଓଡ଼ିଶା ମୁଖ୍ୟ ବିଶାଳ ରାଜ୍ ଉପସ୍ଥିତ ଥିଲେ। ଏହି ଅବସରରେ ଲପଙ୍ଗା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ନାୟକ, ବିଦ୍ୟାଳୟର ପ୍ରତିନିଧି, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ଶ୍ରୀ ବିଶାଳ ଶିକ୍ଷା ଗ୍ରହଣର ଏକ ଅଭିନବ ପଦ୍ଧତି ଉପରେ ଗୁରୁତ୍ୱାରୋପ କରିଥିଲେ, ଯେଉଁଥିରେ ଏହି 'ମୋବାଇଲ୍ ବିଜ୍ଞାନ ପ୍ରଦର୍ଶନୀ ବସ୍' ଏକ ସହାୟକ ମାଧ୍ୟମ ହେବ। ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ବ୍ଲକରେ ଯୋଜନାବଦ୍ଧ ପ୍ରସାରର ଏକ ଅଂଶଭାବରେ, ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ବସ୍ ୧୦ଟି ହବ୍ ସ୍କୁଲ ପରିଦର୍ଶନ କରିବ, ଏହି କାର୍ଯ୍ୟକ୍ରମ ୪୨ଟି ପଡ଼ୋଶୀ ସ୍ପୋକ୍ ସ୍କୁଲକୁ ବିସ୍ତାରିତ ହେବ। ଏହି ପଦକ୍ଷେପ ସମ୍ବଲପୁରର ରେଙ୍ଗାଲିର ୬, ୦୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଲାଭ ପହଞ୍ଚାଇବାର ଆଶା କରାଯାଉଛି, ଯାହା ସେମାନଙ୍କୁ ପାରମ୍ପରିକ ଶ୍ରେଣୀଗୃହ ଶିକ୍ଷା ବ୍ୟତୀତ ବିଜ୍ଞାନ ସହିତ ଜଡିତ ହେବାର ସୁଯୋଗ ପ୍ରଦାନ କରିବ।

ପ୍ରଫେସରଙ୍କୁ ଆକ୍ରମଣ ଘଟଣା; ଜେଲ୍‌ଗଲା ଆକ୍ରମଣକାରୀ

ସମ୍ବଲପୁର, ୩୧।୧୦ (ସମିସ) : ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଶ୍ୱବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟ ପ୍ରଫେସର ସତ୍ୟନାରାୟଣ ସାହୁଙ୍କ ଉପରେ ପୂର୍ବରୁ ସ୍ୱିପର ଭାବେ କାମ କରୁଥିବା କୃପାସିନ୍ଧୁ ବାଗ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲା। ବୁର୍ଲା ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ଏହି ମାମଲାରେ ତଦନ୍ତ ଜାରି ରଖିଛି। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ରଙ୍କ ସୂଚନା ଅନୁଯାୟୀ, ଗତକାଲି ବୁର୍ଲା ଥାନା ଅନ୍ତର୍ଗତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ସତ୍ୟନାରାୟଣ ସାହୁଙ୍କୁ ପୂର୍ବରୁ ସେହି ବିଭାଗରେ ସ୍ୱିପର କାମ କରୁଥିବା କୃପାସିନ୍ଧୁ ବାଗ ଆକ୍ରମଣ କରିଥିଲା। କାମରେ ଅବହେଳା କାରଣରୁ କୃପାସିନ୍ଧୁଙ୍କୁ ପୂର୍ବରୁ କାମରୁ ବାହାର କରାଯାଇଥିଲା ଏବଂ ସେ ବାରମ୍ବାର ଆସି ତାଙ୍କୁ ପୁଣି ଚାକିରୀରେ ରଖିବାକୁ ଅନୁରୋଧ କରିଥିଲେ। ଏହି ଅସନ୍ତୋଷକୁ କେନ୍ଦ୍ର କରି ସେ ଏକ ଛୁରୀ ଧରି ଗତକାଲି ସକାଳ ପ୍ରାୟ ସାଢ଼େ ୯ ଟା ସମୟରେ ବିଭାଗୀୟ ମୁଖ୍ୟ ପ୍ରଫେସର ସତ୍ୟନାରାୟଣ ସାହୁ ନିଜ ବିଭାଗକୁ ଯାଉଥିବା ସମୟରେ ଅଚାନକ ଆକ୍ରମଣ କରିଥିଲେ। ଏହି ଛୁରୀ ମାଡ଼ରେ ସତ୍ୟନାରାୟଣ ସାହୁଙ୍କ ବାମପଟ ପେଟରେ ଗଭୀର ଆଘାତ ଲାଗିଛି ଏବଂ ତାଙ୍କୁ ତୁରନ୍ତ ବୁର୍ଲା ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୁଲିସ ତତ୍ପରତା ପ୍ରକାଶକରି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଅଭିଯୁକ୍ତ କୃପାସିନ୍ଧୁ ବାଗକୁ ରେଙ୍ଗାଲି ଅଞ୍ଚଳରୁ ଧରିବାରେ ସକ୍ଷମ ହୋଇଛି ଏବଂ ଗିରଫ ପରେ କୋର୍ଟଚାଲାଣ କରାଯାଇଛି ବୋଲି ଏଏସ୍‌ପି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

■ ଅଭିନବ ଉପାୟରେ ହାଇଡ୍ରୋଲିକ୍ ଟ୍ରଲି ତଳେ ଗଞ୍ଜେଇ ଚାଲାଣ

ଟ୍ରାକ୍ଟରରୁ ୮୩ କେଜି ଗଞ୍ଜେଇ ଜବତ, ଡ୍ରାଇଭର ଫେରାର୍

ସମ୍ବଲପୁର, ୩୧।୧୦ (ସମିସ) : ଟ୍ରାକ୍ଟରର ହାଇଡ୍ରୋଲିକ୍ ଟ୍ରଲି ତଳେ ଛୋଟ ଛୋଟ ପ୍ୟାକେଟ୍‌ରେ ଗଞ୍ଜେଇ ଚାଲାଣ କରୁଥିବାବେଳେ ପୁଲିସ ପିଛାକରି ଧରିଛି। ତେବେ, ଟ୍ରାକ୍ଟର ଛାଡ଼ି ଚାଳକ ଜଙ୍ଗଲ ଭିତରକୁ ଫେରାର ହୋଇଯାଇଥିଲା। ଚେସିସ୍ ନମ୍ବର ଓ ଇଞ୍ଜିନ ନମ୍ବର ଆଧାରରେ ପୁଲିସ ମାଲିକଙ୍କୁ ଚିହ୍ନଟ କରିବାସହ ଫେରାର ଥିବା ଡ୍ରାଇଭରକୁ ଧରିବାପାଇଁ ତଦନ୍ତ ଜାରି ରଖିଥିବା ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଏଏସ୍‌ପି ଶ୍ରୀ ମିଶ୍ରଙ୍କ ସୂଚନା ଅନୁଯାୟୀ, ମୁସାକାନି ଗ୍ରାମ ପଟୁ ବାଟଗାଁ ଆଡ଼କୁ ଏକ ନମ୍ବର ପ୍ଲେଟ୍ ବିହୀନ, ନାଲି ରଙ୍ଗର ମହିନ୍ଦ୍ରା ଟ୍ରାକ୍ଟରରେ ଜଣେ ବ୍ୟକ୍ତି ବେଆଇନ ଗଞ୍ଜେଇ ପରିବହନ କରୁଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହି ସୂଚନା ଆଧାରରେ ଏକ ପୁଲିସ ଦଳ ଉକ୍ତ ଟ୍ରାକ୍ଟରକୁ ପିଛା କରିଥିଲେ। ପୋଲିସକୁ



ପଛରେ ଦେଖି ଟ୍ରାକ୍ଟର ଚାଳକ ଖସିଯିବା ପାଇଁ ଗାଡ଼ିର ଗତି ବଢ଼ାଇ ଦେଇଥିଲେ। ଟାଙ୍ଗିଆନିଶା ଗ୍ରାମ ନିକଟରେ ଚାଳକ ଜଣକ ଟ୍ରାକ୍ଟରକୁ ଡାହାଣ ପାର୍ଶ୍ୱରେ ଥିବା ଜଙ୍ଗଲ ରାସ୍ତା ଆଡ଼କୁ ବୁଲାଇ ଦେଇଥିଲେ ଏବଂ ଗାଡ଼ି ସେଠାରେ ଛାଡ଼ି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ। ପୋଲିସ ତାଙ୍କୁ କିଛି ଦୂର ପର୍ଯ୍ୟନ୍ତ ପିଛା କରିଥିଲେ ମଧ୍ୟ ସନ୍ଦିଗ୍ଧ ବ୍ୟକ୍ତି ବା ଟ୍ରାକ୍ଟର ଚାଳକଙ୍କୁ ଧରିବାରେ ସକ୍ଷମ ହୋଇପାରିନଥିଲେ। ଟ୍ରାକ୍ଟର ନିକଟରେ ପହଞ୍ଚିବା ପରେ ସେଥିରୁ ଗଞ୍ଜେଇର ଗନ୍ଧ ଆସୁଥିଲା। ଯାଞ୍ଚ କରିବାରୁ ଜଣାପଡ଼ିଲା ଯେ, ଟ୍ରାକ୍ଟରର ଟ୍ରଲିର ହାଇଡ୍ରୋଲିକ୍ ଟ୍ରଲି ତଳେ ବେଆଇନ ଗଞ୍ଜେଇ ଲୁଚାଇ ରଖାଯାଇଥିଲା। ସାକ୍ଷୀ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଭର୍ତ୍ତି ବସ୍ତାଗୁଡ଼ିକୁ ଓଜନ କରିଥିଲେ। ୮୬ଟି ଛୋଟ ଛୋଟ ପ୍ୟାକେଟ୍‌ରେ ମୋଟ୍ ୮୩ କେଜି ୯ ଗ୍ରାମ ଗଞ୍ଜେଇ ରହିଥିଲା। ଗଞ୍ଜେଇ ସହ ମହିନ୍ଦ୍ରା ଟ୍ରାକ୍ଟର ଓ ଟ୍ରଲି ମଧ୍ୟ ଜବତ କରାଯାଇଛି। ନାକଟିଦେଉଳ ଥାନା କେସ୍ ନମ୍ବର ୧୫୯ / ୩୦.୧୦.୨୦୨୬ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

କୁକୁଡ଼ାବାହାଲିରେ ଗଜଲକ୍ଷ୍ମୀ ପୂଜା

୩୫ ହଜାର ଟଙ୍କାରେ ନିଲାମ ହେଲା ମା'ଙ୍କ ଆଞ୍ଜାଲଡୁ

ରେଢ଼ାଖୋଲ, ୩୧।୧୦(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ କୁକୁଡ଼ାବାହାଲି ଗ୍ରାମରେ ଚାଲିଛି ମା' ଗଜଲକ୍ଷ୍ମୀଙ୍କ ପୂଜା। ମା'ଙ୍କ ଦର୍ଶନ ପାଇଁ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ବେଳେ ଚଳିତ ବର୍ଷ ପୂଜା କମିଟି ୪୧ ବର୍ଷରେ ପଦାର୍ପଣ କରିଛି। ଏହି ପୂଜାରେ ପୂଜକ ଭାବେ ସଞ୍ଜୟ ଦାସ ଏବଂ କର୍ତ୍ତା ଭାବେ ଗଙ୍ଗାଧର ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଚଳିତବର୍ଷ ପୂଜାର ମୁଖ୍ୟ ଆକର୍ଷଣ ସାଜିଥିଲା ମା'ଙ୍କ ଆଞ୍ଜା ଲଡୁ ନିଲାମ କାର୍ଯ୍ୟକ୍ରମ। ଏହି ନିଲାମ ପ୍ରକ୍ରିୟା ୫ ହଜାର ଟଙ୍କାରୁ ଆରମ୍ଭ ହୋଇ ୩୫ ହଜାର ଟଙ୍କାରେ ପହଞ୍ଚିଥିଲା। ରେଢ଼ାଖୋଲର କୁରୁମୁଟିକିରା ଗ୍ରାମର କମଳ ବେହେରା ୩୫ ହଜାର ଟଙ୍କାରେ ମା'ଙ୍କ ଆଞ୍ଜା ଲଡୁ ନିଲାମ ଡାକି ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା କ୍ରୀଡ଼ା ସଂଘର ସମ୍ପାଦକ ଦୁଲାଲ ପ୍ରଧାନ, କୁକୁଡ଼ାବାହାଲି ଗ୍ରାମପଞ୍ଚାୟତର ସରପଞ୍ଚ ଅନିମା ପ୍ରଧାନ ଓ ସମିତି ସଭ୍ୟା ରଞ୍ଜିତା ପ୍ରଧାନ ଯୋଗଦେଇଥିଲେ। ପୂଜା କମିଟିର ସଭାପତି ମାନସ ପ୍ରଧାନଙ୍କ ସମେତ ଟିକେଶ୍ୱର ପ୍ରଧାନ, ବିଦ୍ୟାଧର ପ୍ରଧାନ, ଲୁକୁ ପ୍ରଧାନ ଏବଂ ଗ୍ରାମର ଅନ୍ୟ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ସଫଳ କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ।

ବିନା ସୂଚନା ଫଳକରେ ସରିଲା କୁଚିଣ୍ଡା ପୂର୍ତ୍ତ ବିଭାଗ ଏସ୍‌ଡିଓଙ୍କ ନୂତନ ବାସଭବନ

କୁଚିଣ୍ଡା, ୩୧।୧୦(ସମିସ): କୁଚିଣ୍ଡା ସହରରେ ସରକାରୀ ପାଣ୍ଠି ଏବଂ ନିୟମକାନୁନକୁ ଜଳାଞ୍ଜଳି ଦିଆଯାଉଥିବା ନେଇ ପୁଣିଥରେ ଏକ ବଡ଼ଧରଣର ଅଭିଯୋଗ ସାମ୍ନାକୁ ଆସିଛି। କୁଚିଣ୍ଡା ପୂର୍ତ୍ତ ବିଭାଗ ଏସ୍‌ଡିଓଙ୍କ ନୂତନ ସରକାରୀ ବାସଭବନ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଥିଲେ ହେଁ ସେଠାରେ କୌଣସି ପ୍ରକାରର ସୂଚନା ଫଳକ ଲଗାଯାଇ ନାହିଁ। ନିୟମ ଅନୁଯାୟୀ ଯେକୌଣସି ସରକାରୀ ପ୍ରକଳ୍ପ ବା ନିର୍ମାଣ କାର୍ଯ୍ୟ ଆରମ୍ଭଠାରୁ ଶେଷ ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳରେ ପ୍ରକଳ୍ପର ମୂଲ୍ୟ, ଆବଣ୍ଟିତ ପାଣ୍ଠି,



କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ଏବଂ ଠିକାଦାରଙ୍କ ନାମ ସମ୍ବଳିତ ସୂଚନା ଫଳକ ପ୍ରଦର୍ଶନ କରାଯିବା ବାଧ୍ୟତାମୂଳକ; ମାତ୍ର ଏଠାରେ ଏହି ସମସ୍ତ ନିୟମକୁ ସମ୍ପୂର୍ଣ୍ଣ ଏଡ଼ାଇ ଦିଆଯାଇଥିବା ଦେଖିବାକୁ ମିଳିଛି। ଏଣୁ ଏଥିରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ସରକାରୀ ଅର୍ଥରେ କରାଯାଉଥିବା ଏପରି ପ୍ରକଳ୍ପଗୁଡ଼ିକରେ ସ୍ୱଚ୍ଛତା ଏବଂ ଦାୟିତ୍ୱବୋଧ ରକ୍ଷା କରାଯିବା କଥା; କିନ୍ତୁ ବିନା ସୂଚନା ଫଳକରେ କାମ ସରିବା ଘଟଣା ସାଧାରଣରେ ବହୁ ସନ୍ଦେହ ସୃଷ୍ଟି କରିଛି। ନିର୍ମାଣ କାର୍ଯ୍ୟରେ ହୋଇଥିବା ବ୍ୟୟ ଅଟକଳ ଏବଂ ଗୁଣବତ୍ତାକୁ ଲୁଚାଇବା ପାଇଁ କର୍ତ୍ତୃପକ୍ଷ ଜାଣିଶୁଣି ଏପରି କରିଛନ୍ତି କି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଏହି ପ୍ରସଙ୍ଗରେ କୁଚିଣ୍ଡା ସହରର ଜଣେ ସଚେତନ ନାଗରିକ କହିଛନ୍ତି, ସାଧାରଣ ଲୋକଙ୍କ କରରେ ସରକାରୀ କୋଠାବାଡ଼ି ନିର୍ମାଣ ହେଉଛି। ଏଣୁ ସ୍ୱଚ୍ଛତା ରହିବା ନିହାତି ଜରୁରୀ। ସୂଚନା ଫଳକ ନ ଲାଗିବା ଦ୍ୱାରା ପ୍ରକଳ୍ପରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଏବଂ କିଏ କାମ କରିଛନ୍ତି ତାହା ଜାଣିବାରୁ ସାଧାରଣ ଜନତା ବଞ୍ଚିତ ହେଉଛନ୍ତି। ଏହା ସରକାରୀ ନିୟମର ସ୍ପଷ୍ଟ ଉଲ୍ଲଂଘନ କରୁଛି। ଏହି ସମ୍ବନ୍ଧରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଟିକନ ପ୍ରଧାନଙ୍କୁ ପଚାରିବାରୁ ଆମ ବିଭାଗରେ ସୂଚନା ଫଳକ ଲଗାଇବାର ବ୍ୟବସ୍ଥା ନାହିଁ ବୋଲି ଅତି ଚତୁରତା ସହ ଉତ୍ତର ରଖିଥିଲେ।

୪ରେ ସବ୍‌ଜୁନିଅର କବାଡ଼ି ଖେଳାଳି ଚୟନ ଶିବିର

ସମ୍ବଲପୁର, ୩୧।୧୦ (ସମିସ): ସବ-ଜୁନିୟର ନ୍ୟାସନାଲ ବାଳକ ଓ ବାଳିକା କବାଡ଼ି ପ୍ରତିଯୋଗିତା, ୨୦୨୬ରେ ଭାଗ ନେବା ନିମନ୍ତେ ଓଡ଼ିଶା ରାଜ୍ୟ କବାଡ଼ି ଦଳର ଚୟନ ଶିବିରରେ ସମ୍ବଲପୁର ଜିଲ୍ଲା ତରଫରୁ ଭାଗ ନେବା ନିମନ୍ତେ ଜିଲ୍ଲାର ଖେଳାଳି ଚୟନ ଶିବିର ଆସନ୍ତା ନଭେମ୍ବର ୪ ତାରିଖ କୁଞ୍ଜେଲପଡ଼ାସ୍ଥିତ ବ୍ରଜମୋହନ ପାର୍କ କବାଡ଼ି ପ୍ରାଙ୍ଗଣରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ଜଣାଇଛନ୍ତି। ଉକ୍ତ ଶିବିରରେ ଭାଗନେବା ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥୀନୀ ନିଜ ନିଜର ଡିଜିଟାଲ ଜନ୍ମ ପ୍ରମାଣପତ୍ର ଏବଂ ଆଧାର କାର୍ଡର ଅରିଜିନାଲ ତଥା ଜେରକ୍ସ ଏବଂ ଦୁଇଟି ପାସପୋର୍ଟ ଫଟୋ ସହିତ ୪ ତାରିଖ ସକାଳ ୭ଟା ସମୟରେ ସ୍ଥିରୀକୃତ ଚୟନ ପ୍ରାଙ୍ଗଣରେ ଉପସ୍ଥିତ ହେବାକୁ ଅନୁରୋଧ କରାଯାଇଛି। ଚୟନ ଶିବିରରେ ଭାଗ ନେବା ନିମନ୍ତେ ବାଳକ/ବାଳିକାଙ୍କ ବୟସ ୧୬ ବର୍ଷରୁ କମ ହୋଇଥିବା ଆବଶ୍ୟକ, ଶାରୀରିକ ଓଜନ ବାଳକରେ ୬୦ କେଜିରୁ କମ ଏବଂ ବାଳିକାରେ ୫୫ କେଜିରୁ କମ ହେବା ଆବଶ୍ୟକ। ଏହି ଶିବିର ବାବଦରେ ଅଧିକ ତଥ୍ୟ ଜାଣିବା ନିମନ୍ତେ କ୍ରୀଡ଼ାସଂଘର କ୍ରୀଡ଼ା ସମ୍ପାଦକ ରାଜେଶ ସେଠ (ମୋବାଇଲ ୯୯୩୭୪୪୦୯୮୩) ଙ୍କ ସହ ଯୋଗାଯୋଗ କରିବାକୁ ସାଧାରଣ ସମ୍ପାଦକ ଶ୍ରୀ ସାହୁ ଅନୁରୋଧ କରିଛନ୍ତି।

ବିଭିନ୍ନ ସ୍ଥାନରେ 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ'





ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

ସମ୍ବଲପୁର, ୩୧।୧୦ (ସମିସ) : ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ' ଅବସରରେ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ପ୍ରୋତ୍ସାହନ ଏବଂ କୁଳସଚିବ ଡ. ଚିତ୍ତରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଅଧାପିକା, ଅଧାପକ ଓ କର୍ମଚାରୀଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାବ୍ୟତୀତ ବିଶ୍ୱବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ 'ଦୁର୍ନୀତି ନିବାରଣ ସଚେତନତା' ବିଷୟବସ୍ତୁକୁ ନେଇ ଏକ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଏଥିରେ ୫୪୭ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ଡ. ସୁଭଦ୍ରା ମହାରଣା, ବେବୀ ନାୟକ, ଡ. ଆଶିଷ ଦାସ, ଡ. ସରୋଜିନୀ ମଲ୍ଲିକ, ରାଧାକାନ୍ତ ସୁନା, ଡ. ତୀର୍ଥଜାନି ପଣ୍ଡା, ଧନଶ୍ରୀ ମିଶ୍ର, ରାହୁଲ ଗୁପ୍ତା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଡ. ପ୍ରମୋଦ ପାଢ଼ୀ, ସ୍କୁଲ ସମୂହର ନିର୍ଦ୍ଦେଶକ ଡ. ଲକ୍ଷ୍ମଣ ତ୍ରିପାଠୀ ଓ ଡ. ସଚ୍ଚିଦାନନ୍ଦ ବକ୍ସି ତଥା ବିତ୍ତ ସଞ୍ଚାଳକ ପିଙ୍କି ସେଠ ଦୁର୍ନୀତି ନିବାରଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ସିମ୍ରନ ରାଉତ ସଞ୍ଚାଳନ କରିଥିବାବେଳେ ଶେଷରେ ଇଂରାଜୀ ବିଭାଗୀୟ ମୁଖ୍ୟ ଡ. ଜିତେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲା ପ୍ରଶାସନ ଓ ଭିଜିଲାନ୍ସ ବିଭାଗ ପକ୍ଷରୁ ଶୋଭାଯାତ୍ରା

ଚଳିତ ଅକ୍ଟୋବର ୨୬ ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପଞ୍ଚାୟତ, ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସାଧାରଣ ନାଗରିକ ମାନଙ୍କୁ ଦୁର୍ନୀତି ନିବାରଣ ନିମନ୍ତେ ସଚେତନ କରାଇବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ଭିଜିଲାନ୍ସ ବିଭାଗର ମିଳିତ ସହଯୋଗରେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରୁ ଗୋଲବଜାର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ରାଲି ଆୟୋଜନ କରାଯାଇଥିଲା। ଏହି ରାଲିକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ସମ୍ବଲପୁର ଖଣ୍ଡର ଦୁର୍ନୀତି ନିବାରଣ ବିଭାଗ ଏସପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସଦାଶିବ ପାର୍ଥସାରଥି ସାହୁକାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଂଶ ଗ୍ରହଣ କରିଥିଲେ। ନାଗରିକ ମାନଙ୍କୁ ଦୁର୍ନୀତି ବିରୋଧରେ ସଚେତନ କରାଇବାକୁ ଜିଲ୍ଲା ସ୍କୁଲ, ଗୋଲବଜାର, ନେଲସନ ମାଣ୍ଡେଲା ଛକ ଓ ସମଲେଶ୍ୱରୀ ମନ୍ଦିରଠାରେ ଦାସକାଠିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ସମ୍ବଲପୁର ରେଳ ମଣ୍ଡଳର 'ୱାକାଥନ୍'

'ସତର୍କତା ସଚେତନତା ସପ୍ତାହ-୨୦୨୬' ଅବସରରେ ପୂର୍ବତଟ ରେଳପଥ, ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ଆଜି ଦୁର୍ନୀତି ବିରୁଦ୍ଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ 'ୱାକାଥନ୍' ଆୟୋଜନ କରାଯାଇଥିଲା। ଏହି ୱାକାଥନ୍‌ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଶ୍ୱର ପ୍ରତ୍ୟେକ କୋଣରୁ ଦୁର୍ନୀତି ଦୂର କରି ଏକ ଉନ୍ନତ ବିଶ୍ୱ ଗଠନର ମୁଖ୍ୟ ମନ୍ତ୍ର ସାଧୁତାର ବାର୍ତ୍ତା ପ୍ରସାର କରିବା। ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ, ସୁବାସ ଚନ୍ଦ୍ର ଚୌଧରୀଙ୍କ ନେତୃତ୍ୱରେ ସମ୍ବଲପୁରର ରେଳ ନଗରରେ ଏହି ୱାକାଥନ୍ ଆୟୋଜନ କରାଯାଇଥିଲା। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, ମନଜିତ ସିଂହ ସନସନୱାଲ, ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟଏକତା ଦିବସ

ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ବଜାୟ ରଖିବାକୁ ଆହ୍ୱାନ

ଭବାନୀପାଟଣା, ୩୧।୧୦(ସମିସ)

ଶନିବାର ଲକ୍ଷ୍ମୀ ବିକାଶ ଶିକ୍ଷାନୁଷ୍ଠାନ ତରଫରୁ ଜାତୀୟ ଏକତା ଦିବସ ଆୟୋଜିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ରାଲିରେ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ଏନ୍‌ସିସି ଦଳ, ଜୁନିଅର ରେଡକ୍ରସ, ଇକୋ-କ୍ଲବ, ବିକାଶ ହାୟର ସେକେଣ୍ଡାରୀ ସ୍କୁଲ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଏନ୍‌ଏସ୍‌ଏସ୍ କୋ ୟୁନିଟ୍, ବିକାଶ ଡିଗ୍ରୀ କଲେଜ, ବିକାଶ ଡିଗ୍ରୀ ଏନଏସଏସ ୟୁନିଟ୍, ବିବିଏ ବିସିଏ, ବିକାଶ ନର୍ସିଂ, ସତ୍ୟସାଇ ଶିକ୍ଷାନୁଷ୍ଠାନ, ଶାସ୍ତ୍ରୀଜି ଶିକ୍ଷାନୁଷ୍ଠାନ, ଗ୍ରୀନଭ୍ୟାଲି ପବ୍ଲିକ ସ୍କୁଲ ସହ ମାରୱାଡି ଯୁବମଞ୍ଚ, ମାରୱାଡି ଜାଗୃତି ମହିଳା ମଞ୍ଚ, କଳାହାଣ୍ଡି ଦଳିତ ମଞ୍ଚ ସହ କଳାହାଣ୍ଡିର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୁଆନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସନାତନ ମହାରଣାଙ୍କ ସମେତ ଲକ୍ଷ୍ମୀ ବିକାଶ ଅନୁଷ୍ଠାନର ମୁଖ୍ୟ ଶିକ୍ଷା ଅଧିକାରୀ ଡି. ବିଜୟା, ଡି. ପଦ୍ମିନୀ, ମୁଖ୍ୟ ପ୍ରଶାସକ ଯୁବରାଜ ନାୟକଙ୍କ ସମେତ ସମସ୍ତ ବିଭାଗର ଅଧ୍ୟକ୍ଷ, ଉପାଧ୍ୟକ୍ଷ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ଶ୍ରୀ ଦରୁଆନ ଦେଶର ଏକତ୍ରିକରଣରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

ଭବାନୀପାଟଣା : ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ଲୌହ ମାନବ ସର୍ଦ୍ଦାର ଭଲ୍ଲଭ ଭାଇ ପଟେଲ ଜୟନ୍ତୀ ତଥା 'ରାଷ୍ଟ୍ରୀୟ ଏକତା ଦିବସ'



ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସ୍କୁଲର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଶିବରାମ ନାୟକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେ ନିଜ ଅଭିଭାଷଣରେ ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ବଜାୟ ରଖିବା ପାଇଁ ସମସ୍ତଙ୍କୁ ପ୍ରେରିତ କରିଥିଲେ।

ଭବାନୀପାଟଣା : କଳାହାଣ୍ଡି ଜିଲ୍ଲା କୁର୍ମି କ୍ଷତ୍ରୀୟ ଅଞ୍ଚଳ ସଂସ୍ଥା ପକ୍ଷରୁ ଆଜି ଏକ ଶୋଭାଯାତ୍ରା ପୁରୁଣା ପଡ଼ାରୁ ବାହାରି ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ପଯର୍ଯ୍ୟନ୍ତ ଯାଇଥିଲା। ଅଞ୍ଚଳ ସଭାପତି ଅଶ୍ୱିନୀ ପ୍ରଧାନ ପୌରୋହିତ୍ୟ



କରିଥିବାବେଳେ ଗୁଜରାଟରୁ ଆସିଥିବା ସମାଜସେବୀ ପଙ୍କଜ ସଂଘମ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ। କୁଳାଧିପତି ମହେଶ୍ୱର ପ୍ରଧାନ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ପ୍ରଧାନ, ସିଦ୍ଧାର୍ଥ ନାୟକ, ପ୍ରତାପ ପ୍ରଧାନ, ସନ୍ତୋଷ ପ୍ରଧାନ, ଦୁଃଖିଶ୍ୟାମ ପ୍ରଧାନ, ଅମିତ୍ ନାୟକ, ଶିବରାମ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ମଙ୍ଗଲୁ ପ୍ରଧାନ, ପରଖିତ ବିଶ୍ୱାଳ, ଧର୍ମେନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ନାୟକ, ସୀତାକାନ୍ତ ପ୍ରଧାନ, ଦେବରାଜ ପ୍ରଧାନ, ନବୀନ ନାୟକ, ମଳୟ ବିହାରୀ ନାୟକ ନାୟକ, ସୁଦାମ ପ୍ରଧାନ, ମହିଳା ସଭାନେତ୍ରୀ ସବିତା ପ୍ରଧାନ, କାଉନସିଲର ରଞ୍ଜୁକ୍ତା ପ୍ରଧାନ, ଶିକ୍ଷୟତ୍ରୀ ସ୍ୱପ୍ନା ପ୍ରଧାନ, ମିନତୀ କୁମାରୀ ପ୍ରଧାନ, ଜୟନ୍ତୀ ନାୟକ, ଜୋସ୍ନା ରାଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଗୋଲାମୁଣ୍ଡା : ରାଷ୍ଟ୍ରୀୟ ଏକତା ଦିବସ ଏବଂ ଓଡ଼ିଶା ନିଶାମୁକ୍ତ ଦିବସ ଉପଲକ୍ଷେ ମହାଲିଙ୍ଗ ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଏକ ମିନି ମାରାଥନ ଆୟୋଜନ କରାଯାଇଥିଲା। ଏହି ମାରାଥନ ମାଧ୍ୟମରେ ଜାତୀୟ ଏକତା, ଭାଇଚାରା ଓ ନିଶାମୁକ୍ତ ସମାଜ ଗଠନର ବାର୍ତ୍ତା ପ୍ରଚାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନ କୁମାର ବାଗ, ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜିତ କୁମାର ସାହୁ ଏବଂ କେଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ସଙ୍ଗୀତା ବେକ ପ୍ରମୁଖ ଉପସ୍ଥିତ ରହିଥିଲେ। ଯୁବପିଢ଼ିଙ୍କୁ ନିଶା ସେବନ ଠାରୁ ଦୂରେଇ ରହିବା ସହ ଏକ ସୁସ୍ଥ, ସୁନ୍ଦର ଓ ଶୃଙ୍ଖଳିତ ସମାଜ ଗଠନରେ ସହଯୋଗ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ।

ଲାଞ୍ଜିଗଡ଼ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଲାଞ୍ଜିଗଡ଼, ୩୧।୧୦(ସମିସ): ଲାଞ୍ଜିଗଡ଼ ଥାନା ପରିସରରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଏକତା ଦିବସ ପାଳିତ ହୋଇଯାଇଛି। ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କ ନେତୃତ୍ୱରେ ଥାନାର କର୍ମଚାରୀଙ୍କ ସମେତ ନର୍ଲା ଲାଞ୍ଜିଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ହାତରେ ଏକତା ଦିବସର ବ୍ୟାନର ଧରି ଲାଞ୍ଜିଗଡ଼ ଆଶ୍ରମପଡ଼ା ଠାରୁ ଥାନା ଯାଏଁ ଏକ ଶୋଭାଯାତ୍ରାରେ ଆସି ଅଞ୍ଚଳବାସୀଙ୍କୁ ଏକତାର ବାର୍ତ୍ତା ଦେଇଥିଲେ। ଏହାପରେ ଥାନା ପରିସରରେ ଲାଞ୍ଜିଗଡ଼ ଅଞ୍ଚଳର କାର୍ତ୍ତିକ ଓଡ଼ିଆ, ଶ୍ରୀମୁଖ ଅଗସ୍ତି, ଉଗ୍ରସେନ ନାଗ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଦେଶ ମାତୃକାର ସେବା କରିବା ପାଇଁ ଶପଥ ପାଠ କରିଥିଲେ। ଲାଞ୍ଜିଗଡ଼ ଥାନା ଏଏସ୍‌ଆଇ ବଳଭଦ୍ର ଗୌଡ଼, ଏଏସ୍‌ଆଇ ନିତିନ ଚତୁରବେଦି, ଏଏସଆଇ ସ୍ୱର୍ଣ୍ଣଲତା ଗମାଙ୍ଗ, ଦିସେମ୍ବର ସାହୁ, ସସ୍ମିତା ସା, ସବିତା ସାହୁ, ପ୍ରତାପ କୁମାର ଭୋଇଙ୍କ ସମେତ ସମସ୍ତ କନେଷ୍ଟବଳ ଓ ଆଇଆରବି ପ୍ରମୁଖ ସହଯୋଗ କରିଥିଲେ। ଥାନାଧିକାରୀ ହିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



କର୍ଲାମୁଣ୍ଡା, ୩୧।୧୦(ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ବାପୁଜି ମିନିଷ୍ଟାଡିୟମଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିରଦ ଚନ୍ଦ୍ର କହଁର, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୁନି ସାହୁ, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସନ୍ୟାସୀ ଶତପଥୀ, କର୍ଲାମୁଣ୍ଡା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କେଦାର ନାଥ ଖମାରୀ, ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଶକ୍ତିକାନ୍ତ ବେହେରା, ରିଷିଡ଼ା ସରପଞ୍ଚ ସେବତୀ ରଣା, ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ମାଲପଡ଼ା ସରପଞ୍ଚ ବରୁଣ ଛତ୍ରିଆ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ସରକାରୀ ଯୋଜନାରେ ସାମିଲ ହୋଇ ସଫଳତା ଅର୍ଜନ କରିଥିବା ମହିଳା ଚାଷୀ ବୈଜୟନ୍ତୀ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଦୟା ନିଧି ମାଝୀ, ଦତ୍ତାପ୍ରୟ ନାଏକଙ୍କୁ ସମ୍ମାନିତ କରାଯାଇଥିଲ। କାର୍ଯ୍ୟକ୍ରମରେ ପ୍ରାଣୀ ନିରୀକ୍ଷକ ଶୁଶାନ୍ତ କୁମାର ମିଶ୍ର ସଂଯୋଜନା କରିଥିଲେ ଓ କେଦାର ନାଥ ଖମାରୀ ସ୍ୱାଗତଭାଷଣ ଦେଇଥିବାବେଳେ ବ୍ଲକ ସହକାରୀ ମସ୍ତ ଅଧିକାରୀ ଶକ୍ତିକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରୁ ମହିଳା ପୁରୁଷ ଚାଷୀମାନେ ଅଂଶଗ୍ରହଣ କରିଥିଲେ।

■ **ଜନଶୁଣାଣିରେ ଦୁର୍ବ୍ୟବହାର ଅଭିଯୋଗ**

ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ କଲେ ଆୟୋଗ

ଖଡ଼ିଆଳ, ୩୧।୧୦ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ସମ୍ମିଳନୀକକ୍ଷରେ ଗତ ମାର୍ଚ୍ଚ ୧୬ ତାରିଖରେ ଅନୁଷ୍ଠିତ ଜନଶୁଣାଣି ପ୍ରକୋଷ୍ଠରେ ଜଣେ ଅଭିଯୋଗକାରୀ ତତ୍କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଖଡ଼ିଆଳ ପୁଲିସ ଜୋରଜବରଦସ୍ତି ବାହାରକୁ ନେଇଯାଇଥିବା ଅଭିଯୋଗ ଘଟଣାକୁ ନେଇ ରାଜ୍ୟ ମାନବାଧିକାର ଆୟୋଗ ହସ୍ତକ୍ଷେପ କରିଛନ୍ତି। ଏହି ଘଟଣାରେ ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଅକ୍ଟୋବର ୮ ଚିଠି ନଂ ୪୦୭୭ ରିପୋର୍ଟ ତଲବ କରିଛନ୍ତି ଆୟୋଗ ଓ ଆସନ୍ତା ଡିସେମ୍ବର ୨୮ ତାରିଖ ସୁଦ୍ଧା ଘଟଣା ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ଆଦେଶରେ ଉଲ୍ଲେଖ ରହିଛି। ଅଭିଯୋଗ ଅନୁଯାୟୀ, ସତ୍ୟବାନ ଦଣ୍ଡସେନା ୨୦୧୭ ମସିହା ଡିସେମ୍ବର ୫ରୁ ୨୦୨୨ ଅକ୍ଟୋବର ପର୍ଯ୍ୟନ୍ତ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଧୀନ ମାଣ୍ଡୋସିଲ ପଞ୍ଚାୟତରେ ବିକ୍ରୟ କର୍ତ୍ତା ଭାବେ କାର୍ଯ୍ୟ କରୁଥିଲେ। ତାଙ୍କୁ ସ୍ଥାନୀୟ ସରପଞ୍ଚ କୌଣସି ଲିଖିତ ଆଦେଶ ନ ଦେଇ କାର୍ଯ୍ୟରୁ ବାଦ୍ ଦେଇଥିବା ସେ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସତ୍ୟବାନ ମାର୍ଚ୍ଚ ୧୬ ତାରିଖରେ ଖଡ଼ିଆଳଠାରେ ଅନୁଷ୍ଠିତ ମିଳିତ ଜନଅଭିଯୋଗ ଶୁଣାଣିରେ ତତ୍କାଳୀନ ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମୁଖରେ ନିଜର ଅଭିଯୋଗ ଉପସ୍ଥାପନ କରିଥିଲେ। ଏହି ସମୟରେ ପୁଲିସ କର୍ମଚାରୀମାନେ ତାଙ୍କୁ ଜୋରଜବରଦସ୍ତି ଅଭିଯୋଗ ପ୍ରକୋଷ୍ଠରୁ ବାହାରକୁ ନେଇଯାଇଥିବା ସେ ଆୟୋଗଙ୍କ ନିକଟରେ ଦାଖଲ ଅଭିଯୋଗରେ ଦର୍ଶାଇଥିଲେ।

ଘରେ ପଶି ଛେଳି ଓ ବତକ ଶିକାର କଲା ବାଘ

ନୂଆପଡ଼ା, ୩୧।୧୦(ସମିସ): ନୂଆପଡ଼ା ଓ ଛତିଶଗଡ଼ ଜିଲ୍ଲା ସୀମାନ୍ତବର୍ତ୍ତୀ ଗ୍ରାମାଞ୍ଚଳରେ ଚିତାବାଘର ଆତଙ୍କ କମିବାର ନାଁ ନେଉନାହିଁ। ନିକଟରେ ଛତିଶଗଡ଼ ଜିଲ୍ଲାର ମହାସମୁନ୍ଦ ଜିଲ୍ଲାର ପଣ୍ଡରିପାଣି ଗ୍ରାମର ଲକ୍ଷ୍ମୀନାରାୟଣ ଯାଦବ ଜଙ୍ଗଲକୁ କାଠ ସଂଗ୍ରହ କରିବାକୁ ଯାଇଥିବା ସମୟରେ ଚିତାବାଘ ତାଙ୍କୁ ଆକ୍ରମଣ କରିଥିଲା। ସେହି ଆକ୍ରମଣର କ୍ଷତ ଶୁଖି ନ ଥିବାବେଳେ ପୁଣି ଥରେ ସେହି ଗାଁରେ ଚିତାବାଘ ପଶି ଆସି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଲଗାତାର ଆକ୍ରମଣ ଯୋଗୁଁ ପଣ୍ଡରିପାଣି ସମେତ ସମଗ୍ର ଅଞ୍ଚଳରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଶୁକ୍ରବାର ରାତିରେ ଚିତାବାଘ ପଣ୍ଡରିପାଣି ଗ୍ରାମର ଦୁଇଟି ଅଲଗା ଅଲଗା ଘରକୁ ଟାର୍ଗେଟ କରିଥିଲା। ପ୍ରଥମେ ଚୈତରାମ ପାଣ୍ଡେଙ୍କ ଘରେ ପଶି ଏକ ବତକକୁ ମାରି ଖାଇଥିଲା। ଏହାପରେ ପାଖରେ ରହୁଥିବା କୁସନୋ ପାଣ୍ଡେଙ୍କ ବାଡ଼ିରେ ଥିବା ଛେଳି ଗୁହାଳରେ ପଶି ଶିକାର କରିଥିଲା। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଅଞ୍ଚଳରେ ଚିତାବାଘର ଅବାଧ ଚଳପ୍ରଚଳ ଯୋଗୁଁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଲାଗି ରହିଛି। ଅକ୍ଟୋବର ୩ ତାରିଖରେ ଲକ୍ଷ୍ମୀନାରାୟଣ ଯାଦବଙ୍କ ଉପରେ ଚିତାବାଘ ଆକ୍ରମଣ କରିଥିଲା। ଏହାର ପରଦିନ ପଡ଼ୋଶୀ ଗାଁ ଝିଟିକିରେ ଗୋଟିଏ ପରିବାରର ୬ ଜଣ ସଦସ୍ୟଙ୍କ ଉପରେ ମଧ ଚିତାବାଘ ଆକ୍ରମଣ କରିଥିଲା।

କ୍ଲଷ୍ଟରସ୍ତରୀୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

ଗୋଲାମୁଣ୍ଡା, ୩୧।୧୦ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ଡୁମେରବାହାଲ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୁକ୍ମଣୀ ପ୍ରଧାନୀଙ୍କ ଅବସର ଉପଲକ୍ଷେ ବୃନ୍ଦାବାହାଲ କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀମତୀ ପ୍ରଧାନୀ ୧ ଜାନୁଆରୀ ୧୯୯୦ରେ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇ ୩୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଦୀର୍ଘ ୩୬ ବର୍ଷର ଶିକ୍ଷାଦାନ ଜୀବନର ଅବସାନ ଅବସରରେ ଶିକ୍ଷକ, ଛାତ୍ରଛାତ୍ରୀ, ପୁରାତନ ଛାତ୍ର ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଭାବପୂର୍ଣ୍ଣ ବିଦାୟ ଦିଆଯାଇଥିଲା। ସିଆରସିସି କ୍ଷୀରାବ୍ଧିତନୟା ମଶ୍ରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ବୃନ୍ଦାବାହାଲ କ୍ଲଷ୍ଟରର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଶ୍ରୀମତୀ ପ୍ରଧାନୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଓ ବିଦ୍ୟାଳୟର କର୍ମଚାରୀ ମାନଙ୍କ ସହ ଏକ ନଗର ପରିକ୍ରମା କରାଯାଇଥିଲା। ଶିକ୍ଷକ ତରଙ୍ଗ ଚଣ୍ଡୀ ସଭା ପରିଚାଳନା କରିଥିଲେ। ନିଜର ନିଆରା ବ୍ୟକ୍ତିତ୍ୱ, ଶିଶୁମାନଙ୍କ ପ୍ରତି ସ୍ନେହ ଓ ଉତ୍ତମ ମାର୍ଗଦର୍ଶନ ପାଇଁ ସେ ସମସ୍ତଙ୍କ ନିକଟରେ ପ୍ରିୟଭାଜନ ହୋଇପାରିଥିଲେ।

କଳାହାଣ୍ଡି ଲେଖିକା ସଂଘର 'ଦୀପାବଳୀ କାବ୍ୟୋତ୍ସବ'

ଭବାନୀପାଟଣା, ୩୧।୧୦(ସମିସ): କଳାହାଣ୍ଡି ଲେଖିକା ସଂଘ ଦୀପାବଳୀ ଆଗମନ ଅବସରରେ ଦୀପାବଳୀ କାବ୍ୟୋତ୍ସବ ମାଧ୍ୟମରେ ଆସନ୍ତା ଦୀପାବଳୀର ଭବ୍ୟ ସ୍ୱାଗତ କରିଛି। ଅତିଥି ଡ. ସୁଜାତା ମୁଣ୍ଡ ମହେଦୟା ଯୁଗେ ଯୁଗେ ଦୀପାବଳୀର ମହତ୍ତ୍ୱପୂର୍ଣ୍ଣ ବିଷୟମାନଙ୍କରେ ଆଲୋକପାତ କରି ଅମାବାସ୍ୟାର ଘନ ଅନ୍ଧକାରରେ ତ୍ରେତୟାରେ ରାବଣ ନିଧନ କରି ପ୍ରତ୍ୟାବର୍ତ୍ତନ କରିଥିବା ଶ୍ରୀରାମ ଲକ୍ଷ୍ମଣ ସାଥେ ସୀତାଦେବୀଙ୍କୁ ଦୀପମାଳ ସଜ୍ଜିତ କରି ସ୍ୱାଗତ ଜଣାଇ ଥିବା ଆଦି ପ୍ରସଙ୍ଗ ସୁନ୍ଦର ଭାବରେ ଉପସ୍ଥାପନା କରିଥିଲେ। ସଭାପତି ସୁଦେଷ୍ଣା ପଣ୍ଡାଙ୍କ ସଭାପତିତ୍ୱରେ ପରିଚାଳନା କରିଥିଲେ ସଂଘର ସମ୍ପାଦିକା କଳ୍ପନା ରଥ। କବି ସ୍ୱର୍ଣ୍ଣକାନ୍ତି ବୈକାରଙ୍କ ସଂଯୋଜନାରେ ୨୮ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। କବି ସଂଯୁକ୍ତା ମୁଣ୍ଡ, ସବିତା ଦାଶ, ପଦ୍ମିନୀ ବେହେରା, ମୀନା ମୁଣ୍ଡ, ଦୀପ୍ତି ମୁଣ୍ଡ, ଅନୀତା ମୁଣ୍ଡ, ପ୍ରେମ ଶୀଳା ବେହେରା, ମଞ୍ଜୁରାଣୀ ରଥ, ଝରଣା ପାଢ଼ୀ, ସୁରମା ବେହେରା, ସସ୍ମିତା ସାହୁ, ତପସ୍ୱିନୀ ପଣ୍ଡା, ରଶ୍ମି ରାଣୀ ରଥ, ମମତା ସାହୁ, ସୁବ୍ରତା ମହାପାତ୍ର, ସବିତା ଶତପଥୀ, ଡ.ସୁଜାତା ମୁଣ୍ଡ, କଳ୍ପନା ରଥ, ନିବେଦିତା ମହାନ୍ତି, ସୁଦେଷ୍ଣା ପଣ୍ଡା, ସୁସ୍ମିତା ମହାପାତ୍ର, ସୁଚିସ୍ମିତା ରଥ, ମନୋରମା ପାତ୍ର, କବିତା ମୁଣ୍ଡ, ମିନତି ପ୍ରଧାନ ପ୍ରମୁଖ କବିତା ପାଠ କରିଥିଲେ। ସମ୍ପାଦିକା କଳ୍ପନା ରଥ ଧନ୍ୟବାଦ ଅର୍ପଣ କରିଥିବାବେଳେ କବି ଦୀପ୍ତି ମୁଣ୍ଡ ଗୁଗଲ ମିଟ ସହାୟତା ଯୋଗାଇଥିଲେ।

ଗଞ୍ଜେଇ ଜବତ; ଦୁଇ ଗିରଫ

ନୂଆପଡ଼ା, ୩୧।୧୦(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ଅବକାରୀ ବିଭାଗ ପାଟ୍ରୋଲିଙ୍ଗ କରୁଥିବାବେଳେ ଗଞ୍ଜେଇ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ମଧ୍ୟପ୍ରଦେଶର ବିଦେଶ ପରିହାର ଓ ସୁମିତ ବୋଲି ଜଣାପଡ଼ିଛି। ତାଙ୍କଠାରୁ ୯ କିଲୋ ୫୦୦ ଗ୍ରାମର ଗଞ୍ଜେଇ ଜବତ କରିବା ସହ ସିନାପାଲି ଅବକାରୀ ଥାନାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।



ରାଜ୍ୟସ୍ତରୀୟ କ୍ୟାରମ ମହାକୁମ୍ଭ

ଭବାନୀପାଟଣା, ୩୧।୧୦ (ସମିସ): କଳାହାଣ୍ଡି କ୍ୟାରମ ଆସୋସିଏସନ ତରଫରୁ ପ୍ରଥମ ଥର ପାଇଁ ରାଜ୍ୟ ସ୍ତରୀୟ କଳାହାଣ୍ଡି କ୍ୟାରମ କପ୍ ଆୟୋଜନ କରାଯାଉଛି। ଏହି ପ୍ରତିଯୋଗିତା ନଭେମ୍ବର ୧୩ରୁ ୧୫ ପର୍ଯ୍ୟନ୍ତ ଗୋଲାପ ଭବନ, ଭବାନୀପାଟଣାରେ ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ଖେଳାଳି ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ପଞ୍ଜୀକରଣ ଶୁଳ୍କ ୫୦୦ ଟଙ୍କା ଏବଂ ଶେଷ ତାରିଖ ୮ ନଭେମ୍ବର ୨୦୨୬। ସାମ୍ବାଦିକ ସମ୍ମିଳନୀରେ ଶଶାଙ୍କ ପାତ୍ର, ସୁଶାନ୍ତ ପ୍ରାଧନୀ, ତାରାକାନ୍ତ ନାଗ, ଶିବାନନ୍ଦ ଦାଶ, ସନ୍ତୋଷ ବେହେରା, ନାଗାରଞ୍ଜନ ଗୌର୍ଡ ପ୍ରମୁଖ ଉପସ୍ଥିତ ଥିଲେ।

କଲମପୁର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି



କଲମପୁର, ୩୧।୧୦(ସମିସ): କଲମପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପି.ଏମ୍.ଶ୍ରୀ ବିଶ୍ୱନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଣ୍ଡଳଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହ ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ସମ୍ମାନିତ ଅତିଥିଭାବେ କଲମପୁର ତହସିଲଦାର ସ୍ମରଣିକା ତୁଲ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡା, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ କୁଳମଣି ମାଝୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ବେହେରା, ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର ମୁଣ୍ଡ, ଭାନୁମତି ମାଝୀ, ଏମ୍.ପି. ପ୍ରତିନିଧି ଅରୁଣ କୁମାର ଜଗରିଆ ଯୋଗଦାନ କରିଥିଲେ। ଏହି ଅବସରରେ ଶିଶୁମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, କୁଇଜ୍, ବିତର୍କ, ପ୍ରବନ୍ଧ, ଶ୍ରୁତଲିଖନ, ସୃଜନଶୀଳ ଲିଖନ, ଗୀତ, ପି.ଏମ୍.ପୋଷଣ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀ ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସନ୍ତୋଷ କୁମାର ଚୌଧୁରୀ, ନବଘନ ସାହୁ, ଅଧ୍ୟାପକ ଧନଞ୍ଜୟ ପଣ୍ଡା, ଶିକ୍ଷୟିତ୍ରୀ ସରସ୍ୱତୀ ବିଶ୍ୱାଳ, ସାଗରିକା ପଣ୍ଡା ଓ ଅର୍ଚ୍ଚନା ସୁନାନୀ ମଞ୍ଚ ପରିଚାଳନା କରିଥିଲେ।

ପତୋରା ଅପରଜୋଙ୍କ ପ୍ରକଳ୍ପ ଜଳସ୍ତର କ୍ଷମତା ବୃଦ୍ଧି ଦାବି

ନୂଆପଡ଼ା, ୩୧।୧୦(ସମିସ)

ନୂଆପଡ଼ା ବ୍ଲକ ପତୋରା ଅପରଜୋଙ୍କ ଜଳସେଚନ ପ୍ରକଳ୍ପରେ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଳସ୍ତର ବୃଦ୍ଧି କରିବାକୁ ଦାବି ହୋଇଛି। ଏନେଇ ପତୋରା ଅଞ୍ଚଳର ଚାଷୀ ପ୍ରତିନିଧି ଦଳ ଜିଲ୍ଲାପାଳ ଅନ୍ୟା ଦାସଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ଅପରଜୋଙ୍କ ଜଳସେଚନ ପ୍ରକଳ୍ପରେ ଜଳସଂରକ୍ଷଣ କ୍ଷମତାକୁ ନେଇ ସମସ୍ୟ ରହିଥିବାବେଳେ ଏହି ନଦୀ ବନ୍ଧରେ ଅନୁମୋଦିତ ତଥା ଆବଶ୍ୟକ ଜଳ ସଂରକ୍ଷଣସ୍ତର ହେଉଛି ୩୫୪.୧ମିଟର। ବର୍ତ୍ତମାନ ଆବଶ୍ୟକ ଜଙ୍ଗଲ ବିଭାଗ ଅନୁମତି ମିଳି ନ ଥିବାରୁ ଜଳସଂରକ୍ଷଣସ୍ତର ୩୫୦, ୬ମିଟରରେ ସୀମିତ ରହିଛି। ଫଳରେ ଜଳସେଚନ ପାଇଁ ଉପଲବ୍ଧ ପାଣି ଅଭାବ ଦେଖାଦେଉଛି। ଏହା ଚାଷୀମାନଙ୍କ ମଧ୍ୟରେ ଗଭୀର ଚିନ୍ତାର ବିଷୟ ହୋଇଛି। ବର୍ତ୍ତମାନର ଜଳ




ସଂରକ୍ଷଣସ୍ତର ଅନୁସାରେ ୯ହଜାର ୯ଶହ ହେକ୍ଟର ଜମି ଜଳସେଚନ ହେଉଛି। ଏଥିରେ ୨୫ହଜାର କୃଷକ ପରିବାର ଉପକୃତ ହେଉଛନ୍ତି। ଏସବୁ ପରିବାର ସାମାଜିକ, ଆର୍ଥିକ ବିକାଶ, ଜୀବିକା ଓ କୃଷିଗତ ସମୃଦ୍ଧି ମୁଖ୍ୟତଃ ଜଳସେଚନ ପ୍ରକଳ୍ପ ଉପରେ ନିର୍ଭର କରୁଛି। କିନ୍ତୁ ଜଳସେଚନ ପାଇଁ ପାଣି ଯଥେଷ୍ଟ ହେଉନଥିବାରୁ ଚାଷ ପ୍ରଭାବିତ ହେଉଛି। ଜଳ ସଂରକ୍ଷଣ ଅଭାବ କୃଷି ଉତ୍ପାଦନ, ଚାଷୀଙ୍କ ଆୟ ଓ ସାମଗ୍ରୀକ ଗ୍ରାମୀଣ ଅର୍ଥନୀତିରେ ପ୍ରତିକୂଳ ପ୍ରଭାବ ପକାଉଛି। ଜଙ୍ଗଲ ଅନୁମତି ଆଇନଗତ ପରିବେଶ ଓ ବନ୍ୟପ୍ରାଣୀ ସମ୍ବନ୍ଧୀୟ ଅନୁମତି ସର୍ତ୍ତେ ଅଧୀନରେ ବନ୍ଧର ଜଳସଂରକ୍ଷଣ ସ୍ତରକୁ ପୁନର୍ବାର ୩୫୪.୧ମିଟର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଦାବି କରିଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ମୁଖ୍ୟ ଶାସନ ସଚିବ, ନୂଆପଡ଼ା ଜିଲ୍ଲାପାଳ ଓ ପତୋରା ଅପରଜୋଙ୍କ ଜଳସେଚନ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିଜେଡି ରାଜ୍ୟ ସମ୍ପାଦକ ରାଜେଶ ନିଗମ, ଜିଲ୍ଲା ପରିଷଦ ସଭ୍ୟ ଭରତଲାଲ ରାଉତ, ସାହୁ ସମାଜ ଜିଲ୍ଲା ସଭାପତି ଧନୀରାମ ସାହୁ, ବିଜେଡ଼ି ଜିଲ୍ଲା ଉପସଭାପତି ସୁବାସ ପଣ୍ଡା(ଟିଙ୍କୁ), ପ୍ରମୋଦ କିଶୋର ସାହୁ, ଦେବୀପ୍ରସାଦ ମିଶ୍ର, ମନୋଜ ସାହୁ, ରାମଚନ୍ଦ୍ର ସାହୁ, ସଦାନନ୍ଦ ସାହୁ, ଟୁକେଶ୍?ର ଯାଦବ, ନନ୍ଦଲାଲ ରାଉତ, ଗଙ୍ଗୁରାମ ପାଣ୍ଡେ, ଜୟକୁମାର ସାହୁ, ସୀତାରାମ ସାହୁ, ରାମ ସିଂ ମାଝୀ, ଜୟ କୁମାର ସାହୁ, ପ୍ରମୋଦ ସାହୁ, ମନୁଲାଲ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।


ଏକତା ଦିବସ ଉପଲକ୍ଷେ ନିଶାମୁକ୍ତ ଓଡ଼ିଶା ଅଭିଯାନ



କେସିଙ୍ଗା, ୩୧।୧୦(ସମିସ): ଭାରତ ଭଳି ବିବିଧତା ଭରା ଦେଶରେ ଭାଷା, ଧର୍ମ, ଜାତି ନିର୍ବିଶେଷରେ ସମସ୍ତେ ଏକ ବୋଲି ମନେ ପକାଇବା ପାଇଁ ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଆମ ପୁଲିସ ସମିତି ପକ୍ଷରୁ ଶନିବାର ସକାଳୁ ଏକତା ଶପଥ ଓ ଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କେସିଙ୍ଗା ପୁଲିସ ଷ୍ଟେସନ ପରିସରରେ ଏକ ନିଶାମୁକ୍ତ ଓଡ଼ିଶା ଅଭିଯାନ ସମ୍ପର୍କରେ ଏକ ସଚେତନତା ଅନୁଷ୍ଠିତ ହୋଇଥିଲା। କେସିଙ୍ଗା ଥାନା ଅଧିକାରୀ ଜୀତେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କେଲା ଫାଣ୍ଡି ଅଧିକାରୀ ଅନୁପ କୁମାର ଶତପଥୀ, ପରିଡ଼ା ସାର, ମାଝୀ ସାର ପ୍ରମୁଖ ମଞ୍ଚାସିନ ଥିଲେ। ପୁଲିସ ଅଧିକାରୀ ରାହାସ ବିହାରୀ ସା ଧନ୍ୟବାଦ ଦେଇଥିଲେ।



ବେଡ୍ ନମ୍ବର -୧୪୩



ସୁଚରିତା ବେହେରା

ସେ ଆଜି ବି ସେମିତି ଚାହିଁଥିଲେ ଝର୍କା ସେପାଖ ପୃଥିବୀକୁ, ଯେମିତି ପ୍ରଥମଥର ତାଙ୍କୁ ଭେଟିବା ବେଳେ ଚାହିଁଥିଲେ । ତାଙ୍କ ଶୂନ୍ୟ ଦୃଷ୍ଟି କାହାକୁ ଖୋଜୁଥିଲା କେଜାଣି! ଲାଗୁଥିଲା ଯେମିତି ବ୍ରହ୍ମାଣ୍ଡର ସବୁ ଶୂନ୍ୟତା ଆସି ଅଟକି ଯାଇଛି ତାଙ୍କରି ପାଖେ । ନିଜ ଚାରିପାଖର କୋଳାହଳକୁ ବେଖାତିର କରି ସମ୍ପୂର୍ଣ୍ଣ ମଗ୍ନ ନିଜ ଦୁନିଆରେ । କିନ୍ତୁ ତାଙ୍କ ମୁହଁରେ ଥିବା କାରୁଣ୍ୟର ଭାବ ଯେକୌଣସି ବ୍ୟକ୍ତିକୁ ଭାବପ୍ରବଣ କରିବାକୁ ଯଥେଷ୍ଟ ଥିଲା । ମୁଁ କେତେଦିନ ହେଲା ଏଠିକି ଆସୁଛି ମନେ ନାହିଁ, ବୋଧେ ଆଠ, ଦଶ କି ପନ୍ଦର ଦିନ ବି ହୋଇପାରେ । ସ୍ୱଇଚ୍ଛାରେ ନୁହେଁ ବାଧ୍ୟରେ । ପ୍ରତିଦିନ ଅସଂଖ୍ୟ ଦୁଃଖ, ଯନ୍ତ୍ରଣା, କୋହକୁ ଭେଟିବାକୁ କିଏ ଚାହିଁବ । ଏଠୁ ଫେରିବା ପରେ ମତେ ଖୁବ୍ ଅଣନିଶ୍ୱାସୀ ଲାଗେ । କିନ୍ତୁ ମା'ର କଥାକୁ ଟାଳିନପାରି ବାଧ ହୁଏ ପୁଣି ଆସିବାକୁ । ମୁଁ ଜାଣେ ମା' ବି କର୍ତ୍ତବ୍ୟ ଦାୟରେ ବନ୍ଧା ।

ଅଜା ଏବେ ହସ୍‌ପିଟାଲ ବେଡ୍‌ରେ । ଗାଁରୁ ଆସି ଦିନ ରାତି ରହିବା ଏତେ ସହଜ ନୁହେଁ ତାଙ୍କ ପାଇଁ । ସେଥିପାଇଁ ମୁଁ କଲେଜ ସାରି ହଷ୍ଟେଲ ଫେରିବା ଭିତରେ ପ୍ରତିଦିନ ଆସି ମା' ଓ ଆଈ କଥା ବୁଝିଦେଇ ଯାଏ । ଏହି ସମୟର ଅନୁଭବ କେତେ ଯେ ଯନ୍ତ୍ରଣାଦାୟକ ତାହା ଅନୁଭବୀ ହିଁ ଜାଣେ । ଏହା ବେଶ୍ କିଛି ସମୟ ଆବେଶ କରି ରଖେ ମତେ । ସେଥିରୁ ମୁକୁଳିବା ଅତ୍ୟନ୍ତ କଷ୍ଟକର । ଶହଶହ ରୋଗୀ, ଆଟେଣ୍ଡେଣ୍ଟଙ୍କ ଭିତରେ ସେ କିନ୍ତୁ ନୀରବ, ନିଶ୍ଚଳ । ଅଭିମାନ, ଅନୁରାଗ, ଅନୁଶୋଚନାଠୁ ଢେର ଉର୍ଦ୍ଧ୍ୱରେ । ଆଶ୍ଚର୍ଯ୍ୟ ହୁଏ ମୁଁ । ତାଙ୍କର କ'ଣ କେହି ନାହାନ୍ତି ? ସବୁ ବନ୍ଧନରୁ ସେ ମୁକ୍ତ କି ବନ୍ଧନମୁକ୍ତ ହେବାକୁ କିଏ ତାଙ୍କୁ ଫିଙ୍ଗି ଦେଇଛି ଏଠି । ମା'ଙ୍କୁ ପଚାରିଲେ ସେ କିଛି ଉତ୍ତର ଦିଅନ୍ତିନି । ତାଗିଦ କରି କୁହନ୍ତି "ସମସ୍ତଙ୍କ ଭାଗ୍ୟ ଅଲଗା | ଆଗକୁ ପରୀକ୍ଷା ଅଛି | ପଢ଼ାପଢ଼ିରେ ମନ ଦେ ।"

ମୁଁ ଲକ୍ଷ୍ୟ କଲି ଏତିକି ଦିନ ଭିତରେ କେହି ଆତ୍ମୀୟ ତାଙ୍କୁ ଭେଟିବାକୁ ଆସିନାହାନ୍ତି | ନର୍ସଙ୍କୁ ପଚାରିଲି "ଏବେ ବି କ'ଣ ତାଙ୍କ ଚିକିତ୍ସା ଚାଲିଛି ?"

"ନାଇଁ ।" ସଂକ୍ଷିପ୍ତ ଉତ୍ତର ଦେଇ ସେ ଚାଲିଗଲେ ।

ମୋ' ପାଖରେ ଶବ୍ଦ ନଥିଲା କିଛି କହିବାକୁ । ମୁଁ ଅଜାଙ୍କୁ ଦେଖୁଥିଲି । ଡାକ୍ତରଙ୍କ ଚିକିତ୍ସା, ମା' ଓ ଆଈର ନିସ୍ୱାର୍ଥ ସେବାରେ ସେ ଭଲ ହୋଇ ଆସୁଥିଲେ । କିନ୍ତୁ ସେ !

ମୁଁ ତାଙ୍କ ଉପରୁ ଦୃଷ୍ଟି ଫେରେଇ ଆଣି ଡାକ୍ତରଙ୍କ କ୍ୟାବିନକୁ ଗଲି, ଡିସ୍‌ଚାର୍ଜର ଫର୍ମାଲିଟିଜ୍ ପୂରା କରିବାକୁ । ଅଜାଙ୍କ ଉଜ୍ଜ୍ୱଳ ଆଖି ଓ ସ୍ମିତ ହସ ଦେଖି ପରିବାରର ସମସ୍ତଙ୍କ ମୁହଁରେ ଏବେ ଆଶ୍ୱସ୍ତିର ଚିହ୍ନ । ଘରକୁ ଯିବାକୁ ବ୍ୟଗ୍ର ସମସ୍ତେ । ମୁଁ କିନ୍ତୁ ଭାବୁଥିଲି ଜଣକର ଅସରନ୍ତି ପ୍ରତୀକ୍ଷାର ଅବସାନ ଆଉ କେବେ ? ତେଣୁ ଫେରିବାବେଳେ ଡାକ୍ତରଙ୍କୁ ପଚାରିଦେଲି, "ବେଡ୍ ନମ୍ବର-୧୪୩ର ଡିସ୍‌ଚାର୍ଜ କେବେ ହେବ ?"


ଦୀର୍ଘନିଶ୍ୱାସ ସହ ଡାକ୍ତରଙ୍କ ପାଟିରୁ ବାହାରି ଆସିଲା "ବୋଧେ କେବେ ନୁହେଁ!" ■

ଗୋଲଡେନ୍ ସାର୍କଲ, ହାଇଦ୍ରାବାଦ
ମୋ: ୭୯୭୬୪୯୮୨୩୪

ପୁସ୍ତକ ଓ ପତ୍ରିକା ପରିଚୟ

ଭାଷା ଆଇନ୍

ସଂପାଦନା: ପବିତ୍ର ମହାରଥା



ଶବ୍ଦସ୍ପର୍ଶ
ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୨
ମୂଲ୍ୟ : ୨୫୦ ଟଙ୍କା

ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଛି । ଓଡ଼ିଆ ଭାଷାରେ ରଚିତ ବହୁ ଉଚ୍ଚକୋଟୀର କୃତିରେ ଆମ ସାହିତ୍ୟ ସମୃଦ୍ଧଶାଳୀ । ଓଡ଼ିଶା ସରକାରୀ ଭାଷା ଆଇନ ପ୍ରସ୍ତାବରୁ ସଂଶୋଧିତ ଦଣ୍ଡବିଧାନ ପର୍ଯ୍ୟନ୍ତ ଭାଷା ଆଇନର ଇତିହାସ, କ୍ରମ ବିକାଶ, ସଂଶୋଧନ ଆଦିକୁ ନେଇ ପବିତ୍ର ମହରଥାଙ୍କ ସଂପାଦନାରେ ପ୍ରକାଶ ପାଇଛି 'ଭାଷା ଆଇନ୍' ପୁସ୍ତକ । ଏହି ପୁସ୍ତକରେ ଜାନକୀଶ ବଡ଼ପଣ୍ଡାଙ୍କ 'ଭାଷା ଆଇନକୁ ନେଇ ଆଲୋଚନା', ବିଭୁପ୍ରସାଦ ତ୍ରିପାଠୀଙ୍କ 'ସ୍ଥିତିଜ ଭାଷା ଆଇନକୁ ଗତିଜ କରିବାର ପ୍ରୟାସ' ଆଦି ଆଲୋଚନାଗୁଡ଼ିକରେ ଓଡ଼ିଆ ଭାଷା ସୁରକ୍ଷାର ବିଭିନ୍ନ ଆଇନ ସଂପର୍କରେ ତର୍ଜମା କରାଯାଇଛି । ସେହିପରି ବିଧାନସଭାରେ ଭାଷା ଆଇନ ଉପରେ ଆଲୋଚନାର ଅବିକଳ ବିବରଣୀ, ଓଡ଼ିଆ ଭାଷା ଆଇନ ଗତି ଓ ପ୍ରଗତିର ଧାରା, ଭାଷା ଆନ୍ଦୋଳନ, ଓଡ଼ିଶା ପକ୍ଷରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ, ଓଡ଼ିଶା ସରକାରୀ ଭାଷା ସଂଶୋଧିତ ଅଧିନିୟମ, ଭାଷା ଆଇନର ସଂଶୋଧନ ଆଦି ସଂପର୍କରେ ତଥ୍ୟ ଭିତ୍ତିକ ବିବରଣୀ ସଂକଳିତ ହୋଇଛି । ଓଡ଼ିଆ ଭାଷା ଆଇନ ସଂପର୍କିତ ଏହା ଏକ ଉପାଦେୟ ପୁସ୍ତକ । ■

ଝୁମୁକା

ସଂପାଦକ: ମାନସ ରଞ୍ଜନ ସାମଲ




୧୪୪, ଏଲ୍.ଟି. କଲୋନୀ, ଚାରବାଟିଆ
କଟକ-୭୫୪୦୨୮
ମୂଲ୍ୟ ୫୦ ଟଙ୍କା

ବିଶିଷ୍ଟ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲଙ୍କ ବଳିଷ୍ଠ ସମ୍ପାଦନାରେ ପ୍ରକାଶ ପାଇଛି 'ଝୁମୁକା'ର ଶାରଦୀୟ ବିଶେଷାଙ୍କ -୨୦୨୬ । 'ଗଳ୍ପ ବିଭାଗ'ରେ ଶାନ୍ତନୁ କୁମାର ଆଚାର୍ଯ୍ୟ, ପ୍ରତିଭା ରାୟ, ମହେଶ୍ୱର ମହାନ୍ତି, ଦାଶ ବେନହୁର, ଜୟନ୍ତୀ ରଥ, ରମେଶ ପତ୍ରୀ, ନିତ୍ୟାନନ୍ଦ ସ୍ୱାଇଁ, ନିରୁପମା ଆଚାର୍ଯ୍ୟ, ନରେନ୍ଦ୍ର ପ୍ରସାଦ ଦାସ, ଛନ୍ଦା ମିଶ୍ର ପ୍ରମୁଖଙ୍କ ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । 'ପାର୍ବଣ ବିଶେଷ'ରେ 'ମନେପଡ଼େ ମାମୁଘର' ଶୀର୍ଷକରେ କଥାକାର ଗୌରହରି ଦାସ ଓ ମନୋରମା ବିଶ୍ୱାଳ ମହାପାତ୍ରଙ୍କ ଆଲେଖ୍ୟ ଉଚ୍ଚକୋଟୀର ହୋଇଛି । 'ଏକାଙ୍କିକା ବିଭାଗ'ରେ ସଂଘମିତ୍ରା ମିଶ୍ର ଓ 'ଫିଚର'ରେ 'ଭାରତର ଦ୍ୱାଦଶ ମହୀୟସୀ ମହିଳା' ଚମତ୍କାର ହୋଇଛି । 'କବିତା ବିଭାଗ'ରେ ରାଜକିଶୋର ପାଢ଼ୀ, ଦେବରାଜ ସାମନ୍ତରାୟ, ନିର୍ଭୟ କୁମାର ପାଣି, ସୁନାମଣି ରାଉତ, ବଙ୍କିମ ଚନ୍ଦ୍ର ନାୟକ, ଜୟନ୍ତିକା, ଚିରଶ୍ରୀ ଇନ୍ଦ୍ରସିଂ, ହରିହର ଶୁକ୍ଳ, ମହେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖଙ୍କ ସୃଷ୍ଟି ମନଛୁଆଁ ହୋଇଛି । ବହୁ ବରିଷ୍ଠ ଓ ଯୁବ ସ୍ରଷ୍ଟାଙ୍କ ସୃଷ୍ଟିରେ ସମୃଦ୍ଧ 'ଝୁମୁକା' ବେଶ୍ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

ସତ୍ୟମେବ ଜୟତେ

ସଂପାଦକ: ମାନସ ରଞ୍ଜନ ଦାଶ



ସତ୍ୟମେବ ଜୟତେ ପରିବାର
ସପନପୁର, ଶିଶୁଆ, ସାଲେପୁର, କଟକ
ମୂଲ୍ୟ : ୧୦୦

'ସତ୍ୟମେୟ ଜୟତେ ପରିବାର' ପକ୍ଷରୁ ମାନସ ରଞ୍ଜନ ଦାଶଙ୍କ ସଂପାଦନାରେ 'ସତ୍ୟମେବ ଜୟତେ' ବାର୍ଷିକ ମୁଖପତ୍ର -୨୦୨୬ ପ୍ରକାଶ ପାଇଛି । ଏହି ପତ୍ରିକାରେ ଓଡ଼ିଶାର ଅନେକ ପ୍ରତିଷ୍ଠିତ ଓ ଯୁବ ଲେଖକଲେଖିକାଙ୍କ କବିତା, ଗପ, ପ୍ରବନ୍ଧ ଆଦି ପ୍ରକାଶ ପାଇଛି । ଡକ୍ଟର ଗୌତମ ମହାରଣାଙ୍କ 'ସୁପୁତ୍ରସ୍ତୁ କୁଳେ ଭାତି', ଡ. ସନ୍ତୋଷ କୁମାର ପଣ୍ଡାଙ୍କ 'ସଂକଳ୍ପ ନୁହେଁ, ସମୟର ଆହ୍ୱାନ', ଡକ୍ଟର ତରୁଲତା ଦେବୀଙ୍କ 'ସଂପର୍କର ପରିଭାଷା', ଜୟଦେବ ଲେଙ୍କାଙ୍କ 'ସେଇ ସାତ ରଙ୍ଗରେ...' ଆଦି ପ୍ରବନ୍ଧ ଉଚ୍ଚକୋଟୀର ହୋଇଛି । ସେହିପରି ଡକ୍ଟର ଅନୁପମା ବିଶ୍ୱାଳଙ୍କ 'ସାବତ ଶାଶୁ', ଡକ୍ଟର ମନ୍ଦାକିନୀ ପାଢ଼ୀଙ୍କ 'ସନ୍ତାନ ପାଇଁ ମମତା', ବିପ୍ଳବ ବିକାଶ ବେହେରାଙ୍କ 'ଶବ୍ଦର ତରଙ୍ଗ', କମଳିନୀ ସେନାପତିଙ୍କ 'ଶୂନ୍ୟତାର ବାସ୍ନା' ପ୍ରଭୃତି ମନଛୁଆଁ ହୋଇଛି । ସେଭଳି ଶ୍ରୀମତୀ ନିର୍ମଳା ପରିଡ଼ାଙ୍କ 'ସମୟ ନୁହେଁ କାହାର', ଅପର୍ତ୍ତି ସେଠୀଙ୍କ 'ସଂଗ୍ରାମ', ହରିହରି ମହାନ୍ତଙ୍କ 'ସତ୍ୟଭାମାପୁର ଶିଶୁ', ସୁରେଶ ଚନ୍ଦ୍ର ବାୟାଙ୍କ 'ସମୀରଣ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । 'ସତ୍ୟମେବ ଜୟତେ'ର ଏହି ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

ରୂପାନ୍ତର

ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ



ଯିଏ ଏସନ ଜାଗରରେ
ସାରାରାତି ଜାଳୁଥିଲେ ସମ୍ପର୍କର ଦୀପ,
ଉଚ୍ଚାଟ ସ୍ୱରରେ
ଲକ୍ଷେ ଭକ୍ତଙ୍କ ଭିଡ଼ରେ
ବୁଣୁଥିଲେ ବିଶ୍ୱାସର ବୀଜ,
ସିଏ ସାମାନ୍ୟ କଥାରେ ପାଲଟିଗଲେ
ଇତିହାସର କ୍ରୂର ଚରିତ୍ର!

ଯିଏ ନିଜେ ଗୋଟେ ସମୁଦ୍ର ଥିଲା
ଜଙ୍ଗଲର ଡାକକୁ ଫୁ କରିଥିଲା
ତା' ଛଳଛଳ ପଣରେ
ଆକାଶକୁ ମିଶେଇବାକୁ
ଚାହିଁଥିଲା ନିଜ ନିଃସଙ୍ଗ ଛାତିରେ,
ଦିନେ
ନିନ୍ଦା ଅପବାଦର ନିର୍ମମ ପ୍ରହରେ
ସେ ପାଲଟିଗଲା ମଲାନଈ ।
ଅବସୋସ
ତା' ଶେଷ ଠିକଣାରେ ତାକୁ
କେହିବି ଥରେ ଖୋଜିଲେ ନାଇଁ!

ଯିଏ ମାଟି ପାଇଁ
ଦିନେ ଗର୍ବରେ ପତେଇଥିଲା ଛାତି,
ନିଜ ଦାୟରେ କେବେ ଅପସରି ଯାଇନଥିଲା
କର୍ମ ଓ କର୍ତ୍ତବ୍ୟରୁ,
ସେ ଆଜି ପୁରସ୍କୃତ ଦେଶଦ୍ରୋହ ପାଇଁ,
ଶତ୍ରୁଦେଶର ସର୍ବୋଚ୍ଚ ସମ୍ମାନରେ!

ଯିଏ ଅନ୍ୟର ଆଉଟା ରକ୍ତରେ
ଲେଖିଥିଲା ନିଜ ଭାଗ୍ୟ,
ବେହିସାବ ଶବର ଦରିଆରେ
ହସି ହସି ବିସର୍ଜି ଦେଇଥିଲା
ବାସି ରାତିର ସ୍ୱପ୍ନ!
ସମର୍ପଣର ଶାଣିତ ସ୍ୱରରେ ସିଏ
ଦିନେ ପାଲଟିଗଲା ସନ୍ଥ
ପବନର ପଣତରେ ଲୁଚି ଯାଉଥିଲା
ଶତାବ୍ଦୀର ଶ୍ରେଷ୍ଠ ପାପ!

କିଛି ନିଜ ଚିରାଚରିତ ଚର୍ଯ୍ୟାରୁ ବେଫିକର ମୁକୁଳିଲେ,
ରାତିର ଚାଦର ଘୋଡ଼େଇ
କିଛି ବାହାରିଗଲେ ଶେଷ ଆଶାର
ସନ୍ଧାନରେ
ଆଉ କିଛି
ସକାଳର ସୁନେଲି ରଙ୍ଗ ସହ
ଢୋକୁଥିଲେ ଗଲାକାଲିର କଳଙ୍କ!

କିଛି ହାରିଲେ
କିଛି ସମବେତ ସ୍ୱରରେ
ଜୀବନର ଜୈତ୍ର ଗାନ କଲେ,
କିନ୍ତୁ ସଭିଏଁ ନିଜର
ପରିବର୍ତ୍ତିତ ରୂପକୁ
ସମୟ ଖାତାରେ
ରୀତିମତ ଜାହିର କରୁଥିଲେ! ■

ସହଦେବଖୁଣ୍ଟା, ବାଲେଶ୍ୱର
ପିନ-୭୫୬୦୦୧
ମୋ: ୭୭୮୮୯୭୭୨୭୬

ପୁନର୍ଜନ୍ମ

ସୁଜିତ କୁମାର ସତପଥି



ଏମିତି ଦିନେ ହୁଅନ୍ତା ନି
ସନାତନ ଓହ୍ଲେଇ ଆସନ୍ତା
ଟ୍ରକ ଡାଲାରୁ
ସୁତପା ଆମ୍ରଷ୍ଠ ମୁଦ୍ରାରୁ
ଆଉ ସମାରୁ ସୁରଟରୁ
ସେମାନେ ସବୁ ଗାଁ ବସ୍‌ଷ୍ଟାଣ୍ଡ
ଶେଷ ଚା' ଦୋକାନରେ ଭେଟହୁଅନ୍ତେ
ସୁଖଦୁଃଖ ହୁଅନ୍ତେ
ଯେ ଯାହା ତାହା ଆପଣା ଭିତରେ ବାଣ୍ଟି
ହାଲକା ହୁଅନ୍ତେ
ଶବ୍ଦର ପାହାଡ଼ରୁ ଖସି ଭାବ



ମେଘ ହୋଇ ବରଷି ଦିଅନ୍ତା ଅବଶ ମାଟିରେ
ଏମିତି ଦିନେ ହୁଅନ୍ତା ନି
ଶ୍ୟାମଳୀ, ତନୁଲତା ଫେରିଆସନ୍ତେ
କର୍ମବ୍ୟସ୍ତତାରୁ
ଡୀର, ଫୁଲଡୁଲି ଦାଦନରୁ ଇଟାଭାଟିରୁ
ହାତ ଧରାଧରି ହୋଇ ଖେଳନ୍ତେ
ପାର୍ଲର ଯାଆନ୍ତେ, ସପିଂ କରନ୍ତେ
ରିଲ୍‌ସ ନେଇ ଗୁପଚୁପ୍‌ର ମଜା ନିଅନ୍ତେ
ମେହେନ୍ଦି ମାଖିବାରେ ଅପସରି ଯାଆନ୍ତା
ଆଖିତଳ କଳାଦାଗ,
ଛାତିତଳ ଅଣନିଶ୍ୱାସୀ ଲୁହ
ଭୁଲିଯାଆନ୍ତେ ଯୁଗଯୁଗର ଭୋକ ଆଉ ଶୋଷ
କି ଲୁଣ୍ଠିତ ସବୁଜିମା
ଧୀରେଧୀରେ ଅପରୂପ ଘାସ ଯେତେ
ପାଆଁଳି ଯାଆନ୍ତା ସବୁଠି
ଅଦିନିଆ କାକର ଟୋପା ଖସିପଡ଼ନ୍ତା ସେଠି
ଆକାଶରେ ଚିତ୍ରେଇଯାଆନ୍ତା ସାତରଙ୍ଗୀ ଇନ୍ଦ୍ରଧନୁ
ଫୁଟନ୍ତା ପଳାଶ, ଗାଲରେ ଲେସି ହୋଇଯାଆନ୍ତା
ଲାଜ ଓ ଖୁସିର ଫଲଗୁ
ଏମିତି ଦିନେ ହୁଅନ୍ତା ନି
ତମେ, ମୁଁ, ସେମାନେ ସଭିଏଁ
ପ୍ରଥମ, ଦ୍ୱିତୀୟ, ତୃତୀୟର ବିସଙ୍ଗତିକୁ ଭୁଲି
ସମାହିତ ହୋଇଯାଆନ୍ତା ଗୋଟିଏ ଅସ୍ତିତ୍ୱରେ
ଚିତ୍ର-ଚରିତ୍ର, ସ୍ୱପ୍ନ-ସ୍ଥିତି, ନାଦ-ଗୀତି, ବାଦ-ରୀତି
ସବୁକିଛି ମିଳେଇ ଯାଆନ୍ତା
ଈପ୍‌ସିତ ପୁନର୍ଜନ୍ମରେ... । ■

ବାଗାଶ୍ରିତା, ସାଲେଭଟା, ବଲାଙ୍ଗିର
ମୋ: ୯୫୫୬୭୭୧୧୭୭୨

"କାହିଁକି ମୁଁ ଲେଖେ ତା'ର ସମ୍ପୂର୍ଣ୍ଣ ଉତ୍ତର ମୋତେ ଜଣା ନାହିଁ"





ତରୁଣକାନ୍ତି ମିଶ୍ର

'ମୁଁ କାହିଁକି ଲେଖେ'- ଏ ପ୍ରଶ୍ନ ମୋତେ କେହି କେହି ପଚାରିଛନ୍ତି ଓ ମୁଁ ନିଜେ ବି ଏ ପ୍ରଶ୍ନ ନିଜକୁ ପଚାରିଛି ଅନେକ ଥର । ଏଯାଏ ଏହାର କୌଣସି ଚୂଡ଼ାନ୍ତ ଉତ୍ତର ମୁଁ ଦେଇ ପାରିନାହିଁ, ନା ନିଜକୁ ନା ଅନ୍ୟ କାହାରିକୁ ।

ଅଧିକାଂଶ ଲେଖକଙ୍କ ପରି, ମୁଁ ଲେଖା ଆରମ୍ଭ କରିଛି ପିଲାଟି ଦିନରୁ । ପ୍ରଥମେ କେବେ ଗପ ଲେଖିବାକୁ ଚେଷ୍ଟା କରିଥିଲି ମନେ ନାହିଁ, ତେବେ ମୋର ପ୍ରଥମ ସମ୍ପୂର୍ଣ୍ଣ ଗଳ୍ପଟି ମୁଁ ଲେଖିଥିଲି ପଞ୍ଚମ ଶ୍ରେଣୀରେ ପଢ଼ିବା ବେଳେ । ଗଳ୍ପଟିର ନାମ ଥିଲା, 'ସାବତ ମାଆ' ।

ପିଲାଦିନେ ମୁଁ ବହୁତ ଗପ ଶୁଣୁଥିଲି । ମୋ' ମାଆ ପ୍ରାୟ ପ୍ରତି ରାତିରେ ଗପ ଶୁଣାନ୍ତି, ପୌରାଣିକ ଉପାଖ୍ୟାନଠାରୁ ଆରମ୍ଭ କରି ଐତିହାସିକ, କାଳ୍ପନିକ, ଏପରିକି ତାଙ୍କ ପିଲାଦିନର ସ୍ମୃତିକଥା । ମୋ' ଅଜା ମଧ୍ୟ ଗପ କହନ୍ତି ଚମତ୍କାର । ସେ ସବୁ ଗପ ଶୁଣି ମୁଁ ମନକୁ ମନ ଗପ ଗଢ଼େ, ଟିକିଏ ଏପଟ ସେପଟ କରି । ମୋର ଯେମିତି ପସନ୍ଦ, ଯେମିତି ମତେ ଭଲ ଲାଗେ ।

'ସାବତ ମାଆ' ଗପଟି ମୁଁ ଲେଖିଥିଲି କାନ୍ଦ-କାନ୍ଦ ହୋଇ । ମୁଁ ପଞ୍ଚମରେ ପଢୁଥିବା ବେଳେ, ହଠାତ୍ ଦିନେ ମାଆ ଡାକ୍ତରଖାନାକୁ ଗଲେ, ଗୋଟିଏ ଜରୁରୀ ଅପରେସନ୍ ପାଇଁ । ଆମେ ଛଅ ଭାଇ ଭଉଣୀ ଅନାଥ ହୋଇଗଲୁ ସାତଟି ରାତି । ସେଇ ସବୁ ରାତିରେ ମୁଁ ବସି ଲେଖିଥିଲି 'ସାବତ ମାଆ' ଗଳ୍ପଟି । ଡାକ୍ତରଖାନାରୁ ଫେରି ମୋ' ମାଆଙ୍କ ହାତରେ ପଡ଼ିଥିଲା ସେଇ ଦୁଇ ପୃଷ୍ଠା କାଗଜ । ଗପଟି ପଢ଼ିସାରି, ଛଳ ଛଳ ଆଖିରେ ମାଆ କହିଥିଲେ ବାପାଙ୍କୁ, "ଯଦି ମୁଁ ଡାକ୍ତରଖାନାରୁ ଫେରି ନଥାନ୍ତି, ମରିଯାଇ ଥାଆନ୍ତି ଅପରେସନ୍ ବେଳେ, ମୋ' ଛୁଆଙ୍କର କଅଣ ହୋଇ ଥାଆନ୍ତା କୁହ ତ !"

ମୋତେ ଲାଗେ, ମୁଁ ଲେଖିବାର ଗୋଟିଏ ପ୍ରମୁଖ କାରଣ ଥିଲା, ମୋ' ଭିତରର, ମୋ' ଅନ୍ତରାତ୍ମାର ସ୍ୱର ନିଜକୁ ନିଜେ ଶୁଣାଇବାରେ । ନିରୋଳାରେ ନିଜ ସହିତ ନିଜେ କଥା ହେବାରେ । ଆଜି ବି ସେଇ ଅଭିଳାଷରେ ମୁଁ ଲେଖେ । ଯଦି ମୋ' ଗଳ୍ପର ଗୋଟିଏ ମୁଖ୍ୟ ସ୍ୱର ହୋଇଥାଏ କାରୁଣ୍ୟର, ଛଟପଟ ଅନୁଭବର, ତେବେ ତାହା ହିଁ ମୋର ଅନ୍ତଃସ୍ୱର, ତାହା ହିଁ ମୋର ଉପଲବ୍ଧି । କିନ୍ତୁ ସେହି ଆପାତ-କାରୁଣ୍ୟ ଅନ୍ତରାଳରେ ରହିଛି ଏକ ଗଭୀର ପ୍ରତ୍ୟୟ, ମଣିଷ ବାରମ୍ବାର ବିଫଳ ହେଉଥାଏ, ମଣିଷ ହାରି ଯାଉଥାଏ, କିନ୍ତୁ ସେ ପରାସ୍ତ ହୁଏ ନାହିଁ, ମାନବିକତାର ବିଲୟ ନାହିଁ ।

ଯଦି ମୁଁ ଲେଖୁଥାଏ ମୋ' ନିଜ ପାଇଁ, ତେବେ କାହିଁକି ମୁଁ ତା'କୁ ପ୍ରକାଶ କରେ ଛାପା ଅକ୍ଷରରେ? ମୁଁ କରେ ଏହି ଆଶାରେ ଯେ ମୋର ଏହି ଅନୁଭବ, ଏହି ଉପଲବ୍ଧି ଅନ୍ୟ କାହାରି ହୃଦୟରେ ମଧ୍ୟ ରହିଛି, ସେ ବି ଭାବୁଛି ଠିକ୍ ମୋ' ପରି । ସେହି ଐକ୍ୟ, ସେହି ସାମୀପ୍ୟ ମୋତେ ଭରସା ଦିଏ ଜୀବନ ଉପରେ, ବଞ୍ଚିବାର କଳା ଆୟତ୍ତ କରିବାରେ ।

ପ୍ରଚାର ଓ ପ୍ରତିଷ୍ଠା ପାଇଁ ମୁଁ କେବେ ଲେଖିନାହିଁ । ଓଡ଼ିଶାରେ ସାହିତ୍ୟିକର ଗୁରୁତ୍ୱ ସେମିତି କିଛି ନାହିଁ, ଯାହାସବୁ କୁହାଯାଏ ସେ ସବୁ ଆଳଙ୍କାରିକ, ଔପଚାରିକ କଥା, ପ୍ରାୟତଃ ନିରର୍ଥକ । ଓଡ଼ିଶାରେ ସାହିତ୍ୟିକ ଲେଖିଥାଏ ତା' ନିଜସ୍ୱ, ଭାବଗତ ସନ୍ତୋଷ ଓ ଆନନ୍ଦ ପାଇଁ । ନ ଲେଖି ରହିହୁଏ ନାହିଁ ବୋଲି ।

ଓଡ଼ିଶାରେ ଅଧିକାଂଶ ଲେଖକ ଫଟା ପାହୁଲାଟିଏ ବି ପାଆନ୍ତି ନାହିଁ, ବହି ଲେଖି । ବହି ବଜାରରେ ସମସ୍ତେ ପାରିଶ୍ରମିକ ପାଆନ୍ତି । ପ୍ରକାଶକ ରୋଜଗାର କରେ, ଛାପାଖାନା ଲାଭ କରେ, କାଗଜ କାଳି ଯୋଗାଉଥିବା ଲୋକ ତା'ର ପ୍ରାପ୍ୟ ବୁଝି ନିଏ, ବହି ଦୋକାନୀ ବି ତା' କମିଶନ ପାଇଯାଏ । କିନ୍ତୁ ଯାହାର ଲେଖା ବିକ୍ରି ହୁଏ ସେ କିଛି ପାଏ ନାହିଁ । କପର୍ଦ୍ଦକଶୂନ୍ୟ ରିକ୍ତ ହାତରେ ସେ ପୁଣି ଲେଖେ, ରାତି ରାତି ଅନିଦ୍ରା ହୋଇ, ପରିବାରକୁ ବିଭିନ୍ନ ଭାବେ ବଞ୍ଚିତ କରି । ସେ ନ ଲେଖି ରହି ପାରେ ନାହିଁ । ତାହା ହିଁ ତା'ର ଦୁର୍ଭାଗ୍ୟ, ଏବଂ ତା'ର ସୌଭାଗ୍ୟ ।

ପଇସା ବଡ଼ କଥା ନୁହେଁ, ରୋଜଗାରର ଅନେକ ବାଟ ରହିଛି । ଓଡ଼ିଶାର ଲେଖକ ପେଟ ପୋଷିବାକୁ କିଛି ନା କିଛି ଉପାୟ ଖୋଜି ନିଏ । କିନ୍ତୁ ଯାହା ସେ ଲେଖେ, ତା'କୁ କେହି ପଢ଼ନ୍ତି କି ?

ଓଡ଼ିଶାରେ ପାଠକଙ୍କ ସଂଖ୍ୟା ନଗଣ୍ୟ । ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଅନେକଙ୍କର ଶ୍ରଦ୍ଧା ନାହିଁ । ସେମାନେ ଭାବନ୍ତି ଓଡ଼ିଆରେ କିଛି ଭଲ ବହି ଲେଖାହୁଏ ନାହିଁ । ଏ ସବୁ ପଢ଼ିବା ସମୟର ଅପଚୟ । ସେମାନଙ୍କ ଭିତରୁ କେହି କେହି ମୋତେ କେବେ କେମିତି ପଚାରି ଦିଅନ୍ତି, "ଆଉ ! ଲେଖାଲେଖି କେମିତି ଚାଲିଛି ?" ସତେ ଯେମିତି ମୋର ଗୋଟିଏ ପୁରୁଣା, ଆଦୌ ଭଲ ହେଉ ନଥିବା ରୋଗ ରହିଛି ଓ ସେଥିପାଇଁ ସେମାନେ ମୋ' ପ୍ରତି ସହାନୁଭୂତିଶୀଳ ।

ସେମାନେ ହୁଏତ ଠିକ୍, ମୋ' ଭିତରେ ରହିଛି ଗୋଟିଏ ପୁରୁଣା, କେବେ ଭଲ ହୋଇ ପାରୁ ନଥିବା ରୋଗ । ଏ ରୋଗ ମୋର ଜନ୍ମ ସମୟରୁ । ଏ ରୋଗ ମୋତେ କଷ୍ଟ ଦିଏ, ଅସ୍ଥିର କରିଦିଏ; ଏ ଜାଗତିକ ପୃଥିବୀର ବିଳାସ, ବ୍ୟସନ, କ୍ଷମତା ଓ ପ୍ରତିଷ୍ଠା ମୋର ଏ ରୋଗକୁ ଭଲ କରିପାରି ନାହିଁ, ବରଂ କେବେ କେମିତି ଅଧିକ ଛଟପଟ କରିଛି, ଉତ୍ପ୍ରେରିତ କରିଛି ଆହୁରି ରାତି ଅନିଦ୍ରା ହେବାକୁ, କଷ୍ଟ ପାଇବାକୁ, ନିଜକୁ ଜାଳି ଦେବାକୁ । ମୋର ସେହି ଜ୍ୱଳନ, ସେହି ଆକୁତି ହୁଏତ ଆଉ କାହାରି ଆତ୍ମାକୁ ଛୁଇଁବ, ବଞ୍ଚିବାକୁ ଭରସା ଦେବ, କେଉଁ ଅଦେଖା ଜନପଦର ଅଜଣା ମଣିଷକୁ, ନିଃସଙ୍ଗ ଏକାକୀ ରାତିରେ ।

ଭବଭୂତି କହିଥିଲେ, ଅନେକ ଦିନ ଆଗରୁ, 'କାଲୋହ୍ୟମ୍ ନିରବଧି, ବିପୁଳାଚ ପୃଥ୍ୱୀ' । ସେ କହିଥିଲେ, ଏ ବିଶାଳ ପୃଥିବୀରେ, କେହି ନା କେହି, କେବେ ଦିନେ ମୋ' ମନର କଥା ବୁଝି ପାରିବ । ■

୧୩୭, ଲୁଇସ୍ ରୋଡ୍,
ବିଜେବି ନଗର, ଭୁବନେଶ୍ୱର, ୭୫୧୦୧୪

ଅବଶିଷ୍ଟାଂଶ...

ବିପର୍ଯ୍ୟୟ ପାଇଁ...

ସମୟରେ ସମନ୍ୱିତ ଜଳ ପରିଚାଳନା ଏବଂ ପରେ ତ୍ୱରିତ ଉଦ୍ଧାର କାର୍ଯ୍ୟରେ ବିଫଳତା ସରକାରଙ୍କ ତଣ୍ଟିରେ କଣ୍ଟା ହୋଇ ଲାଗିଛି । ସରକାର କେବଳ ରିଲିଫ୍ ବଣ୍ଟନ କିମ୍ବା କ୍ଷତିପୂରଣ ଘୋଷଣା କରି ଦାୟିତ୍ୱ ସାରିପାରିବେ ନାହିଁ। ପ୍ରକୃତିର ପ୍ରକୋପକୁ ରୋକିବା ମଣିଷ ହାତରେ ନାହିଁ, କିନ୍ତୁ ପୂର୍ବ ପ୍ରସ୍ତୁତି ଓ ଦାୟିତ୍ୱପୂର୍ଣ୍ଣ ପରିଚାଳନାରେ ଜୀବନ ଓ ସମ୍ପତ୍ତିର କ୍ଷତି ନିଶ୍ଚିତ ଭାବେ କମାଯାଇପାରିଥାନ୍ତା। ମାତ୍ର ତାହା ସମ୍ଭବ ହୋଇ ପାରିନାହିଁ। ବିପର୍ଯ୍ୟୟ ପରିଚାଳନାରେ ଦଶନ୍ଧି ଦଶନ୍ଧି ଧରି ଓଡ଼ିଶାର ସୁନାମକୁ ଅର୍ଣ୍ଣବ ପରି ଏକ ଛୋଟ ବାତ୍ୟା ଓ ପରବର୍ତ୍ତୀ ବନ୍ୟା ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଛି ।

ପୂରା ଗାଁକୁ...

ଓ କନ୍ଧମାଳ ଜିଲା ପ୍ରଶାସନର ମିଳିତ ଉଦ୍ଧାରକାରୀ ଦଳ ଶନିବାର ସକାଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଭୟ ଅଞ୍ଚଳରେ ଅନେକ ଘର ମାଟି ତଳେ ପୋତି ହୋଇଯାଇଥିବାରୁ ଓଡ୍ରାଫ୍, ଅଗ୍ନିଶମ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ମାଟି ଖୋଳି ଉଦ୍ଧାର କାର୍ଯ୍ୟ ଜୋରଦାର ଜାରି ରହିଛି। ଅନ୍ୟ ନିଖୋଜ ବ୍ୟକ୍ତିଙ୍କ ସମ୍ପର୍କରେ ଏଯାଏଁ କୌଣସି ସୂଚନା ମିଳି ନ ଥିବାରୁ ଜଙ୍ଗଲ ଭିତରେ କେହି ଜୀବିତ ଥାଇପାରନ୍ତି ଆଶା ରଖି ପ୍ରଶାସନ ପକ୍ଷରୁ ଜଙ୍ଗଲ ଅଞ୍ଚଳରେ ମଧ୍ୟ ତଲାସୀ ଅଭିଯାନ ଚାଲିଛି।ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଭଞ୍ଜନଗର ଉପଜିଲାପାଳ ଉମା ଶଙ୍କର ବେହେରା, ବିଡ଼ିଓ ଭାରତୀ ଦେବୀ, ଏବିଡ଼ିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଅତିରିକ୍ତ ତହସିଲଦାର ଅବିନାଶ ମହାର ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟର ସରଜମିନ ତଦାରଖ କରୁଛନ୍ତି ।

ଜୀବନହାନିକୁ ନେଇ...

ଏକାଧିକଙ୍କ ପ୍ରାଣହାନୀ ଓ ଅନେକ ନିଖୋଜ ହୋଇଯାଇଥିବା ଖବର ବିଷୟରେ ଜାଣି ମୁଁ ଦୁଃଖିତ। ଲୋକମାନଙ୍କ ସୁରକ୍ଷିତ ଉଦ୍ଧାର ଓ ଜନଜୀବନକୁ ସୁଗମ କରିବା ପାଇଁ ସରକାର ତ୍ୱରିତ ଭାବେ ସମସ୍ତ ପଦକ୍ଷେପ ସୁନିଶ୍ଚିତ କରନ୍ତୁ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଇବା ସହ ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି।

ବ୍ଲକ ଘେରିଲେ...

ସହାୟତା ବର୍ତ୍ତମାନ ସୁଦ୍ଧା ପ୍ରଶାସନ କରିନାହିଁ। ବନ୍ୟାକୁ ତିନି ଦିନ ବିତି ଯାଇଥିଲେ ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ କୁରୁଳା ପଞ୍ଚାୟତ ବାଇଶିପଲ ଗ୍ରାମର ବନ୍ୟା ବିପନ୍ନଙ୍କୁ ଖାଦ୍ୟ ଦେବା ତ ଦୂରର କଥା, ସେମାନଙ୍କ ନିକଟରେ ପହଞ୍ଚି ପାରିନାହାନ୍ତି। ଏଭଳି ଅଭିଯୋଗ ଆଣି କୁରୁଳା ପଞ୍ଚାୟତ ବାଇଶିପଲ ଗ୍ରାମର ଶତାଧିକ ମହିଳା ଏବଂ ପୁରୁଷ ଶେରଗଡ଼ ପଞ୍ଚାୟତ ସମିତି ଘେରାଉ କରି ଧାରଣାରେ ବସିଥିଲେ। ଦୀର୍ଘ ସମୟଧାରଣରେ ବସିଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ସେମାନଙ୍କ ନିକଟକୁ ଆସିନଥିଲେ। ଖବର ପାଇ ପୂର୍ବତନ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ କୁମାର ଜେନାଙ୍କ ନେତୃତ୍ୱରେ ଶେରଗଡ ଗସ୍ତରେ ଆସିଥିବା ବିଜେଡି ପ୍ରତିନିଧି ମଣ୍ଡଳୀ ପଞ୍ଚାୟତ ସମିତିରେ ପହଞ୍ଚିଥିଲେ। ଧାରଣାରେ ବସିଥିବା ଗ୍ରାମବାସୀଙ୍କ ସହିତ ଆଲୋଚନା କରି ସମସ୍ୟା ବୁଝିବା ପରେ ବିଡିଓଙ୍କ ସହିତ ଯୋଗାଯୋଗ କରିଥିଲେ। ଜିଲ୍ଲାପାଳଙ୍କ ସହିତ କଥା ହୋଇ ଲୋକଙ୍କୁ ତୁରନ୍ତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଲୋକେ ଧାରଣାରୁ ଓହରିଥିଲେ।

ଜନଆକ୍ରୋଶର ବିସ୍ଫୋରଣ...

ଗାଡ଼ି ଆଗରେ ଗ୍ରାମବାସୀ ଶୋଇ ପ୍ରତିବାଦ ଜଣାଇଛନ୍ତି। ଏହିସବୁ ଘଟଣା ବିପର୍ଯ୍ୟୟ ପରିଚାଳନା ଓ ରିଲିଫ୍ ବଣ୍ଟନକୁ ନେଇ ସରକାରୀ ଦାବି ଏବଂ ତୃଣମୂଳ ସ୍ତରର ବାସ୍ତବତା ମଧ୍ୟରେ ରହିଥିବା ବଡ଼ ବ୍ୟବଧାନକୁ ସ୍ପଷ୍ଟ କରିଛି ।

ପୁରୁଷୋତ୍ତମପୁର ବ୍ଲକ୍‌ର କୁମ୍ଭାରୀ ଗ୍ରାମରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଘେରାଉ କରାଯାଇଛି ଓ ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ବାତ୍ୟା ଓ ବନ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କରିବାକୁ ବିଧାୟକ ଗ୍ରାମକୁ ଯାଇଥିବାବେଳେ ତାଙ୍କୁ ଘେରିଥିଲେ ଉତ୍ତ୍ୟକ୍ତ ଗ୍ରାମବାସୀ। ଗାଁରେ ବନ୍ୟାଜଳ ପଶିବା ଯୋଗୁଁ ଟ୍ରାନ୍ସଫର୍ମର ପ୍ରଭାବିତ ହୋଇଥିଲା। ଫଳରେ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଥିବାବେଳେ ଲୋକେ ଦିନଦିନ ଧରି ଅନ୍ଧାରରେ ରହିବାକୁ ବାଧ୍ୟ ହୋଇଥିଲେ। ଅନ୍ୟପଟେ ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧାର ଅଭାବ ସ୍ଥିତିକୁ ଆହୁରି ଜଟିଳ କରିଥିଲା। ବିଧାୟକ ଗାଁରେ ପହଞ୍ଚିବା ମାତ୍ରେ ଲୋକେ ତାଙ୍କୁ ବିଭିନ୍ନ ସମସ୍ୟା ନେଇ ଘେରିଯାଇଥିଲେ। ବିଦ୍ୟୁତ୍ କେବେ ଫେରିବ, ବନ୍ୟା ସମୟରେ ଆବଶ୍ୟକ ସହାୟତା କାହିଁକି ମିଳିଲାନି ଏବଂ ଲୋକଙ୍କ ଦୁର୍ଦ୍ଦଶା ପ୍ରତି ପ୍ରଶାସନ ଏତେ ଉଦାସୀନ କାହିଁକି ବୋଲି ପ୍ରଶ୍ନ କରିଥିଲେ। ବିଧାୟକ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଲୋକଙ୍କ ରାଗ ଶାନ୍ତ ହୋଇ ନ ଥିଲା। ଏହି ସମୟରେ କିଛି ଲୋକ ଠେଲାପେଲା କରିଥିଲେ ଓ ତାଙ୍କ ଉପରକୁ ହାତ ଉଠାଇଥିଲେ। ମାତ୍ର ଆକ୍ରମଣ ଘଟଣାକୁ ବିଧାୟକ ଖଣ୍ଡନ କରିଛନ୍ତି।

ସେହିଭଳି ସୋରଡ଼ା ନିର୍ବାଚନମଣ୍ଡଳୀର ନୂଆଗଡ଼ ଗ୍ରାମରେ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ମଧ୍ୟ ଲୋକଙ୍କ ତୀବ୍ର ବିରୋଧର ସାମ୍ନା କରିବାକୁ ପଡ଼ିଛି। ବନ୍ୟା ପରବର୍ତ୍ତୀ ସ୍ଥିତି ପରଖିବାକୁ ମନ୍ତ୍ରୀ ଗ୍ରାମକୁ ଯାଇଥିବାବେଳେ ଲୋକମାନେ ତାଙ୍କ ସମ୍ମୁଖରେ ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି ବିପତ୍ତି ସମୟରେ ଲୋକେ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ପାଇଁ ହନ୍ତସନ୍ତ ହେଉଥିବାବେଳେ ଜନପ୍ରତିନିଧି ଓ ପ୍ରଶାସନ କାହିଁକି ଠିକ୍ ସମୟରେ ପହଞ୍ଚିଲେ ନାହିଁ ବୋଲି ସେ ପ୍ରଶ୍ନ କରିଛି। ଲୋକମାନଙ୍କ ଏପରି ପ୍ରତିବାଦ, ଅସନ୍ତୋଷ ସରକାରୀ ବ୍ୟବସ୍ଥା ପ୍ରତି ଅବିଶ୍ୱାସ ସୃଷ୍ଟି ହୋଇଥିବା କୁହାଯାଉଛି ।

ଶେରଗଡ଼ ବ୍ଲକ୍‌ରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଛି। ସେଠାରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଲୋକେ ଘେରି ତୀବ୍ର ପ୍ରତିବାଦ ଜଣାଇଥିବା ସୂଚନା ମିଳିଛି। ବିପର୍ଯ୍ୟୟ ପରେ କ୍ଷୟକ୍ଷତି ଆକଳନରେ ବିଳମ୍ବ, ରିଲିଫ୍ ବଣ୍ଟନରେ ଅବ୍ୟବସ୍ଥା, ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣରେ ବିଫଳତାକୁ ନେଇ ଲୋକଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ସାନଖେମୁଣ୍ଡିରେ ବିଡିଓଙ୍କ ଗାଡ଼ି ଆଗରେ ଶୋଇ ଗ୍ରାମବାସୀ ପ୍ରତିବାଦ କରିବା ମଧ୍ୟ ପ୍ରଶାସନର କାର୍ଯ୍ୟଶୈଳୀ ପ୍ରତି ଲୋକଙ୍କ ତୀବ୍ର କ୍ଷୋଭକୁ ଦର୍ଶାଇଛି । ଆସିକା ବିଧାୟକଙ୍କୁ ମଧ୍ୟ ବିରୋଧ କରାଯାଇଥିବା ଖବର ମିଳିଥିଲେ ହେଁ ଏହାର ସତ୍ୟତା ସ୍ପଷ୍ଟ ହୋଇନାହିଁ। ହିଞ୍ଜିଳି, ଖଲ୍ଲିକୋଟ, ସୋରଡ଼ା, ଶେରଗଡ଼ ଓ ସାନଖେମୁଣ୍ଡିର ଘଟଣାକ୍ରମ ସରକାରଙ୍କ ବ୍ୟବସ୍ଥା ପ୍ରତି ଲୋକଙ୍କ ମଧ୍ୟରେ ବର୍ଦ୍ଧିତ ଅସନ୍ତୋଷକୁ ସ୍ପଷ୍ଟ କରିଛି ।

ପୁଣି ଆସୁଛି...

ନେଲ୍ଲୁର ଓ ନାରସାପୁର ମଧ୍ୟରେ ସ୍ଥଳଭାଗ ଛୁଇଁବା ପରେ ଏହା ତେଲେଙ୍ଗାନା ଆଡ଼କୁ ଗତି କରିବ। ତେବେ ତେଲେଙ୍ଗାନାରେ ପହଞ୍ଚିବା ବେଳକୁ ଏହା ଗଭୀର ଅବପାତକୁ ହ୍ରାସ ପାଇଥିବ। ସମ୍ଭାବ୍ୟ ବାତ୍ୟା କାରଣରୁ ଆସନ୍ତାକାଲିଠାରୁ ଓଡ଼ିଶାରେ ବର୍ଷା ଓ ପବନ ଆରମ୍ଭ ହୋଇଯିବ ବୋଲି ଆଇଏମଡି ପକ୍ଷରୁ ସୂଚନା ଜାରି କରାଯାଇଛି। ତେବେ ଉଭୟ ବର୍ଷା ଏବଂ ପବନର ତୀବ୍ରତା ୩ ଏବଂ ୪ ତାରିଖରେ ସର୍ବାଧିକ ରହିବ। ୩ ତାରିଖରେ ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିପାରେ। ସେଥିପାଇଁ ଏହି ୫ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି କଳାହାଣ୍ଡି, ନବରଙ୍ଗପୁର, ପୁରୀ ଓ ଖୋର୍ଦ୍ଧାରେ ପ୍ରବଳ ବର୍ଷା ସହ ସମାନ ଭାବରେ ୫୦ରୁ ୬୦ କିମି ବେଗରେ ପବନ ବହିପାରେ। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏତଦ୍ ବ୍ୟତୀତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ୩ ତାରିଖ ବର୍ଷା ହେବା ସହ ୩୦ରୁ ୪୦ କିମି ବେଗରେ ପବନ ବହିପାରେ। ୪ ତାରିଖରେ ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରାୟତଃ ସମାନ ସ୍ଥିତି ବଜାୟ ରହିବାକୁ ଥିବାବେଳେ କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଅପରପକ୍ଷେ ବାତ୍ୟାକୁ ନେଇ ମଧ୍ୟ ବରିଷ୍ଠ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ ଆକଳନ ଜାରି କରିଛନ୍ତି। ସେ କହିଛନ୍ତି ଯେ ଇସିଏମଡବ୍ଲ୍ୟୁଏଫ୍ ମଡେଲ ଅନୁଯାୟୀ ସମ୍ଭାବ୍ୟ ବାତ୍ୟା ଆନ୍ଧ୍ରପ୍ରଦେଶର ନିଜାମପଟନମ୍ ଓ ମଛଲିପଟନମ୍ ମଧ୍ୟବର୍ତ୍ତୀ ଉପକୂଳ ଅଞ୍ଚଳରେ ସ୍ଥଳଭାଗ ଛୁଇଁପାରେ। ବାତ୍ୟା କେଉଁଠାରେ, କେତେବେଳେ ଓ କେତେ ବେଗରେ ସ୍ଥଳଭାଗ ଅତିକ୍ରମ କରିବ, ତାହା ଏବେ ନିଶ୍ଚିତ କରିବା ସମ୍ଭବ ନୁହେଁ। ତେବେ ଏହି ସିଷ୍ଟମ କାରଣରୁ ଆନ୍ଧ୍ର ଉପକୂଳ ଆଡ଼କୁ ଆସିବା ସମୟରେ ଦକ୍ଷିଣ ଓଡ଼ିଶା ଉପକୂଳରେ ପବନ ଓ ସମୁଦ୍ର ଢେଉ ବଢ଼ିପାରେ। ବିଶେଷକରି ଗଞ୍ଜାମର ଗୋପାଳପୁର, ଛତ୍ରପୁର ଓ ଆଖପାଖ ଉପକୂଳ ଅଞ୍ଚଳରେ ଘଡ଼ଘଡ଼ି ସହ ଝଟକା ପବନ ବହିପାରେ। ସେହିପରି ୨ ଓ ୩ ତାରିଖରେ ଗଞ୍ଜାମ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବାତ୍ୟାର ଉତ୍ତର ପାର୍ଶ୍ୱର ବର୍ଷାମେଘ ଓଡ଼ିଶା ଉପକୂଳ ପର୍ଯ୍ୟନ୍ତ ପହଞ୍ଚିଲେ ବର୍ଷା ବଢ଼ିପାରେ। ବର୍ଷାମେଘ ଭିତର ଅଞ୍ଚଳକୁ ବ୍ୟାପିଲେ ଆସିକା, ହିଞ୍ଜିଳିକାଟୁ ଓ ଭଞ୍ଜନଗର ଅଞ୍ଚଳରେ ମଧ୍ୟ ବର୍ଷା ହୋଇପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି। ସେହିପରି ପର୍ଯ୍ୟାପ୍ତ ଜଳୀୟବାଷ୍ପ ପହଞ୍ଚିଲେ ଗଜପତି ଜିଲ୍ଲାର କେତେକ ପାହାଡ଼ିଆ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ ବୋଲି ଆକଳନ କରିଛନ୍ତି ପ୍ରଫେସର ପଶୁପାଳକ।

ଛାୟା ସଂସଦରେ...

୬ଟି ଅଭିଯୋଗ ଆଗତ ହୋଇଥିଲା। ଖଡ଼ଗେ ଓ ରାହୁଲ ଗାନ୍ଧୀ ଦାବି କହିଲେ ।।ଯେ ସିଇସି ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଛନ୍ତି। ସରକାରୀ ହାତବାରିସି ସାଜି ସେ ଜନସାଧାରଣଙ୍କ ଅଧିକାରର ହନନ କରିଛନ୍ତି। ତେଣୁ ତାଙ୍କୁ ତୁରନ୍ତ ପଦରୁ ହଟାଯିବା ସହ ଦେଶଦ୍ରୋହ ମାମଲାରେ ବିଚାର କରାଯିବା ଉଚିତ। ଏହାସହ ସଂସଦୀୟ ଅନୁମୋଦନ କିମ୍ବା ତଦାରଖ ବିନା ଭୋଟର ପଞ୍ଜୀକରଣ ଫର୍ମ-୬ରେ ପରିବର୍ତ୍ତନ ଆଣିବା, ଇସିଆଇନେଟ୍ ୱେବସାଇଟ୍ ମାଧ୍ୟମରେ ଭୋଟର ତାଲିକାକୁ ନିଜ ନିୟନ୍ତ୍ରଣକୁ ନେବା, ନିର୍ବାଚନ ସଂକ୍ରାନ୍ତୀୟ ନିଷ୍ପତ୍ତି ବେଳେ ଅନ୍ୟ ଦୁଇଜଣ ନିର୍ବାଚନ ଆୟୁକ୍ତଙ୍କୁ ଦୂରେଇ ରଖିବା ଆଦି ପ୍ରମୁଖ ଅଭିଯୋଗ ଉଠିଥିଲା। ଜ୍ଞାନେଶଙ୍କୁ ହଟାଇବା ସହିତ ଏସଆଇଆର ବାତିଲ କରିବା, ନିର୍ବାଚନ କମିସନ ନିଯୁକ୍ତି ସଂକ୍ରାନ୍ତ ସଂଶୋଧିତ ଆଇନ -୨୦୨୩କୁ ରଦ୍ଦ କରିବା ଲାଗି ମେଣ୍ଟ ଦାବି କରିଛି। ମେଣ୍ଟ ନେତା ଅଭିଯୋଗ କରିଛନ୍ତି ଯେ ବିରୋଧୀ ଦଳର ୧୪୫ ଜଣ ସାଂସଦଙ୍କୁ ସସପେଣ୍ଡ କରି ସରକାର ଏହି କଳା ଆଇନ ପାସ୍ କରିଥିଲେ। ରାହୁଲ ଏହି ପରିପ୍ରେକ୍ଷୀରେ ସଂସଦରେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ ଖାରଜ ହୋଇଥିବା କଥା କହିଥିଲେ। ଫଳରେ ଅନୋନ୍ୟପାୟ ହୋଇ ବିରୋଧୀ ଏହି ପନ୍ଥା ଆପଣାଇଥିବା ପ୍ରକାଶ କରିଛନ୍ତି। ଅନ୍ୟପଟେ, ବିଜେପି ଏହି କାର୍ଯ୍ୟକ୍ରମକୁ ସଂସଦର ଅପମାନ ତଥା 'ହାସ୍ୟାସ୍ପଦ ନାଟକ' ବୋଲି କହି ସମାଲୋଚନା କରିଛି। ବିଜେପି ପ୍ରବକ୍ତା ସମ୍ବିତ ପାତ୍ର କଟାକ୍ଷ କରି କହିଛନ୍ତି ଯେ, କଂଗ୍ରେସ ରାହୁଲ ଗାନ୍ଧୀଙ୍କୁ ଆଜୀବନ ପାଇଁ 'ସାଙ୍କେତିକ ପ୍ରଧାନମନ୍ତ୍ରୀ' କରି ରଖୁ। ଏଥିସହିତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବିରୋଧୀଙ୍କୁ ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ଆହ୍ୱାନ ଦେଇଛନ୍ତି।

ଜୀବନ ରକ୍ଷା ସର୍ବାଧିକ...

କାର୍ଯ୍ୟ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗଣମାଧ୍ୟମର ଭୂମିକା ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଯେ ବିପର୍ଯ୍ୟୟ ସମୟରେ ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ଆଧିକାରିକ ଓ ସଠିକ୍ ତଥ୍ୟ ଯୋଗାଇ ଦିଆଯାଉ। ଅନ୍ୟପକ୍ଷରେ ଗଣମାଧ୍ୟମ ଓ ବିଭିନ୍ନ ସୂତ୍ରରୁ ଆସୁଥିବା ତଥ୍ୟ ଓ ଖବରର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକ ପରିପ୍ରେକ୍ଷୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରି ଉଦ୍ଧାର କାର୍ଯ୍ୟରେ ରେଳ ବିଭାଗର ସକ୍ରିୟ ସହଯୋଗ ଲୋଡ଼ିଛନ୍ତି। କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରକାର ଆବଶ୍ୟକୀୟ ସହାୟତା ପ୍ରଦାନ ସୁନିଶ୍ଚିତ କରାଯାଇଛି। ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ପାଇଁ ରେଳବାଇ ସହାୟତାରେ ଚେନ୍ ପୁଲି ସିଷ୍ଟମ୍ ବ୍ୟବହାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଷ୍ଟ କୋଷ୍ଟ ରେଳୱେ ପକ୍ଷରୁ ଏହି ଚେନ୍ ପୁଲି ବ୍ୟବସ୍ଥାକୁ ତୁରନ୍ତ ଘଟଣାସ୍ଥଳକୁ ପଠାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ଉଦ୍ଧାର କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜି.ଉଦୟଗିରି ଭୂସ୍ଖଳନ ସ୍ଥଳରେ ସିଧାସଳଖ କାମ କରିବା ପାଇଁ ହେଲିକପ୍ଟର ଯୋଗେ ଅତ୍ୟାଧୁନିକ 'ସିସ୍ମିକ୍ ଲାଇଫ୍ ଡିଟେକ୍ସନ୍ ୟୁନିଟ୍' ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଛି। ବୈଠକର ଆଲୋଚନାରୁ ଜଣାପଡିଛି ଯେ ଘଟଣାସ୍ଥଳରେ ଏନଡିଆରଏଫ, ଓଡ୍ରାଫ, ଅଗ୍ନିଶମ ଓ ଏସ୍‌ଓଜି ଭଳି ପ୍ରମୁଖ ଉଦ୍ଧାରକାରୀ ସଂସ୍ଥାଗୁଡ଼ିକ ମିଳିତ ଭାବେ ଉଦ୍ଧାର ଅଭିଯାନ ଜାରି ରଖିଛନ୍ତି। ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ସେବା, ରାସ୍ତାଘାଟ ଏବଂ ଅନ୍ୟାନ୍ୟ ଜରୁରୀ ସେବାଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଆଗାମୀ ସମ୍ଭାବ୍ୟ ବାତ୍ୟା ପାଇଁ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତି, ବିପଦସଙ୍କୁଳ ଅଞ୍ଚଳରୁ ଆଗୁଆ ସ୍ଥାନାନ୍ତରଣ, ପର୍ଯ୍ୟାପ୍ତ ଶୁଖିଲା ଖାଦ୍ୟ ଓ ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ଔଷଧ ମହଜୁଦ ରଖିବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସୁଦୃଢ଼ ସମନ୍ୱୟ ରକ୍ଷା କରିବା ଉପରେ ସମୀକ୍ଷାରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି। ଏହି ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ , ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ, ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ତଥା ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

କଲେଜ ଛାତ୍ରୀଙ୍କୁ...

ଦୀର୍ଘ ସମୟ ପର୍ଯ୍ୟନ୍ତ ଝିଅ ନ ଫେରିବାରୁ ରାତି ପ୍ରାୟ ୧୦ଟାରେ ମାଆ ଖୋଜାଖୋଜି ଆରମ୍ଭ କରିଥିଲେ। ପଡ଼ୋଶୀଙ୍କ ଘରେ ଖୋଜିବା ପରେ ରୋଷେଇ ଘର ସମ୍ମୁଖ ଓ ଘରର ବାରିପଟେ ରକ୍ତ ଦାଗ ଦେଖିବାକୁ ମିଳିଥିଲା। ଏହାକୁ ନେଇ ପରିବାର ଓ ପଡ଼ୋଶୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ତୁରନ୍ତ ମାର୍ଶାଘାଇ ଥାନାରେ ଖବର ଦିଆଯିବା ସହ ରାତିସାରା ଖୋଜାଖୋଜି ଜାରି ରହିଥିଲା। ମାତ୍ର ସସ୍ମିତାଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ଆଜି ସକାଳେ ଘରଠାରୁ ପ୍ରାୟ ୩୦୦ ମିଟର ଦୂରରେ ଥିବା ଏକ ଦଳପୂର୍ଣ୍ଣ ପୋଖରୀରେ ସସ୍ମିତାଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଠାବ କରାଯାଇଥିଲା। ଏହାପରେ ଗ୍ରାମରେ ଉତ୍ତେଜନାର ପରିବେଶ ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଏକତରଫା ପ୍ରେମ ଓ ବିବାହ ପାଇଁ ଚାପକୁ ନେଇ ମୃତା ଛାତ୍ରୀଙ୍କ ପରିବାର ପକ୍ଷରୁ ଗୁରୁତର ଅଭିଯୋଗ ଆସିଛି।

ମୃତାଙ୍କ ମାଆଙ୍କ କହିବା ଅନୁଯାୟୀ, ମାର୍ଶାଘାଇ ଅଞ୍ଚଳର ଜଣେ ଯୁବକ ଅଜିତ ମହାନ୍ତି ପୂର୍ବରୁ ସସ୍ମିତାଙ୍କୁ ଏକତରଫା ପ୍ରେମ କରିବା ସହ ହଇରାଣ କରୁଥିଲେ। ବିବାହ ପାଇଁ ଚାପ ପକାଉଥିଲେ। ସସ୍ମିତା ଏଥିରେ ରାଜି ନ ହେବାରୁ ଉକ୍ତ ଯୁବକ ଘରକୁ ଆସି କ୍ଷମା ମାଗିଥିବା ମଧ୍ୟ ସେ କହିଛନ୍ତି। ଝିଅର ମୃତ୍ୟୁ ପଛରେ ଉକ୍ତ ଯୁବକଙ୍କ ସମ୍ପୃକ୍ତି ଥିବା ପରିବାର ଓ ସମ୍ପର୍କୀୟ ସନ୍ଦେହ ପ୍ରକାଶ କରିଛନ୍ତି। ଏହି ଅଭିଯୋଗର ସତ୍ୟତା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ଘଟଣାକୁ ନେଇ ମାର୍ଶାଘାଇ ଥାନାରେ ହତ୍ୟା ସନ୍ଦେହରେ ମାମଲା ରୁଜୁ ହୋଇଛି। ବୈଜ୍ଞାନିକ ଦଳ ଓ ସନ୍ଧାନୀ କୁକୁରର ସହାୟତାରେ ପୁଲିସ ତଦନ୍ତକୁ ଜୋରଦାର କରିଛି। ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼ଙ୍କ ଉପସ୍ଥିତିରେ ଥାନାଧିକାରୀ ତପନ ନାୟକଙ୍କ ତତ୍ତ୍ୱାବଧାନରେ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଧରିତ୍ରୀ ଜେନା ଓ ଏସ୍‌ଆଇ ପ୍ରବୀଣ କାନ୍ଧୁଆଲା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି ଓ ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ କହିଛନ୍ତି। ଅନ୍ୟପକ୍ଷରେ ଗତକାଲି କୁଦାନଗରୀ ଥାନା ଅନ୍ତର୍ଗତ ଆଇତିପୁର ପଞ୍ଚାୟତର ମହାରକୁଳ ଅଞ୍ଚଳର ଲୁଣା ନଦୀବନ୍ଧ ରାସ୍ତାକଡ଼ରୁ ଜଣେ ଅଜଣା ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର ହୋଇଥିଲା। ଏହି ଦୁଇଟି ଘଟଣା ଜିଲ୍ଲାରେ ମହିଳାଙ୍କ ସୁରକ୍ଷାକୁ ନେଇ ଗଭୀର ଉଦ୍‌ବେଗ ସୃଷ୍ଟି କରିଛି।

ଅଭିଯୁକ୍ତକୁ ଆଜୀବନ...

ସୁନ୍ଦରଗଡ଼ ଜିଲ୍ଲାର କେପସେଇ ଗ୍ରାମରୁ ଅଭିଯୁକ୍ତ ପିଅ ଓରଫ୍ ରାଜେଶ ମୁଣ୍ଡାକୁ ଗିରଫ କରିଥିଲା। ଅଭିଯୁକ୍ତ ସହ ଘଟଣାସ୍ଥଳକୁ ଯାଇ ପୁଲିସ ଅଭିଯୁକ୍ତର ଅନ୍ତବସ୍ତ୍ର ଜବତ କରିଥିଲା। ତଦନ୍ତରୁ ଅଭିଯୁକ୍ତ ଝାରସୁଗୁଡ଼ା ଜିଲ୍ଲା ବଡ଼ମାଲ ଥାନା ପତ୍ରାପାଲିର ପିଅ ଓରଫ୍ ରାଜେଶ ମୁଣ୍ଡା ଦୁଷ୍କର୍ମ, ହତ୍ୟା ଓ ପ୍ରମାଣ ନଷ୍ଟ କରିଥିବା ଜଣାପଡ଼ିଥିଲା। ଏହାପରେ ଠେଲେକୋଲୋଇ ଥାନାଧିକାରୀ ଅଦାଲତରେ ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ସମ୍ବଲପୁର ପ୍ରଥମ ଅତିରିକ୍ତ ସେସନ୍‌ସ ଜଜ୍ ଶିବ ପ୍ରସାଦ ମିଶ୍ର ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ପିଅ ଓରଫ୍ ରାଜେଶ ମୁଣ୍ଡାକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଅଧିକ ୨ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ ପାଇଛି। ଏହାସହ ଦଫା ୩୭୬ ଆଇପିସିରେ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜୋରିମାନା କରିଛନ୍ତି, ଜରିମାନା ଅନାଦେୟ ହେଲେ ଆଉ ୧ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବେ ଏବଂ ଦଫା ୨୦୧ ଆଇପିସିରେ ଅଭିଯୁକ୍ତକୁ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୨ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୬ ମାସ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ସମସ୍ତ ଦଣ୍ଡ ଏକକାଳୀନ ଚାଲିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଜରମାନା ରାଶି ୧୭ ହଜାର ଟଙ୍କା ସେମାନଙ୍କୁ ଦିଆଯିବା ସହ ନିୟମ ଅନୁଯାୟୀ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ, ସମ୍ବଲପୁରକୁ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ପିପି ଅମ୍ବିତ କୁମାର ତରାଇ ଓ ପ୍ରକାଶ କୁମାର ପ୍ରଧାନ ଏବଂ ଆସୋସିଏଟ୍ ପିପି ରତନଲାଲ ଅଗ୍ରୱାଲ ଏହି ମୋକଦ୍ଦମା ପରିଚାଳନା କରିଥିଲେ।

ଗଞ୍ଜାମ ଜିଲ୍ଲାରେ...

ଲାଗୁନାହିଁ ଶେରଗଡ଼ରେ ଶାସକ ଦଳର ନେତୃତ୍ୱ ଅଛି ନା ନେତା କିଏ ଅଛନ୍ତି ବନ୍ୟା ବିପନ୍ନଙ୍କ ନିକଟରେ ଆମେ ପହଞ୍ଚି ସହାୟତା ମଧ୍ୟ କରୁଛୁ। ଗତକାଲି ମୁଖ୍ୟମନ୍ତ୍ରୀ ବନ୍ୟା ସମୀକ୍ଷା କରିବା ସମୟରେ ଗଞ୍ଜାମ ଜିଲ୍ଲା କ୍ଷତିଗ୍ରସ୍ତ ହୋଇଥିବା ପ୍ରକାଶ କରିଛନ୍ତି। ଶେରଗଡ଼ରେ ଚାଷୀ ଏବଂ ବନ୍ୟା ବିପନ୍ନଙ୍କ ଲାଗି ସହଯୋଗ ଏବଂ ସହାୟତା ନକଲେ ମୁଖ୍ୟ ରାସ୍ତାରେ ଆନ୍ଦୋଳନ କରାଯିବା ସହ ବ୍ଲକ ଏବଂ ତହସିଲକୁ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି। ବିଜେଡି ନେତୃମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ପ୍ରତାପ କୁମାର ଜେନାଙ୍କ ସହିତ ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତି ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଶ୍ରୀମତି ଟୁକୁନି ସାହୁ, ପୂର୍ବତନ ବିଧାୟିକା ଶ୍ରୀମତି ଲତିକା ପ୍ରଧାନ, ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ସୁବାଷ ବେହେରା, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ବିଧାୟକ ଭୃଗୁ ବକ୍ସିପାତ୍ର, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଆସିକା ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ, ଯୁବ ବିଜେଡି ନେତା ବାସୁଦେବ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଇ.ଚିନ୍ମୟ କୁମାର ପାତ୍ର, ପୂର୍ବତନ ସରପଞ୍ଚ ମେଘନାଦ ଦାସ, ଯୁବନେତା ଅଶୋକ କୁମାର ନାୟକ, ବିଧାୟକଙ୍କ ବ୍ଲକ ପ୍ରତିନିଧି ଦିଗାମ୍ବର ନାହାକ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ବରିଷ୍ଠ ନେତା ସୁବାସ ଚନ୍ଦ୍ର ମହାରଣା, ବିଧାୟକଙ୍କ ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

ଅଧ୍ୟକ୍ଷାଙ୍କ ବହିଷ୍କାର ଦାବିରେ...

ବିଜେପିରେ ମିଶିଥିବା) ମଳୟ ଜେନା, ପ୍ରାକ୍ତନ ସରପଞ୍ଚ ତଥା କୋରକୋରା ସରପଞ୍ଚଙ୍କ ପ୍ରତିନିଧି ଧବଳେଶ୍ୱର ପଣ୍ଡା, ବଣିଆ ସରପଞ୍ଚ ଅଜୟ ସାମଲ, ସାହାଡ଼ା ସରପଞ୍ଚ ମାଧବ ମଲ୍ଲିକ ପ୍ରମୁଖ ଶତାଧିକ ସମର୍ଥକ ଏହି ବିକ୍ଷୋଭରେ ସାମିଲ୍ ରହିଥିଲେ। ବ୍ଲକ୍ ପରିସରରେ ଏଭଳି ଉତ୍ତେଜନା ଦେଖି ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ସୂଚନାଯୋଗ୍ୟ, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ବିଜେଡି ଛାଡ଼ି କିଛି ମାସ ତଳେ ବିଜେପିରେ ମିଶିଥିଲେ। ଆଉ ବ୍ଲକ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ତାଙ୍କୁ ଅଣଦେଖା କରାଯିବା ଏପରିକି ବିଜିବିଓ ପ୍ରକଳ୍ପରେ ପଞ୍ଚାୟତିରାଜ ବିଭାଗର ଗାଇଡ୍ ଲାଇନ୍‌କୁ ଉଲ୍ଲଂଘନ କରି ଗ୍ରାମସଭାରୁ ଯାଇଥିବା ଅଧ୍ୟକ୍ଷାଙ୍କ ସୁପାରିସ୍‌କୁ ବେଖାତିର୍ କରି କମିଟି ମାଧ୍ୟମରେ ପ୍ରକଳ୍ପ ଚୟନ କରିବାକୁ ନେଇ ଅଧ୍ୟକ୍ଷା ଉର୍ମିଳା ନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଭଦ୍ରକ ଜିଲ୍ଲା ପରିଷଦ ପଦସ୍ଥ ଅଧିକାରୀଙ୍କ ଜବାବ ଦାଖଲ ପାଇଁ ନୋଟିସ୍ ଜାରି କରିବା ସହ ମଧ୍ୟବର୍ତ୍ତୀ ଆଦେଶର ପରବର୍ତ୍ତୀ ତାରିଖ ଯାଏ ଉକ୍ତ ଯୋଜନାର କୌଣସି ପ୍ରକଳ୍ପ ଆଗକୁ ନିର୍ଦ୍ଦେଶ ଦେଇଥିଲେ। ଅଥଚ ବିଜେପିରେ ଥାଇ ଭଦ୍ରକ ବ୍ଲକ୍‌ର ବିକାଶମୂଳକ କାର୍ଯ୍ୟ ଉପରେ ହାଇକୋର୍ଟରେ ମାମଲା ରୁଜୁ କରି କାର୍ଯ୍ୟର ରହିତାଦେଶ ଜାରି କରିଥିଲେ। ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳାଙ୍କ ଏଭଳି ଦଳ ବିରୋଧୀ କାର୍ଯ୍ୟରେ ପ୍ରତିବାଦ କରି ଶନିବାର ଶହ ଶହ ବିଜେପି କର୍ମୀ ଓ ଭଦ୍ରକ ବିଜେପି ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସମର୍ଥକମାନେ ବ୍ଲକ୍ ଅଧ୍ୟକ୍ଷାଙ୍କୁ ବିରୋଧ କରି ପ୍ରତିବାଦ ସଭା କରିବା ସହ ବ୍ଲକ୍ ଆଗରେ ବିକ୍ଷୋଭ ଓ ପ୍ରତିବାଦ କରିଥିଲେ। ବିଜେପି ଦଳରେ ରହି ଦଳ ବିରୋଧୀ କାର୍ଯ୍ୟ କଲେ ଦଳରୁ ବହିଷ୍କାର କରାଯାଉ ବୋଲି ଦାବି କରିଥିଲେ। ଶନିବାର ଏହି ଘଟଣାକୁ ନେଇ ଦିନ ତମାମ ଭଦ୍ରକ ବ୍ଲକ୍ ପରିସରରେ ଉତ୍ତେଜନା ଲାଗି ରହିଛି। ଉଲ୍ଲେଖ ଥାଉ କି, ଭଦ୍ରକ ବ୍ଲକ୍‌ରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବାବେଳେ ଏହି ଘଟଣା ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ପିସି କାରବାର ଓ ବ୍ୟାପକ ଦୁର୍ନୀତି ନେଇ ଖୋଳତାଡ଼ ହେଲେ ଅନେକ ତଥ୍ୟ ପଦାକୁ ଆସିପାରିବ। ଭଦ୍ରକ ବ୍ଲକ୍‌ରେ ବ୍ୟାପକ ଦୁର୍ନୀତି ହୋଇଥିବାବେଳେ ଏହି ବ୍ଲକ୍‌ରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇନାହିଁ। ଏବେ ବ୍ଲକ୍ ଅଧ୍ୟକ୍ଷା ମାମଲା ରୁଜୁ କରି ବିଜେପି ଦଳରେ ରହି ଦଳୀୟ ବିଧାୟକ ଶ୍ରୀ ମହାପାତ୍ରଙ୍କୁ ଓ ରାଜ୍ୟ ସରକାରଙ୍କୁ ଖୋଲା ଚ୍ୟାଲେଞ୍ଜ କରିଛନ୍ତି। ଉର୍ମିଳାଙ୍କ ପଛରେ କିଏ ରହିଛି ବୋଲି ବିଜେପି ନେତାମାନେ ପ୍ରଶ୍ନ ଉଠାଇଥିବାବେଳେ ଏବେ ଭଦ୍ରକ ବିଜେପି ଦୁଇ ଫାଳ ହୋଇଯାଇଛି। ଉର୍ମିଳାଙ୍କୁ ବିଜେପି ଦଳରୁ ବହିଷ୍କାର କରାଯାଉ ବୋଲି ବହୁ ବିଜେପି ନେତା ଦାବି କରିଛନ୍ତି।

TENDER NOTICE

Ref No. SDCCB/FAD/3165 Date : 31.10.2026

Sealed tenders under Two-Bid System (Technical & Financial Bid) are invited from registered reputed & registered Architectural & Interior Designing firms for complete **Interior Furnishing, Electrical, Networking & Civil works at Fertilizer Township Branch & Onsite ATM, Rourkela.**

SCHEDULE DETAILS:

Mandatory Site Visits	:	31.10.2026 to 13.11.2026 (During Business Hours)
Last Date for Bid Submission	:	16.11.2026 by 5.00 PM
Date of Bid Opening	:	17.11.2026
EMD	:	₹ 20,000/- (Rs. Twenty Thousand)
Eligibility Criteria	:	Min. Avg. Annual Turnover of Rs. 50.00 Lakhs during last FYs & 1 similar completed work of min. Rs. 20.00 Lakhs in last 5 yrs.

For detailed RFP doc, terms & conditions & eligibility criteria, please visit website: **www.sdccbsng.bank.in**
The undersigned reserves the right to modify, alter or reject the Tender Notice/Tender process, fully or partially, without assigning any reason thereof.

Sd/-
Chief Executive Officer
(The Sundargarh District Central Co-operative Bank Ltd.)
Regent Market, Main Road, Sundargarh

'e' PROCUREMENT NOTICE
NO. 16 / 2026-27 25001/1424/2627

1.	Name of work.	:	**Road Work**
2.	Total No. of Work.	:	**01 (One) work.**
3.	Estimated Cost.	:	**Rs. 36.97 lakhs.**
4.	Period of Completion.	:	**03 (Three) Calendar Months.**
5.	Class of contractors.	:	**'C' & 'B' Class.**

Other details as follows:

a)	Procurement officer.	:	**Superintending Engineer, Rural Works Division, Kataka.**
b)	Availability of tender online for bidding.	:	**From dt. 04.11.2026 at 11.00 A.M. to dt. 17.11.2026 up to 5.00 P.M.**
c)	Last date & time of seeking of tender clarification.	:	**dt. 16.11.2026 up to 5.00 P.M.**
d)	Date & Time of Opening of Tender.	:	**dt. 18.11.2026 at 11.00 A.M.**

Further details can be seen from the Govt. website www.tendersodisha.gov.in

Superintending Engineer
Rural Works Division
Kataka

OIPR-25001/25053/1/26-27/0018

34001/1080/2627

GOVERNMENT OF ODISHA
e-PROCUREMENT NOTICE
WORKS DEPARTMENT
Bid Identification No. S.E. CBT (R&B) 11/2026-27
charbatiadivision01@gmail.com

i.	Name of the work	:	**Barricading works-01 No.**
ii.	Estimated cost	:	**Rs. 26,46,170/-**
iii.	Period of completion	:	**07 Days**
iv.	Date & time of availability of Bid documents in the portal	:	**from 10.00 AM of 02.11.2026 to 09.11.2026 up to 5.00 PM for 'online' bidding**
v.	Last date/ time for receipt of Bids in the portal	:	**09.11.2026 up to 5.00 PM.**
vi.	Name and address of the officer inviting Bid	:	**Superintending Engineer, Charbatia (R&B) Division, Choudwar**

Further details can be seen from the e-procurement portal http://www.tendersorissa.gov.in.
Any addendum/ corrigendum/ cancellation of tender can also be seen in the said website.

Superintending Engineer
Charbatia (R&B) Division

OIPR-34001/34092/1/26-27/0007

QUOTATION CALL NOTICE FOR ENGAGEMENT OF TAPA BOAT FOR SEA PATROLLING DURING 2026-27 SEASON FOR PROTECTION OF SEA TURTLE

8001/425/2627 **Notice No. 03 Dated 30.10.2026**

Sealed quotations in Plain paper / letter head are invited from the intending owners having more than one Tapa boat with valid license for "Engagement on hire basis by the undersigned for sea turtle protection duty during 2026-27". The period of engagement shall normally be from **15th November'2026** to **31st March'2027**. The owners are to quote the monthly hire charges inclusive of all taxes. The cost of fuel will be borne by this Division. The details of term and condition for engagement of Tapa boat are at Annexure-A.

The last date of receipt of sealed quotations is **12th November'2026 till 11 AM** in the O/o the Divisional Forest Officer, Chilika Wildlife Division, Balugaon at Gopinathpur, Balugaon. Opening of Quotations will be on **12th November'2026 at 12 PM** in O/o the Divisional Forest Officer, Chilika Wildlife Division, Balugaon.

The undersigned reserves the right to cancel or reject any or all quotations without assigning any reason thereof.

Divisional Forest Officer
Chilika Wildlife Division

OIPR-8001/8015/1/26-27/0006

OFFICE OF THE MUNICIPAL COUNCIL GUNUPUR
E-Mail ID : gunupur.mun@gmail.com 13001/2313/2627

Letter No. **2600** Dated: **30.10.2026**

CORRIGENDUM - 1
EXTENSION OF BID SUBMISSION DATE
Quotation Call Notice Ref. No. 2539 / dated 15.10.2026

Due to unavoidable circumstances, the bid submission date in connection with Quotation Call Notice Ref. No. 2539 dated 15.10.2026 has been extended up to **5.00 PM on 12.11.2026**. Hence the bid documents completed in all respect should reach to the undersigned on or before 5.00 PM on 12.11.2026 by regd post/ Speed post only and the quotation shall be opened on **13.11.2026** at **11.00 AM** in the office of the Municipal Council, Gunupur in presence of the bidders or their authorized representatives. The bid document can be obtained from the office of Gunupur Municipality by paying a non-refundable bid document processing fees **Rs.500/-** (Rupees five hundred only) or by furnishing a DD from any scheduled commercial Bank or any nationalized bank drawn in favour of Executive Officer, Gunupur Municipality during the office hours on or before dt: 11.11.2026. Other contents of Quotation Call Notice remain unchanged.

Executive Officer
Gunupur Municipality

OIPR-13001/13104/1/26-27/0006

NOTICE

By virtue of an affidavit sworn before The Executive Magistrate Salepur ,Cuttack, dated 18.09.2026 I, Chou Sukanti Praharaj , D/O-Harekrushna Mohapatra, Address At-Jhadeswarpur, Post-Jhadeswarpur, PS -Mahanga, Dist -Kataka,Odisha declare that I have changed my name from CHOU SUKANTI PRAHARAJ to SUKUTI PRAHARAJ .Henceforth, I shall be known as **SUKUTI PRAHARAJ** for all purposes.

CHOU SUKANTI PRAHARAJ

ଆବଶ୍ୟକ

ଝାରପୋଖରିଆ ଟୋଲ୍ ପ୍ଲାଜା, ମୟୂରଭଞ୍ଜ, ଓଡ଼ିଶା ଠାରେ ଅବସରପ୍ରାପ୍ତ କର୍ମଚାରୀ ଏବଂ ଅବସରପ୍ରାପ୍ତ ସୁରକ୍ଷା କର୍ମଚାରୀ (ଅସ୍ତ୍ର ଲାଇସେନ୍ସପ୍ରାପ୍ତ) ଆବଶ୍ୟକ।

ଯୋଗାଯୋଗ
8130006980

WANTED

Retired Employees and retired security personnel (holding arms licenses) are required at Jharpokharia Toll Plaza, Mayurbhanj, Odisha.

Contact
8130006980

AFFIDAVIT

By virtue of an affidavit sworn before the Executive Magistrate, Sohela CF No. 01 Dated 30.10.2026, I, Uma Dishree, D/O -Sudarshan Dishree, R/O Vill. Marekel, PO.-Tungibandhali, PS.-Sohela, Dist.: Bargarh-768033 declare that, the date of my birth wrongly mentioned in the Aadhar Card as dated 07.03.2003. But the actual date of Birth is **30.08.2002**. That I have changed my name from **Lijarani Dishri** to **Uma Dishree**. Henceforth I shall be known as **Uma Dishree** for all future purposes.

AFFIDAVIT

By virtue of an affidavit sworn before Executive Magistrate Bhubaneswar on Dated 29/10/2026, I, **AMRITA MISHRA**, D/o Gouranga Mishra resident of AT- Plot No: 250, Lane-4, Near Sum Hospital, Bharatpur, Baramunda, Bhubaneswar, Dist.-Khordha, PIN- 751003, Odisha, declare that I have changed my name from **ANITA MISHRA (Old Name)** to **AMRITA MISHRA (New Name)**. Henceforth, I shall be known as **AMRITA MISHRA** for all purposes.

Sd/- **AMRITA MISHRA**

AFFIDAVIT

By virtue of an affidavit sworn before the Notary Public, Bhubaneswar, dated 26.10.2026, I, Lovely Digal, D/o Dushasan Digal, At/PO-Bhrungijodi, PS-Phiringia, Dist-Kandhamal, Odisha-762011, declare that my father's correct name is Dushasan Digal, as mentioned in his Aadhaar Card and PAN Card, but it has been erroneously recorded as Dushason Digal in my 10th Pass Certificate. That Dushasan Digal and Dushason Digal refer to one and the same person, i.e. my father.

AFFIDAVIT

I, Akshya Kumar Dhal, aged about 45 years, S/o- Damodar Dhal, resident of At/Po- Alapua, Ps- Pattamundai, Dist-Kendrapara, Odisha, PIN- 754214, do hereby declare by this affidavit No.12, dtd- 22/10/2026, that now onwards I shall be known as **AKSHAYA KUMAR DHAL** for all future purposes.

ଦେଶ ପାଇଁ ସର୍ଦ୍ଦାର ବଲ୍ଲଭ ପଟେଲଙ୍କ ଅବଦାନ ଅତୁଳନୀୟ

କନ୍ଧମାଳ, ୩୧।୧୦(ସମିସ)

ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ସଦରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଏକତା ଦିବସ ପାଳିତ ହୋଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଏମ୍. ମାଧୁରୀ ଦୋରାଙ୍କ ସଭାପତିତ୍ୱରେ ଆୟୋଜିତ







ସଭାରେ ଶିକ୍ଷକ ବନମାଳୀ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ମେହେର ନିଜ ବକ୍ତବ୍ୟରେ କହିଥିଲେ ଯେ, ସ୍ୱାଧୀନତା ପରେ ଦେଶର ବିଭିନ୍ନ ଗଡ଼ଜାତ ରାଜ୍ୟକୁ ଭାରତ ସହିତ ଏକତ୍ରିତ କରି ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନେତୃତ୍ୱ ଓ ଅବଦାନ ଅତୁଳନୀୟ। ଦେଶର ଏକତା, ଅଖଣ୍ଡତା ଓ ସମ୍ପ୍ରୀତି ରକ୍ଷା ପାଇଁ ତାଙ୍କ ଆଦର୍ଶରୁ ପ୍ରେରଣା ନେବାକୁ ସେ ଆହ୍ୱାନ ଦେଇଥିଲେ। ଟେମ୍ପୁଲ୍ ଦୀପ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ଆଲୋକ ପରଡ଼ିଆ, ଶ୍ରୀକାନ୍ତ ବୁଦ୍ଧିଆ, ସତ୍ୟଜିତ ପଣ୍ଡା, ସୁଦାମ ଚରଣ ମିଶ୍ର ଏବଂ ଶିକ୍ଷୟିତ୍ରୀ ମୀରାବାଈ ଧରୁଆ ଓ ଗୀତାଞ୍ଜଳି ସାହୁ ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ଛାତ୍ରୀ ପୂର୍ଣ୍ଣମାସୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ତରଭା: ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ ତମ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାରେ ଏକ ପଦଯାତ୍ରା ଆୟୋଜିତ ହୋଇଥିଲା। ଶନିବାର ସକାଳେ ଡିଆରଡିଏ କାର୍ଯ୍ୟାଳୟଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦେବାଶିଷ ସିଂହ ଓ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଖେଲୋ ଇଣ୍ଡିଆର ଅଂଶଗ୍ରହଣକାରୀ ଏବଂ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ। ଏଥିରେ ୧୦୦ ରୁ ଅଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର ଏବଂ ଡିଏସପି (ଭିଜିଲାନ୍ସ) ରିତାଞ୍ଜଳି ପ୍ରଧାନ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପଦଯାତ୍ରା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜାତୀୟ ଏକତା ଦିବସ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଜାତୀୟ ଏକତାର ଶପଥ ପାଠ କରାଯାଇଥିଲା।

ବଲାଙ୍ଗିର: ଲୌହ ମାନବ ସର୍ଦ୍ଦାର ବଲ୍ଲଭାଇ ପଟେଲଙ୍କ ୧୫୧ତମ ଜନ୍ମଦିନ ଅବସରରେ ବଲାଙ୍ଗିର ଟାଉନ୍ ଥାନା ପୁଲିସ ପକ୍ଷରୁ ଥାନା ପରିସରରେ ରାଷ୍ଟ୍ରୀୟ ଏକଦା ଦିବସ ପାଳିତ ହୋଇଯାଇଛି। ଥାନା ଅଧିକାରୀ ଅବନୀ ସାହୁ ସଭାପତିତ୍ୱ କରିଥିଲେ। ବଲାଙ୍ଗୀର ଜିଲ୍ଲା ସିଭିଲ ସୋସାଇଟି ସଂଯୋଜକ ମନୋରଞ୍ଜନ ସାହୁ ବକ୍ତବ୍ୟ ରଖିଥିଲେ। ସୋସାଇଟିର ଆବାହକ ଇଂ. ବେଲାରସିଂ ଭୋଇ, ଇଂ. ଲଣିନ୍ଦ୍ର ବେହେରା, ଜ୍ଞାନରଞ୍ଜନ ପଟ୍ଟନାୟକ, ଦିବାକର ହୋତା, ରଘୁନନ୍ଦନ ସିଂହ, ଦୁର୍ବାଦଳ ମହାକୁର, ଅରୁଣ ନାଥ, ଗୋବିନ୍ଦ ମିଶ୍ର, ହରେକୃଷ୍ଣ ପଟେଲ, ବରିଷ୍ଠ ନାଗରିକ ନାରାୟଣ ପାଢ଼ୀ, ପ୍ରଭାକର ମିଶ୍ର, ବିନୟ ମିଶ୍ର, ଗୌର ପୁରୋହିତ, ଅଶୋକ ମିଶ୍ର, ସୁନୀଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ବୈକୁଣ୍ଠ ଦେହୁରୀ, ଜେ.କେ ଶବର ପ୍ରମୁଖ ସହଯୋଗ କରିଥିଲେ।

ତୁଷୁରା: ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଶନିବାର ତୁଷୁରା ଅଞ୍ଚଳରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ତୁଷୁରା ପୁଲିସ ପକ୍ଷରୁ ସ୍ଥାନୀୟ ହାଇସ୍କୁଲ ଖେଳପଡ଼ିଆଠାରେ ଏକ ମାରାଥନ୍ ଦୌଡ଼ ଆୟୋଜନ କରାଯାଇଥିଲା। ଶରତ ଚନ୍ଦ୍ର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ବର୍ଗର ଲୋକେ ଅଂଶଗ୍ରହଣ କରି ଜାତୀୟ ଏକତା ଓ ଭାଇଚାରାର ବାର୍ତ୍ତା ଦେଇଥିଲେ। ସେହିପରି ସନ୍ଧ୍ୟାରେ ତୁଷୁରା ଥାନା ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଏଥିରେ ଉପସ୍ଥିତ ପୁଲିସ କର୍ମଚାରୀମାନେ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ବଜାୟ ରଖିବା ଦିଗରେ ସଂକଳ୍ପବଦ୍ଧ ହୋଇଥିଲେ। ଅନ୍ୟପକ୍ଷରେ ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ଗୁରେଶ୍ୱର ଭୋଇଙ୍କ ସଭାପତିତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା।

ପୁଲିସ ପଞ୍ଝାରେ ଅନ୍ତଃରାଜ୍ୟ ଏଟିଏମ୍ ଲୁଟେରା

ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଲୁଟ୍‌ଥିବା ଅଭିଯୁକ୍ତ ଗିରଫ

ପାଟଣାଗଡ଼, ୩୧।୧୦(ସମିସ): ଏଟିଏମ କାର୍ଡ ବଦଳାଇ ଟଙ୍କା ଲୁଟ୍‌ଥିବା ଜଣେ ଅଭିଯୁକ୍ତକୁ ସ୍ଥାନୀୟ ପୁଲିସ ଆଜି ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା କୁଲୁଣ୍ଡା ଗାଁର ଗୋବର୍ଦ୍ଧନ ପାତ୍ର। ଲରମ୍ଭା ଥାନା ତମିଆଁ ଗାଁର ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ ଫେବୃୟାରୀ ୨୪ ତାରିଖ ମଧ୍ୟାହ୍ନରେ ପାଟଣାଗଡ଼ସ୍ଥିତ ଏସ୍‌ବିଆଇ ଶାଖା ଏଟିଏମ୍‌ରୁ ଟଙ୍କା କାଢୁଥିଲେ। ଏହି ସମୟରେ କେତେକ ଅଜଣା ବ୍ୟକ୍ତି ତାଙ୍କ ପାଖକୁ ଯାଇ ସାହାଯ୍ୟ କରିବା ବାହାନାରେ ଏଟିଏମ୍ କାର୍ଡ ବଦଳାଇ ନେଇଥିଲେ। ଏହାପରେ ସେମାନେ ବିଭିନ୍ନ ତାରିଖରେ ତାଙ୍କ ଏକାଉଣ୍ଟରୁ ୩ ଲକ୍ଷ୍ୟ ୯୦ ହଜାର ୬୨୦ ଟଙ୍କା ଉଠାଇ ନେଇଥିଲେ। ଏନେଇ କୃଷ୍ଣଚନ୍ଦ୍ର ପାଟଣାଗଡ଼ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏସଡିପିଓ ସଦାନନ୍ଦ ପୂଝାରୀଙ୍କ ତତ୍ତ୍ୱାବଧାନ ଏବଂ ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କ ନେତୃତ୍ୱରେ ଏଏସଆଇ ଅଜିତ ସେଠଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ସିସିଟିଭି ଫୁଟେଜର ପ୍ରମାଣ ସହ ଖବର ପାଇ ପାଟଣାଗଡ଼ ବ୍ଲକ ଛକରୁ ଗୋବର୍ଦ୍ଧନଙ୍କୁ ପୁଲିସ ଗିରଫ କରିଥିଲା। ସେ ଜଣେ ଆନ୍ତଃରାଜ୍ୟ ପେଶାଦାର ଅପରାଧୀ। ରାଜ୍ୟର ବିଭିନ୍ନ ଥାନାରେ ତା ନାଁରେ ୧୯ରୁ ଅଧିକ ମାମଲା ରହିଛି। ଗିରଫ ସମୟରେ ତା ନିକଟରୁ ଗୋଟିଏ ମୋବାଇଲ, ନଗଦ ୫୧ ହଜାର ୫୦୦ ଶହ ଟଙ୍କା ଜବତ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ ସୂଚନା ଦେଇଛି।

ୟୁଜିସି ବିଲ୍ ବାତିଲ ପାଇଁ ବ୍ରାହ୍ମଣ ସମାଜର ଦାବି

ବଲାଙ୍ଗିର, ୩୧।୧୦(ସମିସ): ସଦାଇପାଲି ପଲ୍ଲିଶ୍ରୀବିହାରସ୍ଥିତ ରାଧାକୃଷ୍ଣ ମନ୍ଦିରଠାରେ ବ୍ରାହ୍ମଣ ସମାଜର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟି ବ୍ରାହ୍ମଣ ସମାଜର ସଭାପତି ପଣ୍ଡିତ ମହାବୀର ବେଦବାକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଡ. ଶ୍ରୀକର ମିଶ୍ରଙ୍କ ଆବାହକତ୍ୱରେ ବ୍ରହ୍ମଶ୍ରୀ ଗିରିଧାରୀ ଶତପଥୀ ଅତିଥି ଭାବେ ମଞ୍ଚାସୀନ ଥିଲେ। ୟୁଜିସି ବିଲ୍ ଦ୍ୱାରା ମୌଳିକ ଅଧିକାର କ୍ଷୁର୍ଣ୍ଣ ହେବାସହ ଶିକ୍ଷା କ୍ଷେତ୍ରରେ ସମାନତା ଆସିପାରିବ ନାହିଁ; କିନ୍ତୁ ଶିକ୍ଷାନୁଷ୍ଠାନ ପରିସରରେ ସ୍ୱଚ୍ଛତା ବୃଦ୍ଧି ନାମରେ କରାଯାଇଥିବା ଆଇନରେ ତ୍ରୁଟି ପରିଲକ୍ଷିତ ହୋଇଛି ବୋଲି ସୁପ୍ରିମକୋର୍ଟ ମନ୍ତବ୍ୟ ପ୍ରକାଶ କରିଛନ୍ତି। ଏହା ଉପରେ ଆଲୋଚନା କରାଯାଇଥିଲା। ୩ ତାରିଖ ମଙ୍ଗଳବାର ଅପରାହ୍ନ ୩ ଘଣ୍ଟା ସମୟରେ କଳାମଣ୍ଡଳ ମୁଖ୍ୟ ଗେଟ୍ ପାଖରୁ ଜିଲ୍ଲାପାଳଙ୍କ ଅଫିସକୁ ଯାଇ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୟୁଜିସି ଆଇନ ବାତିଲ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଡା. ପ୍ରମୋଦ ମିଶ୍ର, ଲକ୍ଷ୍ମୀପ୍ରସାଦ ଚାନ୍ଦ, ସୁବାଷ ଦାଶ, ଅଖିଳ ଗୁରୁ, ପ୍ରଭୁଦତ୍ତ ଶତପଥୀ, ଗୋପବନ୍ଧୁ ପୁରୋହିତ, ଲୋଟସ୍ ଷଡଙ୍ଗୀ, ଇଂ.ପ୍ରଶାନ୍ତ ତ୍ରିପାଠୀ, ମହେନ୍ଦ୍ର ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରଫୁଲ୍ଲ ମିଶ୍ର ସମସ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ଲାଷ୍ଟିକ କାରବାର ଲାଗି ଜରିମାନା ଦେଲେ ୫ ଦୋକାନୀ

କଣ୍ଟାବାଞ୍ଜି, ୩୧।୧୦(ସମିସ): କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ ଶନିବାର ସହରର ବିଭିନ୍ନ ସ୍ଥାନରେ ଚଢଉ କରି ପ୍ଲାଷ୍ଟିକ ଜବତ କରିବା ସହ ୫୨ ହଜାର ଟଙ୍କା ଜରିମାନା ଆଦାୟ କରିଛି। ଏହି ଘଟଣା ପରେ ସହରର ବ୍ୟବସାୟୀ ମହଲରେ ଭୟ ସୃଷ୍ଟି ହୋଇଛି। ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଛବି ପୋଢଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ସହରର ପ୍ରମୁଖ ଦୋକାନ ଗୁଡିକରେ ଚଢଉ କରିଥିଲା। ମାହାବୀର ପ୍ଲାଷ୍ଟିକ ଷ୍ଟୋର, ସୁକଲା ପ୍ଲାଷ୍ଟିକ ଷ୍ଟୋର, ଶୀଲଭର ବାବର୍ଚୀ ବିରିୟାନୀ ହୋଟେଲ, ଅମ୍ବିକା ରେଷ୍ଟୁରାଣ୍ଟ ଏବଂ ଭିକାନେର ମିଠା ଦୋକାନ ଭଳି ୫ଟି ବଡ ପ୍ରତିଷ୍ଠାନରେ ଏହି ଚଢଉ କରାଯାଇ ବିପୁଳ ପରିମାଣର ଏକକ ବ୍ୟବହାର ପ୍ଲାଷ୍ଟିକ, ପଲିଥିନ କ୍ୟାରି ବ୍ୟାଗ ଓ ପ୍ଲାଷ୍ଟିକ ଗ୍ଲାସ ଜବତ କରାଯାଇଛି।

ଶ୍ରୀମଦ୍ ଭଗବଦ୍ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା

ଖପ୍ରାଖୋଲ, ୩୧।୧୦ (ସମିସ): ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତୀୟ ଜ୍ଞାନପରମ୍ପରା, ନୈତିକ ମୂଲ୍ୟବୋଧ ତଥା ଆଧ୍ୟାତ୍ମିକ ଚେତନାର ଜାଗରଣ ସୃଷ୍ଟି କରିବା ଲକ୍ଷ୍ୟରେ 'ପ୍ରଜ୍ଞାନ ମିଶନ୍' ପକ୍ଷରୁ ଖପ୍ରାଖୋଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶ୍ରୀମଦ୍ ଭଗବଦ୍ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ଗୀତାର ମଧୁର ଶ୍ଳୋକ ଆବୃତ୍ତି ମାଧ୍ୟମରେ ନିଜସ୍ୱ ପ୍ରତିଭା ଓ ଶାସ୍ତ୍ରୀୟ ଜ୍ଞାନର ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉପାଧ୍ୟକ୍ଷା ସରିତା ନାଏକଙ୍କ ସହଯୋଗରେ ପଥରଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଶେଷଦେବ ମିଶ୍ରଙ୍କ ସଂଯୋଜନା କରିଥିଲେ। କ୍ଷମାନିଧି ଝାଙ୍କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମଦ୍ ଭଗବଦ୍ ଗୀତାର ସାର୍ବଜନୀନ ଜୀବନଦର୍ଶନ, କର୍ତ୍ତବ୍ୟନିଷ୍ଠା ଓ ଚରିତ୍ର ଗଠନରେ ଏହାର ଅପରିହାର୍ଯ୍ୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଦେବଦତ୍ତ ଭୋଇ, ମଧୁସୂଦନ ସାହୁ, ଅମର ବେହେରା, ଚୂଡ଼ାମଣି ପଟେଲ, ଦୀପକ ନାଏକ, ଛୋଟୁ ବେହେରା, ପ୍ରଦୀପ ପଣ୍ଡା, ସମୀର ଦେବ ଚୌହାନ ଓ ଫକୀର ରଣା ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କନିଷ୍ଠ ବିଭାଗରେ ଅମୃତା ମେହେର ପ୍ରଥମ ହୋଇଥିଲେ। ଆଦ୍ୟାଶା ପ୍ରିୟଦର୍ଶିନୀ ମେହେର ଦ୍ୱିତୀୟ ହୋଇଥିବାବେଳେ ଅଞ୍ଜଳି ବାଗ ତୃତୀୟ ହୋଇଥିଲେ। ଅର୍ଚ୍ଚିତା ସାହୁ ସାନ୍ତ୍ୱନାମୂଳକ ଭାବେ ଚୟନ ହୋଇଛନ୍ତି। ବରିଷ୍ଠ ବିଭାଗରେ ଅଲିଶା କରୁଆଁ ପ୍ରଥମ, ଆଦ୍ୟାଶା ନାଏକ ଦ୍ୱିତୀୟ, ମନୀଷା ସାହୁ ତୃତୀୟ ହୋଇଛନ୍ତି। ଏମାନେ ୨୨ ତାରିଖରେ ଜିଲ୍ଲାସ୍ତରୀୟ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

ସ୍ୱପ୍ନ ସାକାର ପାଇଁ ଦୃଷ୍ଟିକୋଣ ପରିବର୍ତ୍ତନ ଆବଶ୍ୟକ

ବଲାଙ୍ଗିର, ୩୧।୧୦ (ସମିସ): ସ୍ଥାନୀୟ ସରକାରୀ ବଲାଙ୍ଗିର ମହାବିଦ୍ୟାଳୟରେ ବଲାଙ୍ଗିର ଦିନ ପାଳନ ଉପଲକ୍ଷେ ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ତରଫରୁ 'ସ୍ୱପ୍ନର ବଲାଙ୍ଗିର ଗଠନରେ ଯୁବ ସମାଜର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କବି ତଥା ଅଧ୍ୟାପକ ସନ୍ଦୀପ କୁଅଁର ଯୋଗଦେଇ ସ୍ୱପ୍ନ ଦେଖିବା ଜରୁରୀ; ମାତ୍ର ସ୍ୱପ୍ନକୁ ସାକାର କରିବାକୁ ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିବା ନିହାତି ଆବଶ୍ୟକ ବୋଲି କହିଥିଲେ। ବଲାଙ୍ଗୀର ଦିନ ଆୟୋଜନ କମିଟିର ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀ, ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଅର୍ଥନୀତି ବିଭାଗ ମୁଖ୍ୟ କୁଶ କହଁର ଅତିଥି ଭାବେ ଯୋଗ ଦେଇଥିଲେ। ପଶ୍ଚିମ ଓଡ଼ିଶା ଯୁବା ମଞ୍ଚର କାର୍ଯ୍ୟକାରୀ ସଭାପତି ଅଭିଷେକ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପଦେଷ୍ଟା ତଥା ଶିକ୍ଷକ ରଞ୍ଜିତ ମିଶ୍ର ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସୁମନ୍ତ ରଣା, ଚନ୍ଦନ ପୁହାଣ, ଦେବାଶିଷ ବେରୁକ, ସୁଶ୍ରୀ ସରିତା ସାହୁ, ପଶ୍ଚିମ ଓଡ଼ିଶା ଯୁବା ମଞ୍ଚର ଜିଲ୍ଲା ଆବାହକ ଥବୀର କର୍ମୀ ଓ ସଦସ୍ୟ ସୁବାଷ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ପାଇଁ ପ୍ରସ୍ତୁତି

ତରଭା, ୩୧।୧୦ (ସମିସ): ସୁବର୍ଣ୍ଣପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ-୨୦୨୭ (ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍) ଆୟୋଜନ ନିମନ୍ତେ ଶନିବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦେବାଶିଷ ସିଂହ ମହୋତ୍ସବର ଆୟୋଜନ, ପ୍ରତିଯୋଗିତା ଓ ଅଂଶଗ୍ରହଣ ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଥିଲେ। ମହୋତ୍ସବର ଆୟୋଜନ ଦାୟିତ୍ୱରେ ଥିବା ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରୀତି ସୁନା ମଧ୍ୟ ଉପସ୍ଥିତ ଥିଲେ। 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବା' ନୁକ୍କଡ଼ ନାଟକ, ଚିତ୍ରାଙ୍କନ, କବିତା ଲିଖନ, ଲୋକନୃତ୍ୟ, ଲୋକଗୀତ, ରଚନା ପ୍ରତିଯୋଗିତା ଓ ପିପିଟି ଉପସ୍ଥାପନା ଯୋଗେ ରଚନା ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେବ। ୫ ତାରିଖରେ ସଂସ୍କୃତି ଭବନଠାରେ ୧୦ ମିନିଟ୍‌ର ନୁକ୍କଡ଼ ନାଟକ ପ୍ରତିଯୋଗିତା, ଜିଲ୍ଲା ପାଠାଗାରଠାରେ ୬ ଘଣ୍ଟିଆ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ସୋନପୁର ମହାବିଦ୍ୟାଳୟଠାରେ ୧ ଘଣ୍ଟା ୩୦ ମିନିଟ୍ ସମୟର ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ କବିତା ଲିଖନ ପ୍ରତିଯୋଗିତା ହେବ। ସେହିପରି ନଭେମ୍ବର ୬ ତାରିଖରେ ସଂସ୍କୃତି ଭବନଠାରେ ୮ ମିନିଟ୍ ଲେଖାଏଁ ଲୋକନୃତ୍ୟ ଓ ଲୋକଗୀତ ପ୍ରତିଯୋଗିତା ଆୟୋଜିତ ହେବ। ରଚନା ପ୍ରତିଯୋଗିତା ପିପିଟି ଉପସ୍ଥାପନା ଯୋଗେ ଏକ ଅତିରିକ୍ତ ଦିନ ରଖାଯାଇଛି। ସମ୍ଭାବ୍ୟ ଭାବେ ନଭେମ୍ବର ୧୩ ତାରିଖରେ ଏହା ଅନୁଷ୍ଠିତ ହେବ; ଯାହାର ଚୂଡ଼ାନ୍ତ ତାରିଖ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ। ମାଇ ଭାରତ ପୋର୍ଟାଲରେ ପଞ୍ଜୀକୃତ ୧୫ରୁ ୨୯ ବର୍ଷ ବୟସର ଯୁବକଯୁବତୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ। ୧୭ ଅଗଷ୍ଟ, ୨୦୨୬ ସୁଦ୍ଧା ପ୍ରତିଯୋଗୀଙ୍କ ବୟସ ନିର୍ଦ୍ଧାରିତ ସୀମା ମଧ୍ୟରେ ଥିବା ଆବଶ୍ୟକ। ପ୍ରତିଯୋଗୀ ସୁବର୍ଣ୍ଣପୁର ଜିଲ୍ଲାର ବାସିନ୍ଦା ହୋଇଥିବା ଆବଶ୍ୟକ। ତେବେ ଜିଲ୍ଲାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମଧ୍ୟ ଏଥିରେ ଭାଗ ନେଇପାରିବେ। ପ୍ରତିଯୋଗିତା ସମୟରେ ଆଧାର କାର୍ଡ ସାଙ୍ଗରେ ଆଣିବା ବାଧ୍ୟତାମୂଳକ। ଜଣେ ପ୍ରତିଯୋଗୀ କେବଳ ଗୋଟିଏ ପ୍ରତିଯୋଗିତାରେ ଭାଗ ନେଇପାରିବେ। ନୁକ୍କଡ଼ ନାଟକ, ଲୋକନୃତ୍ୟ ଓ ଲୋକଗୀତ ଭଳି ଦଳଗତ ପ୍ରତିଯୋଗିତାରେ ପ୍ରତ୍ୟେକ ଦଳରେ ସର୍ବାଧିକ ୭ ଜଣ କଳାକାର ଓ ୩ ଜଣ ସହାୟକ ସଦସ୍ୟଙ୍କୁ ମିଶାଇ ମୋଟ ୧୦ ଜଣ ରହିପାରିବେ। ସହାୟକ ସଦସ୍ୟଙ୍କ ବୟସ ୧୮ରୁ ୪୦ ବର୍ଷ ମଧ୍ୟରେ ହେବା ଆବଶ୍ୟକ। ପ୍ରତିଯୋଗିତା ଗୁଡ଼ିକରେ ଜିଲ୍ଲାସ୍ତରରେ ଆର୍ଥିକ ପୁରସ୍କାର ବ୍ୟବସ୍ଥା ରହିଛି।

୫ରୁ ବିଭିନ୍ନ ପ୍ରତିଯୋଗିତା

ନୁକ୍କଡ଼ ନାଟକ, ଲୋକନୃତ୍ୟ ଓ ଲୋକଗୀତ ଭଳି ଦଳଗତ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ୧୦, ୦୦୦ ଟଙ୍କା, ଦ୍ୱିତୀୟ ପୁରସ୍କାର ୭, ୫୦୦ ଟଙ୍କା ଓ ତୃତୀୟ ପୁରସ୍କାର ୫, ୦୦୦ ଟଙ୍କା ରହିଛି। ସେହିପରି ଚିତ୍ରାଙ୍କନ ଓ କବିତା ଲିଖନ ଭଳି ବ୍ୟକ୍ତିଗତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଯଥାକ୍ରମେ ୩, ୦୦୦, ୨, ୦୦୦ ଓ ୧, ୦୦୦ ଟଙ୍କା ରହିଛି। ଲୋକନୃତ୍ୟ, ଲୋକଗୀତ, ଚିତ୍ରାଙ୍କନ ଓ କବିତା ଲିଖନ ପ୍ରତିଯୋଗିତାର ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ବିଜେତା ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଉନ୍ନୀତ ହେବେ। ନୁକ୍କଡ଼ ନାଟକରେ କେବଳ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ରାଜ୍ୟସ୍ତରରେ ଭାଗ ନେବାର ସୁଯୋଗ ପାଇବେ। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବିଶେଷକରି ଦୁର୍ଗମ ଅଞ୍ଚଳରୁ ଅଧିକ ସଂଖ୍ୟକ ଯୁବକଯୁବତୀ ଯେପରି ଏହି ମହୋତ୍ସବରେ ଭାଗ ନେଇପାରିବେ ସେଥିପାଇଁ ଜନସାଧାରଣଙ୍କୁ ସଚେତନ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। କେବଳ ଛାତ୍ରଛାତ୍ରୀ ନୁହେଁ ପାଠପଢ଼ା ନ କରୁଥିବା ଯୁବକଯୁବତୀ ମଧ୍ୟ ଯୋଗ୍ୟତା ଅନୁସାରେ ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ। ଏଥିପାଇଁ ଗାଁ ଗାଁରେ ଏହି ସୂଚନା ପହଞ୍ଚାଇବା ସହ ଯୁବପିଢ଼ିଙ୍କୁ ଉତ୍ସାହିତ କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି।

ଓପିଜିସି ପକ୍ଷରୁ ତିଲିଆରେ ସ୍ୱାସ୍ଥ୍ୟ ଶିବିର



ଇବଥର୍ମାଲ, ୩୧।୧୦(ସମିସ): ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍ (ଓପିଜିସି) ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ ତିଲିଆ ପଞ୍ଚାୟତରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ସରପଞ୍ଚ ପୁଷ୍ପାଞ୍ଜଳି ପ୍ରଧାନ ଏହି ଶିବିରର ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୧୨ଟି ଗ୍ରାମର ମୋଟ ୨୪୯ ଜଣ ରୋଗୀ ଚିକିତ୍ସା ପରାମର୍ଶ ଓ ସ୍ୱାସ୍ଥ୍ୟସେବାର ସୁଯୋଗ ନେଇଥିଲେ। ଏହି ଶିବିରରେ ଇବଥର୍ମାଲ ହସ୍ପିଟାଲର ନିଜସ୍ୱ ଡାକ୍ତର ଯଥା ଓପିଜିସିର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଙ୍ଗୀତା ପଣ୍ଡା, ଡାକ୍ତର ମାନସ ରଞ୍ଜନ ପାଣିଗ୍ରାହୀ ଏବଂ ଡାକ୍ତର ସୁରଞ୍ଜୀବ ବେହେରା ଯୋଗ ଦେଇଥିଲେ। ଏଥିସହ ଓପିଜିସି ପକ୍ଷରୁ ଦୁଇଜଣ ବିଶେଷଜ୍ଞ ଡାକ୍ତର ବଳରାମ ଖମାରୀ (ମେଡିସିନ୍ ବିଶେଷଜ୍ଞ) ଏବଂ ବି.ଏନ୍. କଶ୍ୟପ (ଶିଶୁ ରୋଗ ବିଶେଷଜ୍ଞ)ଙ୍କୁ ମଧ୍ୟ ଏହି ଶିବିର ପାଇଁ ଆମନ୍ତ୍ରଣ କରାଯାଇଥିଲା। ଏଥିରେ ଇବଥର୍ମାଲ ହସ୍ପିଟାଲର କର୍ମଚାରୀ ସୁଜାତା ନାୟକ, ସଞ୍ଜୁକ୍ତା ମହାନନ୍ଦ, ସବିତା ନାୟକ, ପ୍ରଭାତ କୁମାର ବାରିକ, ସୁମିତ କୁମାର ଶତପଥୀ, ଦିଲୀପ ଦୀପ, ଅଭିମନ୍ୟୁ ଭୋଇ, ପ୍ରବୀଣ ପାଢ଼ୀ ଏବଂ କର୍ଣ୍ଣ ବାଗ ସହଯୋଗ କରିଥିଲେ।

କନ୍ଧମାଳ ବ୍ଲକସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ

କନ୍ଧମାଳ, ୩୧।୧୦(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋଭ ରଞ୍ଜନ ମାଳୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଉଦ୍ଧବ ମହାଲିକ, ଲକ୍ଷ୍ମୀ ମଲ୍ଲିକ, ନୀଳମଣି ପଣ୍ଡା ମଞ୍ଚାସୀନ ଥିଲେ। ବ୍ଲକର ସମସ୍ତ ସିଆର୍‌ସିସି ଉପସ୍ଥିତ ରହି ବିଭିନ୍ନ ଶିକ୍ଷାଗତ ବିଷୟ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଶିକ୍ଷକମାନଙ୍କ ଦରମା ବିଲ୍ ପ୍ରସ୍ତୁତି, ଶ୍ରେଣୀଗୃହରେ ନିୟମିତ ଶିକ୍ଷାଦାନ, ଶିକ୍ଷାଦାନର ଗୁଣାତ୍ମକ ମାନ, ୟୁ-ଡାଇସ୍ ସମ୍ପର୍କିତ ତଥ୍ୟ ଏବଂ ସରପ୍ଲସ୍ ଶିକ୍ଷକଙ୍କ ସମ୍ପର୍କିତ ବିଷୟ ଉପରେ ସବିଶେଷ ଆଲୋଚନା ହୋଇଥିଲା। ଏଥିସହ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମର ଆୟୋଜନ, ଏହାର ପ୍ରସ୍ତୁତି ଓ ବିଭିନ୍ନ ଶିକ୍ଷାଗତ କାର୍ଯ୍ୟକଳାପ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଦକ୍ଷତାର ବିକାଶ, ବିଦ୍ୟାଳୟର ବିଭିନ୍ନ ପ୍ରଶାସନିକ କାର୍ଯ୍ୟର ସୁପରିଚାଳନା ଏବଂ ଶିକ୍ଷା ସମ୍ପର୍କିତ ତଥ୍ୟର ସଠିକ୍ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଭଳି ସମୀକ୍ଷା ବୈଠକ ମାଧ୍ୟମରେ ବ୍ଲକର ଶିକ୍ଷା ବ୍ୟବସ୍ଥାରେ ରହିଥିବା ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ଚିହ୍ନଟ କରିବା ସହ ଶିକ୍ଷାର ଉନ୍ନତି ଦିଗରେ ସମନ୍ୱିତ ପ୍ରୟାସ କରିବା ଉପରେ ଆଲୋଚନା ହୋଇଥିଲା। ଶେଷରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଉଦ୍ଧବ ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ।

ଯୌନ ନିର୍ଯାତନା ସୁରକ୍ଷା ନେଇ ସଚେତନତା



କଣ୍ଟାବାଞ୍ଜି, ୩୧।୧୦(ସମିସ): ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ପ୍ରଦାନ ଓ ଆଇନ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ 'ସୁରକ୍ଷିତ ବଚପନ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଆଇନ-୨୦୧୨ ଉପରେ ଆଧାରିତ ଏହି ସର୍ବଭାରତୀୟ ବିଦ୍ୟାଳୟସ୍ତରୀୟ ସଚେତନତା ଅଭିଯାନକୁ କଣ୍ଟାବାଞ୍ଜି ତାଲୁକ ଆଇନ ସେବା କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ସିଭିଲ ଜଜ୍ (ସିନିୟର ଡିଭିଜନ) ରାଜେଶ ନାୟର, ଜେଏମଏଫସି ସରୋଜିନୀ ସାହୁ, ରାକେଶ ବେହେରା, ଆଇନଜୀବୀ ବିଷ୍ଣୁ ପ୍ରସାଦ ଶର୍ମା, ମନୋଜ ଦାସ ଓ ପାରା ଲିଗାଲ ସ୍ୱେଚ୍ଛାସେବୀ କାହ୍ନୁ ଚରଣ ମିଶ୍ର ଉପସ୍ଥିତ ଥିଲେ। ଅଭିଯାନ ମାଧ୍ୟମରେ ଶିଶୁଙ୍କ ସୁରକ୍ଷା, ଯୌନ ଅପରାଧ ସମ୍ପର୍କିତ ଆଇନଗତ ବ୍ୟବସ୍ଥା ଏବଂ ଆଇନ ସହାୟତାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବାକୁ ଉଦ୍ୟମ କରାଯାଇଥିଲା।

ବଗଡ଼ାରେ ଗ୍ରୀନ୍ ଇଗଲ୍ ଆର୍ମିର ବରଗଛ ରୋପଣ

ଦେଓଗାଁ, ୩୧।୧୦ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ମହଲେଇ ପଞ୍ଚାୟତ ବଗଡ଼ା ଗ୍ରାମର ବିଭିନ୍ନ ସ୍ଥାନରେ ଗ୍ରୀନ୍ ଇଗଲ୍ ଆର୍ମି ସଂସ୍ଥା ପକ୍ଷରୁ ବରଗଛ ରୋପଣ କରାଯାଇଛି। ଦିଲୀପ ଭୂଏ, ଚିତ୍ତ ସାହୁ, ସଚିନ କୁଅଁର, ପଦ୍ମନାଭ ସାହୁ, ଆଲୋକ କୁଅଁର, ଖୁସିରାମ ସାହୁ, ରମେଶ ସାହୁ, ପରମେ ସାହୁ, ଅଜୟେ ସାହୁ, ସାହିଲ ସାହୁ, ଜୟରାମ କୁଅଁର ଓ ଲମ୍ବୋଦର ପରୁଆ ଯୋଗଦେଇ ବରଗଛ ଚାରା ରୋପଣ କରିଥିଲେ। ସଂସ୍ଥାର ସଂସ୍ଥାପକ କେଶବ ଚନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

ହିନ୍ଦୀ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ବୀରମହାରାଜପୁର, ୩୧।୧୦ (ସମିସ): ସୁବର୍ଣ୍ଣପୁର ଜିଲ୍ଲା କୋଟସମଲାଇସ୍ଥିତ ଶ୍ରୀ ଜଗନ୍ନାଥ ଏକାଡେମୀର ବରିଷ୍ଠ ହିନ୍ଦୀ ଶିକ୍ଷକ ଅନିରୁଦ୍ଧ ପାଢ଼ୀ ଅବସର ନେଇଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହା, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗେଶ୍ୱର ଦାଶ, ପରିଚାଳନା କମିଟି ସଭାପତି ଜାନକୀରାମ ଦେହେରୀ, ଶିକ୍ଷାବିତ ଜଗଦୀଶ ପଧାନ ଓ ଶିକ୍ଷାବିତ ଟଙ୍କଧର ପଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର ହୋତା ସମାରୋହରେ ସଭାପତିତ୍ୱ କରିଥିଲେ। ବିଜୟ ହୋତା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଡ. ପ୍ରଫୁଲ୍ଲ ସାହୁ ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ରାଜୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହ ପୂର୍ବରୁ ଶ୍ରୀ ପାଢ଼ୀଙ୍କ ସମ୍ମାନାର୍ଥେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ତାଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଶଙ୍ଖସିନ୍ଧୁ ପୁରୋହିତ, ଅମିତ ପାତ୍ର, ହୃଷିକେଶ ପଧାନ, ଭଗବତୀ ହୋତା, ସାନ ଡାଙ୍ଗ, ପୂର୍ଣ୍ଣିମା ନାଏକ, କବିତା ଭୋଇ ଓ ବିଶ୍ୱେଶ୍ୱର ପଧାନ ପ୍ରମୁଖ ସହଯୋଗ କରିଥିଲେ।

ଛାତ୍ରଛାତ୍ରୀଙ୍କ ସୌରଭ ବିତରଣ କରୁଛି 'ସୁରଭି'

ଡୁଙ୍ଗୁରିପାଲି, ୩୧।୧୦(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଡୁଙ୍ଗୁରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ସୌରଭ ବିତରଣ କରୁଛି ବୋଲି ଏଥିରେ ମତ ପ୍ରକାଶ ପାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ ସାହୁ, ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଅତିରିକ୍ତ ଶିକ୍ଷାଧିକାରୀ ତଥା ବିଆରସିସି ଗଞ୍ଜାଲୁ ମିର୍ଦ୍ଧା, ସହ ଶିକ୍ଷାଧିକାରୀ ଜଗତ ମଲ୍ଲିକ, ସହ ଶିକ୍ଷାଧିକାରୀ ବ୍ୟାସଦେବ ରାୟ, ଡୁଙ୍ଗୁରିପାଲି ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସତ୍ୟବାନ କୁଅଁର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ହୋତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ତର୍କ, ବକ୍ତୃତା, ପ୍ରବନ୍ଧ ଲିଖନ, ସୃଜନଶୀଳ ଲିଖନ, ଦେଶାତ୍ମବୋଧକ ସଙ୍ଗୀତ, କୁଇଜ, ଚିତ୍ରାଙ୍କନ, ପିଏମ୍ ପୋଷଣ ଚିତ୍ରକଳା ଓ ଶିଳ୍ପକଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଆ ଶ୍ରୁତଲିଖନ ଓ ହସ୍ତାକ୍ଷର ପରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ବ୍ଲକ ଶିକ୍ଷାଧିକାରୀ ଗଣେଶ କିଷାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଫଟାମୁଣ୍ଡା ଅଧ୍ୟକ୍ଷ ହିମାଂଶୁ କୁଅଁର, ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ସାଂସଦଙ୍କ ପ୍ରତିନିଧି ବୀରେନ୍ଦ୍ର କଠାର, କଳାକାର ଶାଶ୍ୱତ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ ଯଶସ୍ୱିନୀ ନାୟକ, କିରଣ କୁମ୍ଭାର, ଶିକ୍ଷକ ମୁରାରୀ ରଥ, ସୁଧୀର ଗଡ଼ତିଆ ସଭା ପରିଚାଳନା କରିଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ବ୍ଲକରେ ପ୍ରଥମ ହୋଇଥିବା ବିନିତା ଭୋଇଙ୍କୁ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଡ. ସୁବାସ ପାତ୍ର, ଭିକାରି ପଧାନ, ସୁରେଶ ପଧାନ, ଡିଲେ ସାହୁ, ଡାକ୍ତର ବାରିକ, ଅନିରୁଦ୍ଧ ପଧାନ, ଅଶ୍ୱିନୀ ଦାଶ, ନରେନ୍ଦ୍ର ସାହୁ, ପ୍ରମୋଦ ପଧାନ, ମିତ୍ରଭାନୁ ପଧାନ, ଜୟକୃଷ୍ଣ ପଧାନ, ବୈଶାଖୁ ପଧାନ, ଗରୁଡ଼ଧ୍ୱଜ ବାରିକ, ମନବୋଧ ପଧାନ, ପ୍ରାଣବନ୍ଧୁ ହୋତା, ମୀନା ବାରିକ, ରେଖୋରାମ ବାଗ, ଦଳ ପଧାନ, କଳାକାର ନାଟ୍ୟଶ୍ରୀ



ଗଦାଧର ବାରିକ, ଶ୍ରଦ୍ଧାଞ୍ଜଳି ମିଶ୍ର, ନିରଞ୍ଜନ ନାଗ, ହୃଦାନନ୍ଦ ମହାନନ୍ଦ, କମଳ ନନ୍ଦ, ଦିନବନ୍ଧୁ ଶିକା ପ୍ରମୁଖ ବିଚାରକ ଭାବେ ଯୋଗଦେଇ ମୂଲ୍ୟାୟନ କରିଥିଲେ। ସିଆରସିସି ଦିଲୀପ ପଧାନ, ରମେଶ ଭୋଇ, ସୁଧାଂସୁ ସାହୁ, ସୁରେଶ ନାୟକ, ନୀଳକଣ୍ଠ ନାଏକ, ପ୍ରବୀର ଭୋଇ, ରଞ୍ଜନ ଦାସ, ଶୁଭଲାଲ ସାହୁ, ରାଧେଶ୍ୟାମ ରଥ, ବିଭୁତି ରଥ, ସୌରଭ ସାହୁ, ସୁନୀଲ ସେଟ, ପ୍ରଦୀପ୍ତକିଶୋର ଦାଶ, ଚିତ୍ତରଞ୍ଜନ ଠାକୁର, ନରେନ୍ଦ୍ର ପୁରୋହିତ, ଶିକ୍ଷକ ସୁରେଶ ପୂଜାରୀ, ଧର୍ମେନ୍ଦ୍ର ହରିପାଳ, ନରେଶ ଭୋଇ, ଆନନ୍ଦ ପଧାନ, ଅଶ୍ୱିନୀ ପଧାନ, ସଂକୀର୍ତ୍ତନ ଭୋଇ, ଅନିଲ ଅଗ୍ରୱାଲ, ହେମସାଗର ଗଡ଼ତିଆ, ଯୋଗାନନ୍ଦ ପଧାନ, ଶିଶିର ପଧାନ, ବ୍ୟାସଦେବ ଭୋଇ, କିଶୋର ବହିଦାର, ହରେକୃଷ୍ଣ ଭୋଇ, ସହଦେବ ଭୁଏ, ଦୀନବନ୍ଧୁ ବରିହା, କରମ ଚନ୍ଦ୍ର ବାରିକ, ରବୀନ୍ଦ୍ର କୁମ୍ଭାର, ସନାତନ ବେହେରା, ଆଦିତ୍ୟ ବିଶ୍ୱାଳ, ନାରାୟଣ ମେହେର, ବିଶ୍ୱାମିତ୍ର ବାରିକ, ସହଦେବ ମେହେର, ଶିକ୍ଷୟିତ୍ରୀ ମିନା ପଧାନ, କଳ୍ପନା ନାୟକ, ମିନାକ୍ଷୀ ସାହୁ, ବିଥିକା ଭୋଇ, ଲୀଳାବତୀ ମେହେର, ରିମା ପଧାନ, ହେମାଙ୍ଗିନୀ ଦାଶ, ସସ୍ମିତା ମେହେରଭଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା ସମିତି ସଭ୍ୟ ସଭ୍ୟା ସହଯୋଗ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ରାମଗୋପାଳ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ଅଧକ୍ଷଙ୍କ ବିରୋଧରେ ଗାଳିଗୁଲଜ ଓ ଧମକ ଅଭିଯୋଗ

ବିଜେପୁର, ୩୧।୧୦(ସମିସ): ବରଗଡ଼ ଜିଲ୍ଲା ବିଜେପୁର ସ୍ନାତକ ମହାବିଦ୍ୟାଳୟ ଛାତ୍ରୀନିବାସ ନିକଟରେ ଜଣେ ଯୁବକଙ୍କୁ ଜାତିଆଣ ଆକ୍ଷେପ ସହ ଗାଳିଗୁଲଜ କରିବା ଅଭିଯୋଗରେ ବିଜେପୁର ଥାନାରେ ମାମଲା ରୁଜୁ ହୋଇଛି।

ଅଭିଯୋଗ ଅନୁସାରେ, ଗତ ୩୦ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ଟି. ଗଣ୍ଡପାଲି ଗ୍ରାମର ବିକ୍ରମ ସେଠ (୩୪) ନିଜର ଦୁଇ ବନ୍ଧୁଙ୍କ ସହ ବିଜେପୁର ଡିଗ୍ରୀ କଲେଜ ସମ୍ମୁଖ ରାସ୍ତାରେ ଯାଉଥିଲେ। ଏହି ସମୟରେ କଲେଜର ମୁଖ୍ୟ ଫାଟକ ଦେଇ ଛାତ୍ରୀନିବାସ ଆଡ଼କୁ ଯାଉଥିବା ଅଧକ୍ଷ ପ୍ରଦୀପ ମିଶ୍ରଙ୍କୁ ରାତିରେ ସେଠାକୁ ଯିବାର କାରଣ ପଚାରିବାରୁ ସେ ଗାଳିଗୁଲଜ ସହିତ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ବିକ୍ରମ ଅଭିଯୋଗ କରିଛନ୍ତି। ଏନେଇ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରିଛି। ଘଟଣାର ପ୍ରକୃତ ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଜଣାଯାଇଛି।

‘ଅର୍ଣ୍ଣବ’ ଉଜାଡ଼ିଲା ଧାନ ଫସଲ



ଅମ୍ବାଭୋନା, ୩୧।୧୦ (ସମିସ): ଅମଳ ସମୟରେ ‘ଅର୍ଣ୍ଣବ’ ଉଜାଡ଼ିଛି ଚାଷୀର ବର୍ଷକର ଆହାର। ଅମ୍ବାଭୋନା ବ୍ଲକର ବିଭିନ୍ନ ଅଞ୍ଚଳରେ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। କେଉଁଠି ପାଚିଲା ଧାନ ଗଛ ପ୍ରବଳ ପବନରେ ଜମିରେ ଶୋଇପଡ଼ିଛି ତ ଆଉ କେଉଁଠି ବର୍ଷା ଯୋଗୁଁ ଜମିରେ ପାଣି ଜମି ରହିଛି। ଏଥିସହ ପନିପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବିଶେଷକରି ଜମିରେ ପଡ଼ିଯାଇଥିବା ପାଚିଲା ଧାନ କାଟିବା ଚାଷୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ଆଗାମୀ ଦିନରେ ପୁଣି ଲଘୁଚାପଜନିତ ବର୍ଷା ହେବାର ଆଶଙ୍କା ଚାଷୀଙ୍କ ଚିନ୍ତାକୁ ଆହୁରି ବଢ଼ାଇଛି। ଚାଷୀଙ୍କ କହିବା ଅନୁଯାୟୀ, ଆଉ କିଛି ଦିନ ପରେ ଅମ୍ବାଭୋନା ଅଞ୍ଚଳରେ ଧାନ ଅମଳ କାର୍ଯ୍ୟ ଜୋରସୋରରେ ଆରମ୍ଭ ହୋଇଥାନ୍ତା। ହେଲେ ଅମଳ ପୂର୍ବରୁ ବାତ୍ୟାର ପ୍ରଭାବ ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି।

ଅନ୍ୟପକ୍ଷରେ, ଗତ ମାସରେ ହୀରାକୁଦ ଜଳଭଣ୍ଡାରର ପଛୁଆ ଜଳ ଯୋଗୁଁ ନଦୀକୂଳିଆ ଅଞ୍ଚଳର ଅନେକ ଚାଷଜମି ଜଳମଗ୍ନ ହୋଇଥିଲା। ଏଥିରେ କ୍ଷତିଗ୍ରସ୍ତ ଚାଷୀମାନେ ଏପର୍ଯ୍ୟନ୍ତ କ୍ଷତିପୂରଣ ପାଇନଥିବା ଅଭିଯୋଗ କରୁଥିବାବେଳେ ପୁଣି ବାତ୍ୟା ‘ଅର୍ଣ୍ଣବ’ର ପ୍ରଭାବ ସେମାନଙ୍କ ଚିନ୍ତା ବଢ଼ାଇ ଦେଇଛି। କ୍ଷତିଗ୍ରସ୍ତ ଅଞ୍ଚଳରେ କୃଷି ଓ ରାଜସ୍ୱ ବିଭାଗର ମିଳିତ ଟିମ୍ ଦ୍ୱାରା ତୁରନ୍ତ କ୍ଷୟକ୍ଷତିର ଆକଳନ କରିବାକୁ ଚାଷୀ ମହଲରୁ ଦାବି ହୋଇଛି। ଏଥିସହ ଯୋଗ୍ୟ ଚାଷୀଙ୍କୁ ଫସଲ ବୀମା ରାଶି, ଇନ୍‌ପୁଟ୍ ସବ୍‌ସିଡି ଓ ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇଦେବା ସହ ଆଗାମୀ ରବି ଚାଷ ପାଇଁ ବିହନ ଓ ଅନ୍ୟାନ୍ୟ ସହାୟତା ଦେବାକୁ ଦାବି ହୋଇଛି।

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’

ବିଜେପୁର, ୩୧।୧୦(ସମିସ): ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଚାରପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଜୟକୃଷ୍ଣ ଡନସେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ବଲ୍ଲଭ ମେହେରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ଶିକ୍ଷାପ୍ରେମୀ ଦେବେନ୍ଦ୍ର ସାହୁ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବାକର ବରିହା ଓ ପୂର୍ଣ୍ଣଚନ୍ଦ୍ର ପଧାନ, ପ୍ରଧାନ ଶିକ୍ଷକ ମନୋଜ ବେହେରା, ସ୍ଥାନୀୟ ପ୍ରଧାନ ଶିକ୍ଷକ ଭାର୍ଗବ ଚନ୍ଦ୍ର ନାଏକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କୃତ ଶିକ୍ଷକ ଚନ୍ଦ୍ରମଣି ସାହୁ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯେଗିତାରେ ସାମିଲ ହେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଉଦଯାପନୀ ସମାରୋହରେ ବିଇଓ ବଲ୍ଲଭ ମେହେରଙ୍କ ପୌରୋହିତ୍ୟରେ ବିଧାୟକ ସନତ କୁମାର ଗଡ଼ତୀୟା ମୁଖ୍ୟ ଅତିଥି ଭାବେ ଯେଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

ଜିଲ୍ଲାସ୍ତରୀୟ ଖୋ-ଖୋ ଚାମ୍ପିଅନ୍‌ସିପ ଉଦ୍‌ଘାଟିତ

ଭଟଲି, ୩୧।୧୦(ସମିସ): ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ ସରକାରୀ ହାଇସ୍କୁଲ ଭଟଲି ପରିସରରେ ଜିଲ୍ଲାସ୍ତରୀୟ ଖୋ ଖୋ ଚାମ୍ପିଅନ୍‌ସିପ୍ ଉଦଘାଟିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇରାଶିଷ ଆଚାର୍ଯ୍ୟ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ବିଡ଼ିଓ ପ୍ରମୋଦ ଚନ୍ଦ୍ର ମେହେର, ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପ୍ରହଲ୍ଲାଦ ପ୍ରଧାନ, ଡିପିଇଓ ଜ୍ୟୋତିଷ ଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସତିହାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନା, ଭଟଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁବୋଧ କୁମାର ସାହୁ, କେଶାଇପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଆକ୍ଷାରାମ ଭୋଇ, ତରାକନା ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ ସାହୁ, ବଡ଼ମାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟ ଖମାରୀ, କନକବିରା ହାଇସ୍କୁଲର ପ୍ରଧାନ ଶିକ୍ଷକ କୃଷ୍ଣ କେଦାର ସାହୁ, ଖରସଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ବୁଧିଆ, ବ୍ଲକ ସମ୍ପାଦକ ମୀନକେତନ ଭୋଇ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବରଗଡ଼ ଜିଲ୍ଲା ବିଦ୍ୟାଳୟ ସମୂହର କ୍ରୀଡ଼ା ସଂଗଠନ ଆନୁକୂଲ୍ୟରେ ଆୟୋଜିତ ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକରୁ ୧୪ ବର୍ଷରୁ ନିମ୍ନ ଛାତ୍ରଛାତ୍ରୀ ଏବଂ ୧୭ ବର୍ଷରୁ ନିମ୍ନ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିବେ। ଶିକ୍ଷୟିତ୍ରୀ ସେବା ବିନିମୟୀ ମୁକ୍ତା ବାରିକ ଓ ଶିକ୍ଷକ ଆନନ୍ଦ ସାହୁ ସଭାକାର୍ଯ୍ୟର ସଂଯୋଜନା କରିଥିଲେ।

■ **ବରଗଡ଼ ରକ୍ତ ଭଣ୍ଡାରରେ ବ୍ୟାପକ ଅବ୍ୟବସ୍ଥା**

ରକ୍ତଦାତାଙ୍କୁ ଦୁର୍ବ୍ୟବହାର, ଥାଲାସେମିଆ ରୋଗୀଙ୍କୁ ରକ୍ତ ମିଳୁନି

ବରଗଡ଼, ୩୧।୧୦(ସମିସ)

ବରଗଡ଼ ରକ୍ତ ଭଣ୍ଡାରରେ ଦିନକୁ ଦିନ ଅବ୍ୟବସ୍ଥା ବଢ଼ୁଥିବା ନେଇ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ରକ୍ତଦାତାଙ୍କ ପ୍ରତି କର୍ମଚାରୀଙ୍କ ଅସୌଜନ୍ୟ ବ୍ୟବହାର, ରୋଗୀଙ୍କୁ ରକ୍ତ ଯୋଗାଣରେ ବିଳମ୍ବ, ଆବଶ୍ୟକୀୟ ପରୀକ୍ଷା ସାମଗ୍ରୀର ଅଭାବ, ଡାକ୍ତରଙ୍କ ଅନୁପସ୍ଥିତି ଓ ରକ୍ତଦାନ ଶିବିର ପରିଚାଳନାରେ ଅନିୟମିତତା ଭଳି ଅନେକ ପ୍ରସଙ୍ଗ ଏବେ ଚର୍ଚ୍ଚାର ବିଷୟ ହୋଇଛି।

ଶନିବାର ଭଟଲି ବ୍ଲକ ନଲିଛୁଆଁ ଗ୍ରାମର ଜଣେ ଯୁବକ ରକ୍ତଦାନ ପାଇଁ ବରଗଡ଼ ରକ୍ତ ଭଣ୍ଡାରକୁ ଆସିଥିଲେ। ରକ୍ତଦାନ ପରେ ସେ ଜଣେ ଅଟୋ ଚାଳକ ହୋଇଥିବାରୁ ହାତରେ ଲାଗିଥିବା ବ୍ୟାଣ୍ଡେଜ୍ ଖୋଲିଯିବା ଓ ରକ୍ତ ବାହାରିବା ଆଶଙ୍କା ଥିବାରୁ ଆଉ ଏକ ବ୍ୟାଣ୍ଡେଜ୍ ମାଗିଥିଲେ। କିନ୍ତୁ କାର୍ଯ୍ୟରତ କର୍ମଚାରୀ ତାଙ୍କୁ ନଦେଇ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ରକ୍ତଦାତା ଜଣକ ସିଡିଏମଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ବରଗଡ଼ ହୀରାପାଲିର ଜଣେ ଥାଲେସିମିଆ ରୋଗୀଙ୍କ ରକ୍ତର ହିମୋଗ୍ଲୋବିନ୍ ପରିମାଣ ମାତ୍ର ୩ ଗ୍ରାମ ଥିବାବେଳେ ପ୍ରତି ୨୦ରୁ ୨୫ ଦିନରେ ତାଙ୍କୁ ଏ ନେଗେଟିଭ୍ ଭଳି ବିରଳ ରକ୍ତର ଆବଶ୍ୟକତା ପଡ଼ିଥାଏ। ପରିବାର ଲୋକେ ବହୁ କଷ୍ଟରେ ଗୁରୁବାର ଜଣେ ରକ୍ତଦାତା ଠିକ୍ କରିବା ପରେ ସେ ରକ୍ତଦାନ କରିଥିଲେ। ମାତ୍ର ରକ୍ତ ଭଣ୍ଡାର ପକ୍ଷରୁ ଆବଶ୍ୟକୀୟ ପରୀକ୍ଷା ହୋଇନଥିବା ଦର୍ଶାଇ ଶନିବାର ସୁଦ୍ଧା ରୋଗୀଙ୍କୁ ରକ୍ତ ଦିଆଯାଇନାହିଁ। ଏନେଇ

ଏଲିସା ଟେଷ୍ଟ କିଟ୍ ଅଭାବ ଆଳ ଦେଖାଇ ବିଳମ୍ବ

ପୂର୍ଣ୍ଣକାଳୀନ ରକ୍ତଭଣ୍ଡାର ଅଧିକାରୀ ନିଯୁକ୍ତି ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି

ପରିବାର ଲୋକେ ସିଡିଏମଓଙ୍କ ନିକଟରେ ଅଭିଯୋଗ କରିବା ପରେ ଏଲିସା ଟେଷ୍ଟ କିଟ୍ ସରିଯାଇଥିବା କାରଣ ଦର୍ଶାଯାଇଛି। ଜଣେ ନିୟମିତ ରକ୍ତ ଆବଶ୍ୟକ କରୁଥିବା ରୋଗୀଙ୍କ କ୍ଷେତ୍ରରେ ଏଭଳି ବିଳମ୍ବ କେତେ ଯୁକ୍ତିଯୁକ୍ତ ଓ କିଛି ଅଘଟଣ ଘଟିଲେ କିଏ ଦାୟୀ ହେବ ତାହା ଏବେ ବଡ଼ ପ୍ରଶ୍ନ।

ବରଗଡ଼ ରକ୍ତ ଭଣ୍ଡାରର ଏଭଳି ସ୍ଥିତି ପଛରେ ଜଣେ ଦକ୍ଷ ଓ ପୂର୍ଣ୍ଣକାଳୀନ ରକ୍ତ ଭଣ୍ଡାର ଅଧିକାରୀଙ୍କ ଅଭାବ ମଧ୍ୟ ଏକ ପ୍ରମୁଖ କାରଣ। ବର୍ତ୍ତମାନ ଦାୟିତ୍ୱରେ ଥିବା ଡାକ୍ତର ଚିତ୍ତରଞ୍ଜନ ପଣ୍ଡାଙ୍କୁ ଏକାଧିକ ଦାୟିତ୍ୱରେ ନିୟୋଜିତ କରାଯାଇଥିବାରୁ ସେ ରକ୍ତ ଭଣ୍ଡାରକୁ ଆବଶ୍ୟକ ସମୟ ଦେଇପାରୁନଥିବା ଜଣାପଡ଼ିଛି।

ବରଗଡ଼ ରକ୍ତ ଭଣ୍ଡାରରୁ ବାର୍ଷିକ ୨୦ ହଜାରରୁ



ଅଧିକ ୟୁନିଟ୍ ରକ୍ତ ସଂଗ୍ରହ ହେଉଥିବା ସୂଚନା ମିଳିଛି। ଏଥିମଧ୍ୟରୁ ପ୍ରାୟ ୧୨ ହଜାର ୟୁନିଟ୍ ରକ୍ତ ରକ୍ତ ଭଣ୍ଡାରରେ ଆସୁଥିବା ରକ୍ତଦାତାଙ୍କଠାରୁ ଏବଂ ୮ ହଜାରରୁ ଅଧିକ ୟୁନିଟ୍ ବିଭିନ୍ନ ରକ୍ତଦାନ ଶିବିରରୁ ସଂଗ୍ରହ ହେଉଛି। ଏତେ ବଡ଼ ପରିମାଣର ରକ୍ତ ସଂଗ୍ରହ ସତ୍ତ୍ୱେ କେଉଁ ଗ୍ରୁପ୍‌ର କେତେ ପରିମାଣର ରକ୍ତ ମହଜୁଦ ରହିଛି, ସେ ସମ୍ପର୍କରେ ସାଧାରଣ ଲୋକଙ୍କ ଅବଗତି ପାଇଁ ନିୟମିତ ସୂଚନା ବୋର୍ଡରେ ତଥ୍ୟ ପ୍ରଦର୍ଶନ କରାଯାଉନଥିବା ଅଭିଯୋଗ ହୋଇଛି।

ରକ୍ତ ଭଣ୍ଡାରରେ କର୍ମଚାରୀଙ୍କ ଠିକ୍ ସମୟରେ ଉପସ୍ଥିତି ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଉଛି। ବରିଷ୍ଠ ଅଧିକାରୀଙ୍କ ନିୟମିତ ପରିଦର୍ଶନ ଓ ତଦାରଖ ଅଭାବ ମଧ୍ୟ ଏହି ସ୍ଥିତିକୁ ଅଧିକ ଜଟିଳ କରୁଛି। ଏଠାରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ୧୦ ଅକ୍ଟୋବରରୁ ବଦଳି କରାଯାଇଥିବା ସତ୍ତ୍ୱେ ସେ କେଉଁ ଆଧାରରେ ଏବେ ବି କରୁଛନ୍ତି, ତାହାକୁ ନେଇ ପ୍ରଶ୍ନ ଉଠିଛି।

ରକ୍ତଦାନ ପରେ ଏଡ୍‌ସ, ହେପାଟାଇଟିସ୍ ଭଳି ଗୁରୁତର ସଂକ୍ରାମକ ରୋଗ ପାଇଁ ରକ୍ତର ଯାଞ୍ଚ ଅତ୍ୟନ୍ତ ସମ୍ବେଦନଶୀଳ ଓ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ। ଏଭଳି ପରୀକ୍ଷା କରୁଥିବା ଜଣେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ପାଖରେ ଆବଶ୍ୟକ ତାଲିମ ଓ ଦକ୍ଷତା ରହିଛି କି ନାହିଁ, ତାହାକୁ ନେଇ ମଧ୍ୟ ଅଭିଯୋଗ ଉଠିଛି। ଏହା ରକ୍ତର ସୁରକ୍ଷା ଓ ରୋଗୀଙ୍କ ଜୀବନ ସହ ଜଡ଼ିତ ଥିବାରୁ ଏହାର ବୈଷୟିକ ଯାଞ୍ଚ ଅତ୍ୟନ୍ତ ଜରୁରୀ।

ତେଣୁ ବରଗଡ଼ ଜିଲ୍ଲାପାଳ, ସିଡିଏମଓ ତଥା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏହି ସମସ୍ତ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଏକ ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ରକ୍ତ ଭଣ୍ଡାରରେ ନିୟମିତ ଯାଞ୍ଚ, କର୍ମଚାରୀଙ୍କ ଉପସ୍ଥାନ ଯାଞ୍ଚ, ତାଲିମପ୍ରାପ୍ତ କର୍ମଚାରୀଙ୍କ ନିଯୁକ୍ତି, ରକ୍ତ ମହଜୁଦ ସୂଚନା ପ୍ରଦର୍ଶନ ଏବଂ ଜଣେ ପୂର୍ଣ୍ଣକାଳୀନ ଦକ୍ଷ ରକ୍ତ ଭଣ୍ଡାର ଅଧିକାରୀଙ୍କ ନିଯୁକ୍ତି ଦିଗରେ ତୁରନ୍ତ ପଦକ୍ଷେପ ନେବା ନିହାତି ଆବଶ୍ୟକ ହୋଇପଡ଼ିଛି।

ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ବରଗଡ଼, ୩୧।୧୦(ସମିସ): ବରଗଡ଼ ସ୍ଥିତ ବିଜୁ ପଟ୍ଟନାୟକ ଟାଉନ୍‌ହଲ୍ ଠାରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହା ବୀର ସୁରେନ୍ଦ୍ର ସାଏ ଛକରୁ ବାହାରି ବିଜୁ ପଟ୍ଟନାୟକ ଟାଉନ ହଲ ଯାଏଁ ଯାଇଥିଲା। ଶୋଭାଯାତ୍ରାରେ ଶତାଧିକ ଛାତ୍ରଛାତ୍ରୀ ଏବଂ ଏସ୍‌ଏଚ୍‌ଜିର (ସ୍ୱୟଂ ସହାୟକ ଗୋଷ୍ଠୀ) ମା’ମାନେ ବିଭିନ୍ନ ସଚେତନତା ମୂଳକ ସ୍ଲୋଗାନ୍ ଦେଇ ଯୋଗଦେଇଥିଲେ।

ଏହାପରେ ସଭାସ୍ଥଳରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଏବଂ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯିବା ସହ ବନ୍ଦେ ମାତରମ୍ ଓ ଉତ୍କଳ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭିଜିଲାନ୍ସ ଏସ୍.ପି. ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଉପସ୍ଥିତ ସମସ୍ତ ମାନ୍ୟଗଣ୍ୟ ଅତିଥି, ଛାତ୍ରଛାତ୍ରୀ ଏବଂ ଦର୍ଶକମାନଙ୍କ ସହିତ ଦୁର୍ନୀତି ବିରୋଧରେ ଲଢ଼େଇ ପାଇଁ ଶପଥ ପାଠ କରିଥିଲେ।

ମୁଖ୍ୟବକ୍ତା ଭାବେ ଗାନ୍ଧୀ ମେମୋରିଆଲ ମହାବିଦ୍ୟାଳୟ, କଳାପାଣି, ବରଗଡ଼ର ଇଂରାଜୀ ବିଭାଗର ଅଧ୍ୟାପିକା ସୁଷମା ଦାସ, ସମ୍ମାନିତ ଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ମୁଖ୍ୟ ଅତିଥି ତଥା ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀ ପ୍ରମୁଖ ଯୋଗଦେଇ ନିଜର ଦୁର୍ନୀତି ବିରୋଧୀ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବିତର୍କ ଓ କୁଇଜ୍ ପ୍ରତିଯୋଗିତାରେ ୨୪ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନତ ପାଢ଼ୀ ଏହି ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ଭିଜିଲାନ୍ସ ଡି.ଏସ୍.ପି. ସୁଷମା ତିର୍କୀ ଧନ୍ୟବାଦ ଅର୍ପଣ କରିଥିଲେ।

ଓଲଟିଲା କେନ୍ଦୁପତ୍ର ବୋଝେଇ ଟ୍ରକ୍

ପାଇକମାଳ, ୩୧।୧୦ (ସମିସ): ପାଇକମାଳ ବ୍ଲକ ଲଉଡମାଲ ନିକଟ ବିଜୁ ଏକ୍ସପ୍ରେସ ୱେରେ ଏକ କେନ୍ଦୁପତ୍ର ବୋଝେଇ ଟ୍ରକ ଓଲଟି ପଡ଼ିଛି। ତେବେ ଟ୍ରକ୍‌ର ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଶୁକ୍ରବାର ରାତି ୧୦ଟାରେ ନୂଆପଡ଼ା ପଟୁ ଉକ୍ତ କେନ୍ଦୁପତ୍ର ବୋଝେଇ ଟ୍ରକ ପାଇକମାଳ ଅଭିମୁଖେ ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ବିଜୁ ଏକ୍ସପ୍ରେସ ୱେର ଏହି ଅଂଶରେ ମାଣ୍ଡୋସିଲରୁ ପାଇକମାଳ ଯାଏଁ ରାସ୍ତାର ଅବସ୍ଥାକୁ ନେଇ ଯାତାୟାତ କରୁଥିବା ଗାଡ଼ି ଚାଳକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାର ତୁରନ୍ତ ମରାମତି ପାଇଁ ଦାବି ହେଉଛି।

ଲାୟନ୍ସ କ୍ଲବ୍ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



ବରଗଡ଼, ୩୧।୧୦(ସମିସ): ଲାୟନ୍ସ କ୍ଲବ୍ ବରଗଡ଼ ପକ୍ଷରୁ ବିଦ୍ୟାସାଗର ଏକାଡେମୀ ପରିସରରେ ମାନବତାରେ ସଦ୍‌ଭାବ ବିଷୟବସ୍ତୁକୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ସମାରୋହରେ ଲାୟନ୍ ଅଭୟ କୁମାର ଭୋଇ, ଲାୟନ୍ ବିନୟ ଲାଠ, ଲାୟନ୍ ଲଳିତ ଅଗ୍ରୱାଲ, ଲାୟନ୍ ମନୋଜ ମହାପାତ୍ର, ଲାୟନ୍ ଅମରଜିତ ସିଂହ ଏବଂ ଲାୟନ୍ ପ୍ରଦୀପ ପାୟଲ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀମାନେ ହେଲେ ପ୍ରଥମ ମିନି ପ୍ରଧାନ (ରୋଟାରୀ ସ୍କୁଲ), ଦ୍ୱିତୀୟ ଜୟଶ୍ରୀ ମହାପାତ୍ର (ବିଦ୍ୟାସାଗର ଏକାଡେମୀ), ତୃତୀୟ ପି. ପୃଥିବୀ (ବିଦ୍ୟାସାଗର ଏକାଡେମୀ)।

ପଞ୍ଚାୟତ ଡିଗ୍ରୀ କଲେଜ

ସୁରକ୍ଷା ପାଇଁ ଏକଜୁଟ ହେଲେ ଛାତ୍ରଛାତ୍ରୀ

ବରଗଡ଼, ୩୧।୧୦(ସମିସ): ପଞ୍ଚାୟତ ଡିଗ୍ରୀ କଲେଜ୍ ନିକଟରେ ନିଜ ସୁରକ୍ଷାକୁ ନେଇ ଏକଜୁଟ ହୋଇଛନ୍ତି କଲେଜ୍‌ର ଛାତ୍ରଛାତ୍ରୀ। କଲେଜ୍ ରାସ୍ତାରେ କିଛି ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଧମକ ଦେବା, ହଇରାଣ କରିବା ଏବଂ ଟଙ୍କା ଆଦାୟ ଭଳି ଅଭିଯୋଗକୁ ନେଇ ସେମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଶେଷକରି କଲେଜ୍‌କୁ ଯିବା ଆସିବା କରୁଥିବା ଛାତ୍ରୀମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀ ମାନେ ବରଗଡ଼ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତ ଡିଗ୍ରୀ କଲେଜ୍ ନିକଟରେ ଏକ ପୁଲିସ୍ ଆଉଟପୋଷ୍ଟ ସ୍ଥାପନ, କଲେଜ୍ ରାସ୍ତାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି କ୍ୟାମେରା ସ୍ଥାପନ, କଲେଜ୍ ଚାଲିବା ସମୟରେ ପୁଲିସ୍ ପାଟ୍ରୋଲିଂ ବ୍ୟବସ୍ଥା ପ୍ରମୁଖ ଦାବି ରହିଛି।

ପାଇକମାଳ ଥାନାରେ ଆମ ପୁଲିସ ସମିତି ବୈଠକ

ପାଇକମାଳ, ୩୧।୧୦(ସମିସ): ପାଇକମାଳ ଥାନା ପରିସରରେ ଆମ ପୁଲିସ ସମିତି କାର୍ଯ୍ୟକ୍ରମ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଞ୍ଚଳର ଆଇନଶୃଙ୍ଖଳା, ଜନସାଧାରଣଙ୍କ ସୁରକ୍ଷା ଓ ସାମାଜିକ ସଚେତନତା ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ପାଇକମାଳ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ବିଭିନ୍ନ ବର୍ଗର ବ୍ୟକ୍ତି ଯୋଗଦେଇଥିଲେ। ଶେଷରେ ଏଏସଆଇ ଶଶିକାନ୍ତ ବାରିକ ଧନ୍ୟବାଦ ଦେଇଥିଲେ। ରାଷ୍ଟ୍ରୀୟ ଏକତା ଦିବସ ମଧ୍ୟ ପାଳନ କରାଯାଇଥିଲା।

ଘେଁସ ଆଞ୍ଚଳିକ ବାରିକ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ

ବାରିକ ଭବନ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କାର ସହାୟତା ଘୋଷଣା

ମେଲଛାମୁଣ୍ଡା, ୩୧।୧୦ (ସମିସ): ବରଗଡ଼ ଜିଲ୍ଲା ଘେଁସ ଆଞ୍ଚଳିକ ବାରିକ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ ଓ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଆଞ୍ଚଳିକ ବାରିକ ସମାଜର ସଭାପତି ପ୍ୟାରିଲାଲ ବାରିକ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ପରମାନନ୍ଦ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଲୋକେଶ୍ୱର ସିଂ ବରିହା, ଜିଲ୍ଲା ସଭାପତି ରୋହିତ ବାରିକ ଓ ରାଜ୍ୟ ଉପସଭାପତି ହୀରାଲାଲ ବେହେରା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

ଏହି ଅବସରରେ ପଶ୍ଚିମ ଓଡ଼ିଶା ବାରିକ ମହାସଂଘର ବୃନ୍ଦାବନ ବାରିକ, ଜିଲ୍ଲା ସମ୍ପାଦକ ଘନଶ୍ୟାମ ବାରିକ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ବାରିକ, ଜିଲ୍ଲା ସହସମ୍ପାଦକ ଚିତ୍ତରଞ୍ଜନ ବାରିକ, ବିଜେପୁର ବାରିକ ସମାଜର ସଭାପତି ଜିତ ବାରିକ, ଭଟଲି ବ୍ଲକ ସଭାପତି ପୁରୁଷୋତ୍ତମ ପଶାୟତ, ସମ୍ପାଦକ ଦ୍ରୋଣ ପଶାୟତ, ବିନୋଦ ବାରିକ, ପଙ୍କଜ ପଶାୟତ ତଥା ଜିଲ୍ଲା ଉପଦେଷ୍ଟା ଲାଭ ବାରିକ, ସୁରେଶ ବାରିକ, ରାଜେଶ ବାରିକ ଓ ତୁଳାରାମ ବାରିକଙ୍କ ସମେତ ସମାଜର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥବଲା। ବିଧାୟକ ଇରାଶିଷ ଆଚାର୍ଯ୍ୟ ଘେଁସଠାରେ ବାରିକ ଭବନ ନିର୍ମାଣ ପାଇଁ ପ୍ରାରମ୍ଭିକ ଭାବେ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ।

ତାଲଶ୍ରୀଗିଡ଼ାରେ ରକ୍ତଦାନ ଶିବିର

ବରଗଡ଼, ୩୧।୧୦(ସମିସ): ବରଗଡ଼ ବ୍ଲକ ଅନ୍ତର୍ଗତ ତାଲଶ୍ରୀଗିଡା ଗ୍ରାମରେ ଜୀବନ ସଂଯୋଗ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଯୁବ ସରପଞ୍ଚ ରିକନ ସାହୁ ଓ ସମିତିସଭ୍ୟ ରାଧେଶ୍ୟାମ ମହାପାତ୍ର ବରେଣ୍ୟ ଅତିଥି ଭାବରେ ଯୋଗ ଦେଇ ଶିବିରର ଶୁଭାରମ୍ଭ କରିଥିଲେ। ସାତ ଯୋଡା ଦମ୍ପତିଙ୍କ ସମେତ ସର୍ବମୋଟ ୭୪ ୟୁନିଟ ରକ୍ତ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଶିବିର ଆୟୋଜନ ପାଇଁ ଜୀବନ ସଂଯୋଗ ପରିବାରକୁ ନିଷ୍ଠା ପରିବାର ତରଫରୁ ଏକ ସ୍ମୃତି ଫଳକ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

କର୍କଟ ରୋଗ ଚିହ୍ନଟ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବରଗଡ଼, ୩୧।୧୦(ସମିସ): ବରଗଡ଼ଠାରେ ଫାଇଟର୍ସ ଗ୍ରୁପ ସହଯୋଗରେ ଶାନ୍ତି ଚାରିଟେବଲ୍ ଟ୍ରଷ୍ଟ ଓ ଭୁବନେଶ୍ୱରସ୍ଥିତ ଉତ୍କଳ ହସ୍ପିଟାଲ ପକ୍ଷରୁ ଏକ ମାଗଣା କର୍କଟ ରୋଗ ଚିହ୍ନଟ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ସଭାରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଉତ୍କଳ ହସ୍ପିଟାଲର ନିର୍ଦ୍ଦେଶକ ଅରୁଣ ମହାନ୍ତି ସଭାପତିତ୍ୱ କରିଥିଲେ।

ମୁଖ୍ୟ ଅତିଥି ଜିଲ୍ଲାପାଳ ଆଦିତ୍ୟ ଗୋୟଲ ନିଜ ଅଭିଭାଷଣରେ କହିଥିଲେ ଯେ, ରାଜ୍ୟର ଅନ୍ୟ ଜିଲ୍ଲା ତୁଳନାରେ ବରଗଡ଼ ଜିଲ୍ଲାରେ ବିଭିନ୍ନ କାରଣରୁ କର୍କଟ ରୋଗୀଙ୍କ ସଂଖ୍ୟା ଅଧିକ ରହିଛି। ତେଣୁ ଫାଇଟର୍ସ ଗ୍ରୁପ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ। ଏଥିସହ ବରଗଡ଼ସ୍ଥିତ କର୍କଟ ହସ୍ପିଟାଲକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ପ୍ରଶାସନ ପକ୍ଷରୁ ସରକାରଙ୍କ ସହ ଆଲୋଚନା ଜାରି ରହିଛି ବୋଲି କହିଥିଲେ। ଫାଇଟର୍ସ ଗ୍ରୁପର ସାଧାରଣ ସମ୍ପାଦିକା ଅସୀମା ବିଶୋଇ କର୍କଟ ରୋଗୀ ଓ ଡାକ୍ତରଙ୍କ ମଧ୍ୟରେ ଏକ ସୁଦୃଢ଼ ଓ ବିଶ୍ୱାସଭିତ୍ତିକ ସମ୍ପର୍କ ଗଢ଼ିତୋଳିବା ଉପରେ ଗୁରୁତ୍ୱ ଦେଇଥିଲେ। ମୋଟ ୧୧୦ ଜଣ ରୋଗୀଙ୍କ ମଧ୍ୟରୁ ୨୧ ଜଣଙ୍କୁ କ୍ୟାନ୍‌ସର ପୀଡ଼ିତ ରୂପେ ଚିହ୍ନଟ କରାଯାଇଛି।

ଶିବିରରେ ବିଶେଷଜ୍ଞ ଡାକ୍ତର ଭାବେ ଡା. ଦିଲୀପ କର (କର୍କଟ ରୋଗ ବିଶେଷଜ୍ଞ), ଡା. ପବିତ୍ର ମିଶ୍ର (ମୂତ୍ରରୋଗ ବିଶେଷଜ୍ଞ), ଡା. ବିନୟ ବିନାକର (ହୃଦ୍‌ରୋଗ ବିଶେଷଜ୍ଞ), ଡା. ପ୍ରଦୀପ ସାହୁ (ଅସ୍ଥିଶଲ୍ୟ ବିଶେଷଜ୍ଞ), ଡା. ସୌମ୍ୟରଞ୍ଜନ ପୃଷ୍ଟି ଓ ଡା. ସ୍ମୃତିରଞ୍ଜନ ନାୟକ (ମେଡିସିନ୍ ବିଶେଷଜ୍ଞ) ଯୋଗ ଦେଇ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରର ପରିଚାଳନା ଫାଇଟର୍ସ ଗ୍ରୁପ ଟ୍ରଷ୍ଟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦର୍ଜୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଗ୍ରୁପର ସଦସ୍ୟା ପ୍ରତିଭା ବାରିକ ସମଗ୍ର କାର୍ଯ୍ୟକ୍ରମର ସଞ୍ଚାଳନ ଓ ସମନ୍ୱୟ ଦାୟିତ୍ୱ ତୁଲାଇଥିଲେ।

ବିଭିନ୍ନ ସ୍ଥାନରେ ଜାତୀୟ ଏକତା ଦିବସ

ବରଗଡ଼ ଟାଉନ୍ ଥାନା

ବରଗଡ଼, ୩୧।୧୦(ସମିସ): ବରଗଡ଼ ଟାଉନ ଥାନା ପକ୍ଷରୁ ଏକତା ଦିବସ ପାଳିତ ହୋଇଯାଇଛି। ଏନେଇ ଏକ ପଦଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ବରଗଡ଼ ଟାଉନ ଥାନାର ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ଟାଉନ ଥାନା ପରିସରରୁ ଏହି ପଦଯାତ୍ରା ଆରମ୍ଭ ହୋଇ ଗାନ୍ଧୀ ଛକ ଦେଇ ଭଟଲି ଛକରେ ପହଞ୍ଚିଥିଲା। ପରେ ସେଠାରୁ ପୁନର୍ବାର ଟାଉନ ଥାନାକୁ ଫେରିବା ପରେ ପଦଯାତ୍ରାର ସମାପନ ହୋଇଥିଲା।



ଚିନିମହୁଲ ଓଏଭି

ଜମନକିରା, ୩୧।୧୦(ସମିସ): ଜମନକିରା ବ୍ଲକ ଅନ୍ତର୍ଗତ ଚିନିମହୁଲ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ‘ଜାତୀୟ ଏକତା ଦିବସ’ ପାଳିତ ହୋଇଯାଇଛି। ଏନେଇ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜମନକିରା ଥାନା ଅଧିକାରୀ ରଞ୍ଜନ ନାଗ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ତଥା ପୋଲିସ କର୍ମଚାରୀମାନେ ଏକତ୍ରିତ ହୋଇ ଦେଶର ଏକତା ଓ ସଂହତି ବଜାୟ ରଖିବା ନିମନ୍ତେ ସମୂହ ଶପଥ ଗ୍ରହଣ କରିଥିଲେ।

ଝାରବନ୍ଧ ଓ ଜଗଦଳପୁର ଥାନା

ଝାରବନ୍ଧ: ଝାରବନ୍ଧ ଓ ଜଗଦଳପୁର ଥାନା ପକ୍ଷରୁ ଏକତା ଦିବସ ଅବସରରେ ବିଦ୍ୟାଳୟସ୍ତରରେ ସଚେତନତା କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ, ଏକତା ଦୌଡ଼ ଏବଂ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଜଗଦଳପୁର ଥାନା ଅଧିକାରୀ ଦୀପ୍ତିରଞ୍ଜନ ଦିଗାଲଙ୍କ ତତ୍ତ୍ୱାବଧାନରେ କୁର୍ମା ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍‌ଆଇ ମଧୁସ୍ମିତା ମିଞ୍ଜ, ଏଏସ୍‌ଆଇ ଶାନ୍ତନୁ କୁମାର ନାୟକ, ଗୌଡ଼ମାଳ ସିଆରସିସି ପୁରନ୍ଦର କୁମ୍ଭାର ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଝାରବନ୍ଧ ଥାନା ଅଧିକାରୀ ସଞ୍ଜୟ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ବଳିଡିପାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଜାତୀୟ ଏକତା ଦିବସ ପାଳନ କରାଯାଇଥିଲା। ଏଠାରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଏସ୍‌ଆଇ ବିନାୟକ ସାହୁ, ଗୟାରାମ ଷାଣ୍ଡ, ଇଜାକ ମହମ୍ମଦ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ଏହା ସହ ଉଭୟ ଥାନା ପକ୍ଷରୁ ଏକତା ଦୌଡ଼ ଆୟୋଜନ କରାଯାଇଥିଲା।

ଦଧିବାମନ ମହାବିଦ୍ୟାଳୟ

ଭଟଲି: ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ସରୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏକାଧାରାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମବାର୍ଷିକୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ଶ୍ରୀମତି ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମଞ୍ଚାସୀନ ପ୍ରାଧ୍ୟାପକ ଡକ୍ଟର ବିରଞ୍ଚି ନାରାୟଣ ସାହୁ, ଅଧ୍ୟାପକ ଡକ୍ଟର ରବିନାରାୟଣ ପଣ୍ଡା, ଅଧ୍ୟାପକ ଆଶିଷ ମହାନ୍ତି ଓ ଅଧ୍ୟାପିକା ରାଜଶ୍ରୀ ନାଥ ଏକତା ଦିବସ ଅବସରରେ ନିଜର ବକ୍ତବ୍ୟ ପ୍ରକାଶ କରିଥିଲେ। ଅଧ୍ୟାପକ ବିରାଟ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପିକା ପ୍ରତିମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଆମପାଣିରେ ବୁଢ଼ାରଜାଙ୍କ ପ୍ରସିଦ୍ଧ ଦଶରା

ଭକ୍ତଙ୍କୁ ଦର୍ଶନ ଦେଲେ କଳାହାଣ୍ଡିର ଆରାଧ୍ୟ ଦେବତା

କୋକସରା, ୩୧।୧୦(ସମିସ)



ବାର୍ଷିକ ଯାତ୍ରା ମାଧ୍ୟମରେ ଭକ୍ତଜନଙ୍କୁ ଦର୍ଶନ ଦେଇଛନ୍ତି କଳାହାଣ୍ଡିର ଆରାଧ ଦେବତା ପ୍ରଭୁ ବୁଢ଼ାରଜା। ପାରମ୍ପରିକ ଲାଖବିନ୍ଧା ଓ ଲାଠିଯାତ୍ରାରେ ସାମିଲ ହେଲେ ଲକ୍ଷାଧିକ ଶ୍ରଦ୍ଧାଳୁ। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣିର ବୁଢାରଜାଙ୍କ ପ୍ରସିଦ୍ଧ ବାର୍ଷିକ ଦଶରା ଯାତ୍ରା ଶନିବାର ପାଳିତ ହୋଇଛି। ଏହି ଯାତ୍ରାରେ ଜିଲ୍ଲା, ରାଜ୍ୟ ତଥା ପଡ଼ୋଶୀ ଛତିଶଗଡ଼ରୁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ଲାଠିଯାତ୍ରା ହୋଇଥିବାବେଳେ ସନ୍ଧ୍ୟାରେ ବୁଢ଼ାରଜା ମଞ୍ଚରେ ପାରମ୍ପାରିକ ଘୁମୁରା ଓ ନାଟକ ପ୍ରତିଯୋଗିତା ସହ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବ ବିଧିଅନୁସାରେ ଶନିବାର ମଧ୍ୟାହ୍ନରେ ଏକ ବିରାଟ ଲାଠିଯାତ୍ରା ପୁଜକଙ୍କ ଘରୁ ଶୋଭାଯାତ୍ରାରେ ବାହାରି ବୁଢାରଜାଙ୍କ ମୁଖ୍ୟ ପୀଠକୁ ପହଞ୍ଚିଥିଲା। ଲାଠି ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମରୁ ଦେବାଦେବୀଙ୍କ ଲାଠି, କାଳିଶୀଙ୍କ ଗହଣରେ ନିଶାନ ଦଳ, ଘଣ୍ଟଦଳ ଭଳି ବିଭିନ୍ନ ଲୋକନୃତ୍ୟ ନିଜ ନିଜର ବାଦ୍ୟ ବଜାଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଶେଷ କରି ନାଗରା ଓ ଘଣ୍ଟ ବାଦ୍ୟର ତାଳେ ତାଳେ ଦେବାଦେବୀ ମାନେ ଝୁମିଝୁମି ନାଚି ଯାଉଥିବା ଦୃଶ୍ୟ ଭକ୍ତ ଓ ଦର୍ଶକଙ୍କୁ ପୁଲକିତ କରିଥିଲା। ପୁଜକଙ୍କ ଘର ନିକଟରୁ ମନ୍ଦିର ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ଜନ ସମାଗମ ଦେଖିବାକୁ ମିଳିଥିଲା। ଏହି ସମୟ ମଧ୍ୟରେ ସ୍ଥାନୀୟ ପୁରୁଣା ପୁଲିସ ଥାନା ନିକଟରେ ବାଲି ଗଜା ଅର୍ପଣ କରାଯାଇଥିଲା। ମନ୍ଦିରକୁ ଲାଠି ପହଞ୍ଚିବା ପରେ ସ୍ୱାଗତ କରି ପାଛୋଟି ନିଆଯାଇଥିଲା। ଏହାପରେ ମନ୍ଦିରରେ ପୁଜାପାଠ ଆରମ୍ଭ ହୋଇଥିଲା। ମନ୍ଦିର ପଶ୍ଚର୍ରେ ଥିବା ଜେନାବୁଢା ପୀଠରେ ବଳି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ହଜାର ହଜାର ଭକ୍ତ ଓ ଦର୍ଶକ ବୁଢାରଜାଙ୍କ ନିକଟରେ ପୂଜା କରିବା ସହ ଶହ ଶହ ସଂଖ୍ୟାରେ ପଶୁ, ପକ୍ଷୀଙ୍କୁ ରକ୍ତ ଭୋଗରେ ବଳି ଅର୍ପଣ କରାଯାଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁ ବୁଢ଼ାରଜାଙ୍କ ନିକଟରେ ନିଜର ମନସ୍କାମନା ଜଣାଇବା ସହ ସୁଖରେ ରଖିଥା ବୋଲି କାମନା କରି ଗୁହାରି କରିଥିଲେ। ରକ୍ତ ଭୋଗ ଅର୍ପଣ ଫଳରେ ବଳି ସ୍ଥଳ ରକ୍ତ ରଞ୍ଜିତ ହୋଇଥିବା ଦେଖିବାକୁ ମିଳିଥିଲା। ସଂଧ୍ୟାରେ ବୁଢାରଜା ମଞ୍ଚରେ ସଂସ୍କୃତି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲ୍ଲା ତଥା ରାଜ୍ୟ ବାହାରୁ ସାଂସ୍କୃତିକ ଦଳ ଗୁଡ଼ିକ ଯୋଗଦେଇ ନିଜର ନୃତ୍ୟ ପରିବେଷଣ କରି ହଜାର ହଜାର ଭକ୍ତ ଓ ଦର୍ଶକୁ ବିମୋହିତ କରିଥିଲେ। ହଜାର ହଜାର ଦର୍ଶକ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ହଜେଇ ବାଦ୍ୟ, ଗୀତ ଓ ନୃତ୍ୟର ତାଳେ ତାଳେ ନାଚି ଉଠିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସମାପନ ହେବା ପରେ ବିଳମ୍ବିତ ରାତିରେ ଘୁମୁରା ଓ ନାଟକ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଆମପାଣି ବୁଢାରଜା ଦଶରା ଯାତ୍ରା ବହୁଳ ଭାବେ ଜନ ଗହଳି ରହିଥିବାରୁ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରି ଆମପାଣିର ସବୁ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରିଥିଲେ।

ମଇଁଷି ଚାଲାଣ ଅଭିଯୋଗରେ ୩ ଗିରଫ

ନୂଆପଡ଼ା, ୩୧।୧୦ (ସମିସ): ବେଆଇନ ଭାବେ ମଇଁଷି ଚାଲାଣ ହେଉଥିବାବେଳେ ସିନାପାଲି ପୁଲିସ ୪ ଟି ମଇଁଷି ଉଦ୍ଧାର କରିଛି। ଏହାସହ ବ୍ୟବହୃତ ପିକଅପ୍ ଜବତ କରିଥିବାବେଳେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନାର ବିକ୍ରମଗୁଡ଼ା ଗ୍ରାମର ଉମାକାନ୍ତ ବଣିଆ (୪୦), ଗୋଲାମୁଣ୍ଡା ଥାନା ଅଧୀନ ଦେକୋଟ ଗ୍ରାମର ପୁଅ ଶମ୍ଭୁ ବନ୍ଦିଛୋର (୨୪) ବାପା ତହସିଲ ବନ୍ଦିଛୋର (୬୦) ବୋଲି ଜଣାପଡ଼ିଛି। ଶୁକ୍ରବାର ରାତିରେ ସିନାପାଲି ଦେଇ କଳାହାଣ୍ଡି ଦେଇ ଯାଉଥିବା ବିଜୁ ଏକ୍ସପ୍ରେସ ରେ ବେଆଇନ ଭାବେ ମଇଷି ଚାଲାଣ ହେଉଥିବା ସିନାପାଲି ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ସିନାପାଲି ଥାନାଧିକାରୀ ଧର୍ମେନ୍ଦ୍ର ଭୁଏଁଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ଚଢ଼ଉ କରି ୪ଟି ମଇଁଷିଙ୍କୁ ଉଦ୍ଧାର କରି ଗାଡିକୁ ଜବତ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉଦ୍ଧାର ମଇଁଷିଙ୍କୁ ପୁଲିସ ଖଡିଆଳ ରୋଡ୍ ଗୋଶାଳାରେ ଜିମା ଦେଇଛି। ଏନେଇ ସିନାପାଲି ଥାନାରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଶ୍ରୀ ଭୁଏ ସୂଚନା ଦେଇଛନ୍ତି।

ମଡେଲ ଡିଗ୍ରୀ କଲେଜରେ ଜାତୀୟସ୍ତରୀୟ ଆର୍ଥିକ ସଚେତନତା



ଖଡ଼ିଆଳ, ୩୧।୧୦(ସମିସ): ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ବୃଦ୍ଧି ଓ ସଚେତନ ନିବେଶ ସମ୍ପର୍କରେ ଜ୍ଞାନ ପ୍ରଦାନ ଲକ୍ଷ୍ୟରେ ମଡେଲ ଡିଗ୍ରୀ କଲେଜ, ନୂଆପଡ଼ା, ଖଡ଼ିଆଳ ପକ୍ଷରୁ ଏକ ଜାତୀୟସ୍ତରୀୟ ୱେବିନାର ଆୟୋଜିତ ହୋଇଥିଲା। କଲେଜର କ୍ୟାରିୟର କାଉନସେଲିଂ ଓ ପ୍ଲେସମେଣ୍ଟ ସେଲ ଆନୁକୂଲ୍ୟରେ ଏବଂ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ ସହଯୋଗରେ ଶନିବାର 'ଆର୍ଥିକ ସାକ୍ଷରତା, ନିବେଶ ସଚେତନତା ଓ ନିବେଶକ ଶିକ୍ଷା' ଶୀର୍ଷକ ଏହି ୱେବିନାର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ଡ. ଶିବ କୁମାର ଏହାର ସଂଯୋଜନା କରିଥିଲେ। ବିଷୟ ବିଶେଷଜ୍ଞ ରୁଚିତା ବେଦାନ୍ତ ଚାନ୍ଦକ ଆର୍ଥିକ ସାକ୍ଷରତା ଓ ନିବେଶ ସଚେତନତା ଉପରେ ଆଲୋକପାତ କରିଥିଲେ। ସେ ସଞ୍ଚୟର ଗୁରୁତ୍ୱ, ବିଭିନ୍ନ ନିବେଶ ସୁଯୋଗ, ଦାୟିତ୍ୱପୂର୍ଣ୍ଣ ଆର୍ଥିକ ନିଷ୍ପତ୍ତି ଏବଂ ନିବେଶକଙ୍କ ସୁରକ୍ଷା ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି ଅବସରରେ ଡ. ପ୍ରହ୍ଲାଦ ମାଝୀ ଓ ଡ. ଉତ୍ତମ କୁମାର ମଣ୍ଡଳ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କୁ ଆର୍ଥିକ କାରବାର ସମ୍ପର୍କରେ ଜ୍ଞାନବାନ କରିବା ସହ ଭବିଷ୍ୟତରେ ସଠିକ୍ ଓ ସଚେତନ ନିବେଶ ନିଷ୍ପତ୍ତି ନେବାକୁ ସକ୍ଷମ କରିବା ଏହି ୱେବିନାରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବକ୍ତବ୍ୟ ରଖିଥିଲେ।

ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଭବାନୀପାଟଣା, ୩୧।୧୦(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ରଖାଯାଇଛି। ବୟସ ଆନୁମାନିକ ୫୦ ବର୍ଷ ହେବ ବୋଲି ଜଣାପଡ଼ିଛି। ତାଙ୍କୁ ମୃତ ଅବସ୍ଥାରେ ଡାକ୍ତରଖାନାକୁ ଅଣାଯାଇଥିଲା। ବର୍ତ୍ତମାନ ସୁଦ୍ଧା ମୃତ ବ୍ୟକ୍ତିଙ୍କର କୌଣସି ପରିଚୟ ମିଳିପାରି ନାହିଁ। ଉକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ କୌଣସି ସୂଚନା କିମ୍ବା ସନ୍ଧାନ ମିଳିଲେ ତୁରନ୍ତ ଭବାନୀପାଟଣା ଟାଉନ ଥାନା ପୋଲିସ କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

ଜଙ୍ଗଲରୁ ଶହ ଶହ ଆଧାର କାର୍ଡ ଜବତ



କୋମନା, ୩୧।୧୦(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ ଡାଲୁମୁଣ୍ଡା ନିକଟରୁ ଶହଶହ ସଂଖ୍ୟାରେ ଆଧାରକାର୍ଡ ପଡ଼ିରହିଥିବା ଦେଖିବାକୁ ମିଳିଛି। ଏହି ଆଧାର କାର୍ଡଗୁଡ଼ିକ ଟିକ୍ରାପଡ଼ା, ମହୁଲଭଟା ଓ ଆଖପାଖ ଗ୍ରାମର ଲୋକଙ୍କର ବୋଲି ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଏଠାରେ ପଡ଼ିଥିବା ଆଧାର କାର୍ଡଗୁଡ଼ିକ ମଧ୍ୟରୁ କିଛି ଖୋଲା ଥିବାବେଳେ ଆଉ କିଛି ସିଲ୍ ହୋଇ ରହିଛି। ଘଟଣା ସମ୍ପର୍କରେ ଖବରପାଇ ସ୍ଥାନୀୟ କିଛି ଯୁବକ ଘଟଣାସ୍ଥଳରେ ପହଞ୍ଚି ଏଗୁଡ଼ିକୁ ଜବତ କରିବା ସହ କୋମନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର ସାମଲ (ବିଡିଓ)ଙ୍କ ନିକଟରେ ଦାଖଲ କରିଛନ୍ତି। ତେବେ ଏତେ ପରିମାଣର ପରିଚୟପତ୍ର ଏପରି ଭାବରେ ରାସ୍ତାକଡ଼ରେ ବା ଅରକ୍ଷିତ ଅବସ୍ଥାରେ ପଡ଼ିରହିବା ପଛରେ ବଡ଼ଧରଣର ଦୁର୍ନୀତି ବା ଅବହେଳା ଥାଇପାରେ ବୋଲି ସ୍ଥାନୀୟ ଅଞ୍ଚଳରେ ଆଶଙ୍କା ପ୍ରକାଶ ପାଇଛି। ଏହି ପ୍ରସଙ୍ଗରେ କୋମନା ବିଡିଓ ସୂଚନା ଦେଇ କହିଛନ୍ତି ଯେ, ଜବତ ହୋଇଥିବା ମୋଟ ଆଧାର କାର୍ଡଗୁଡ଼ିକର ସଂଖ୍ୟା ୧୯୭ ଜଣଙ୍କର ରହିଛି। ଏଭଳି ସମ୍ବେଦନଶୀଳ ଡାଟା ଓ କାର୍ଡଗୁଡ଼ିକ କିପରି ଏଠାରେ ପହଞ୍ଚିଲା ଏବଂ ଏହାର ପ୍ରକୃତ ଦାୟୀ କିଏ, ସେନେଇ ପ୍ରଶାସନ ପକ୍ଷରୁ ତଦନ୍ତ କରାଯିବ ବୋଲି କହିଛନ୍ତି।

ବାତ୍ୟା ଅର୍ଣ୍ଣବରେ ଭାଙ୍ଗିଲା ସୋଲାର ପ୍ୟାନେଲ



ଲାଞ୍ଜିଗଡ଼, ୩୧।୧୦(ସମିସ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ବୁଧବାର ଲାଞ୍ଜିଗଡ଼ ବ୍ଲକ ଅଧୀନ ପାଣିମୁଣ୍ଡା ଗ୍ରାମରେ ପ୍ରବଳ ଝଡ଼-ତୋଫାନ ଯୋଗୁଁ ଗ୍ରାମର ପ୍ରମୋଦ କୁମାର ପରିଡ଼ାଙ୍କ ଘର ଛାତଉପରେ ସ୍ଥାପିତ 'ପିଏମ୍ ସୂର୍ଯ୍ୟଘର ମୁଫତ ବିଜୁଳି ଯୋଜନା'ର ସୋଲାର ପ୍ୟାନେଲଗୁଡ଼ିକ ପ୍ରବଳ ବାତାସରେ ଉପୁଡ଼ି ପ୍ରାୟ ୩୦ ଫୁଟ ଦୂରକୁ ଉଡ଼ିଯାଇ ରାସ୍ତା ଉପରେ ପଡ଼ିଛି। ଫଳରେ ସମସ୍ତ ପ୍ୟାନେଲ ଓ ଫ୍ରେମ୍ ଭାଙ୍ଗି ଚୁରମାର ହୋଇଯାଇଛି। ସୂଚନା ଅନୁସାରେ, ଶ୍ରୀ ପରିଡ଼ା ୨୦୨୫ ମାର୍ଚ୍ଚ ମାସରେ ଉକ୍ତ ଯୋଜନାରେ ଆବେଦନ କରି ନିଜ ଘରେ ସୋଲାର ବିଦ୍ୟୁତ୍ ସଂଯୋଗ କରାଇଥିଲେ। କିନ୍ତୁ ବାତ୍ୟା ଅର୍ଣ୍ଣବରେ ପ୍ରାକୃତିକ ବିପର୍ଯ୍ୟୟରେ ତାଙ୍କର ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ଏନେଇ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗର ସହାୟତା

ଗାଁକୁ ଫେରିବା ବାଟରେ ଚାଲିଗଲା ଦାଦନ ଶ୍ରମିକଙ୍କ ଜୀବନ

ନୂଆପଡ଼ା, ୩୧।୧୦ (ସମିସ): ଅନେକ ଆଶା ନେଇ ପୁଅଝିଅର ପାଠପଢା ଖର୍ଚ୍ଚ ସାଙ୍ଗକୁ ପରିବାର ପ୍ରତିପୋଷଣ ଚିନ୍ତାରେ ଘରୁ ପାଦ କାଢି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ହେଲେ ଭାଗ୍ୟର ବିଡ଼ମ୍ବନା। ଘରକୁ ଫେରିବାବେଳେ ହଠାତ ମୃତ୍ୟୁ ଘଟିଥିଲା। ଏଭଳି ଏକ ଅଭାବନୀୟ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଜୟବାହାଲ ଗ୍ରାମର ଶନି ସଗଡ଼ିଆ ନିର୍ମାଣ ଶ୍ରମିକ ଭାବରେ ତିରୁପତିଠାରେ କାମ କରୁଥିଲେ। କିଛିମାସ କାମ କରିବାପରେ ଘରକୁ ଫେରୁଥିବା ସମୟରେ ୨୭ ତାରିଖ ଦିନ ସନ୍ଧ୍ୟାରେ ଆନ୍ଧ୍ରପ୍ରଦେଶର ଏଲୋର ରେଳଷ୍ଟେସନ ଠାରେ ଆକସ୍ମିକ ମୃତ୍ୟୁ ଘଟିଥିଲା। ସେଠାକାର ପୁଲିସ ମୃତକ ଶନି ଶଗଡ଼ିଆଙ୍କ ଘରକୁ ଫୋନ ମାଧ୍ୟମରେ ଶନିଙ୍କ ମୃତ୍ୟୁ ହୋଇଯାଇଥିବା ସୂଚନା ପ୍ରଦାନ କରିବାପରେ ତାଙ୍କ ସ୍ତ୍ରୀ ରସଗୋଲା ସଗଡ଼ିଆ ଓ ପରିବାରର ଅନ୍ୟ ଦୁଇଜଣ ସହଯୋଗୀ ୨୮ ତାରିଖ ଦିନ ସନ୍ଧ୍ୟାରେ ସେଠାରେ ପହଞ୍ଚିଥିଲେ। ଶ୍ରମିକଙ୍କ



ମୃତ୍ୟୁ ଖବରପାଇ ରାଜ୍ୟ ଶ୍ରମ କମିଶନର, ଭାରତୀୟ ମଜଦୂର ସଂଘ ରାଜ୍ୟ ନେତୃ ମଣ୍ଡଳୀ, ଜିଲ୍ଲା ପ୍ରଶାସନ, ଜିଲ୍ଲା ଶ୍ରମ ବିଭାଗ, ଜିଲ୍ଲା ବିଏମଏସ ନିରୀହ ଶ୍ରମିକଙ୍କ ଶବକୁ ଜୟବାହଲ ଗ୍ରାମକୁ ଆଣିବାରେ ସହଯୋଗ କରିଥିଲେ। ଶନିବାର ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆ, ବୋଡେନ ବିଡିଓ ଚିନ୍ମୟ ସାଗର, ସ୍ଥାନୀୟ ସରପଞ୍ଚ ଠାକୁର ବାଗ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ଶାନ୍ତ୍ୱନା ଦେଇଥିଲେ। ମୃତକ ଶନି ସଗଡ଼ିଆଙ୍କ ସ୍ତ୍ରୀଙ୍କୁ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଧରୁଆ ୩୦ ହଜାର ଟଙ୍କାର ସହାୟତା ରାଶି ଚେକ୍ ମାଧ୍ୟମ ରେ ପ୍ରଦାନ କରିଥିଲେ। ଏହାସହ ଆଗାମୀ ଦିନରେ ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ମାଣ ଶ୍ରମିକ ଆର୍ଥିକ ସହାୟତା ପାଣ୍ଠିରୁ ତିନି ଲକ୍ଷ ଟଙ୍କା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଛନ୍ତି। ମୃତକ ଶନି ଶଗଡ଼ିଆଙ୍କ ପରିବାରରେ ସ୍ତ୍ରୀ ସମେତ ଯୁକ୍ତ ୨ ପାସ୍ କରିଥିବା ପୁଅ, ଦଶମ ଶ୍ରେଣୀ ପାସ ଓ ସପ୍ତମ ଶ୍ରେଣୀରେ ପଢୁଥିବା ଝିଅ ରହିଛନ୍ତି। ମୃତ୍ୟୁପରେ ପରିବାର ଅସହାୟ ହୋଇ ପଡ଼ିଥିବାବେଳେ ପୁଅ ଝିଅଙ୍କ ଉଚ୍ଚଶିକ୍ଷା ଆଶା ମଉଳି ଯାଇଛି।

ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ କ୍ଷୟକ୍ଷତି ସମୀକ୍ଷା କଲେ ଜିଲ୍ଲାପାଳ

ନୂଆପଡ଼ା, ୩୧।୧୦ (ସମିସ): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ କ୍ଷୟକ୍ଷତିର ଆକଳନ ଓ ସହାୟତା ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ବାସ୍ତବ କ୍ଷୟକ୍ଷତିର ଆକଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଘରଦ୍ୱାର ଓ ଫସଲ କ୍ଷୟକ୍ଷତିର ଆକଳନ କରିବା ସହ ରାସ୍ତାଘାଟ, ସରକାରୀ କୋଠାବାଡ଼ି, ଜନସାଧାରଣଙ୍କ ବ୍ୟବହାର୍ଯ୍ୟ ଭିତ୍ତିଭୂମି, ପଶୁସମ୍ପଦ ଆଦିର କ୍ଷୟକ୍ଷତି ଆକଳନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ କୁହାଯାଇଥିଲା। ବୈଠକରେ କୃଷି, ମତ୍ସ୍ୟ ଓ ଉଦ୍ୟାନ କୃଷି ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ନିଜନିଜ ବିଭାଗପକ୍ଷରୁ ପ୍ରାଥମିକ କ୍ଷୟକ୍ଷତି ଆକଳନ କରାଯାଇଥିବା ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ବର୍ଷା ଯୋଗୁଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ନେଇ ପ୍ରାଥମିକ ସୂଚନା ମିଳିଥିବା ବୈଠକରେ ଜଣାପଡ଼ିଥିଲା। ଜିଲ୍ଲାପାଳ ଏସ୍‌ଡିଆର୍‌ଏଫ୍/ଏନ୍‌ଡିଆର୍‌ଏଫ୍ ନିୟମାବଳୀ ଅନୁଯାୟୀ କ୍ଷୟକ୍ଷତିର ସଠିକ୍ ଓ ନିରପେକ୍ଷ ଆକଳନ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ସମସ୍ତ ଅଧିକାରୀଙ୍କୁ କହିଥିଲେ। ଯେପରି କ୍ଷତିଗ୍ରସ୍ତ ଚାଷୀ ଓ ଅନ୍ୟାନ୍ୟ ପ୍ରଭାବିତ ବ୍ୟକ୍ତିମାନେ ଯଥାଶୀଘ୍ର ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ଓ ସହାୟତା ପାଇପାରିବେ, ସେଥିପାଇଁ ଆକଳନ ଓ ରିପୋର୍ଟ ଦାଖଲ ପ୍ରକ୍ରିୟାରେ ଦ୍ରୁତ ପଦକ୍ଷେପ ନେବାକୁ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁବାସ ଚନ୍ଦ୍ର ରଇତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଗଣେଶ୍ୱର କହଁର, ଡେପୁଟି ଜିଲ୍ଲାପାଳ (ଜରୁରୀକାଳୀନ) ଏସ୍.କେ. ନସିମ୍, ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଏବଂ ବିଭିନ୍ନ ବିଭାଗର ଅନ୍ୟାନ୍ୟ ଅଧିକାରୀ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା ଉପରେ ସଚେତନତା ଶିବିର

କେସିଙ୍ଗା, ୩୧।୧୦ (ସମିସ): ଜାତୀୟ ଆଇନ ସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ଦେଶବ୍ୟାପକ ଚାଲିଥିବା ସୁରକ୍ଷିତ ବଚପନ୍ ଅଭିଯାନ ଅବସରରେ କେସିଙ୍ଗା ବ୍ଲକ ଚାଞ୍ଚେର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଯୌନ ଅପରାଧରୁ ଶିଶୁ ମାନଙ୍କର ସୁରକ୍ଷା ଅଧିନିୟମ ସଂକ୍ରାନ୍ତୀୟ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ତାଲୁକ ଆଇନ ସେବା ସମିତି କେସିଙ୍ଗାର ଅଧ୍ୟକ୍ଷା ତଥା ବିଚାରପତି ଦୀପ୍ତା ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉପରୋକ୍ତ ବିଷୟ ଉପରେ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଆଶିଷ କୁମାର ବେହେରା, କେସିଙ୍ଗା ଆଦର୍ଶ ଥାନାର ଉପ ଆରକ୍ଷୀ ଅଧିକାରୀ ରେଣୁକା ଖେସ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସମ୍ପତ ଛୁରା, ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୀତେନ୍ଦ୍ର କୁମାର ପ୍ରଧାନ, ସୋମନାଥ ମଙ୍ଗରାଜ, ପାରାଲିଗାଲ ସ୍ୱେଚ୍ଛାସେବୀ ନବୀନ କରୁଆଁ, ସୁଧାନା ତାଣ୍ଡିଙ୍କ ସମେତ ବିଦ୍ୟାଳୟର ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଅଦାଲତ କର୍ମଚାରୀମାନେ ଉପସ୍ଥିତ ଥିଲେ।

ନର୍ଲା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ଭବାନୀପାଟଣା/ନର୍ଲା, ୩୧।୧୦(ସମିସ): ନର୍ଲା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଆୟୋଜିତ ହୋଇଯାଇଛି। ଏହି ଅବସରରେ ବ୍ଲକର ୧୭ଟି କ୍ଲଷ୍ଟରରୁ ପ୍ରଥମ ହୋଇ ଆସିଥିବା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସଙ୍ଗୀତ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ ଚିତ୍ରକଳା ଓ ଶିଳ୍ପକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିସହ ଶିଶୁ ଶ୍ରମମୁକ୍ତ ଗ୍ରାମପଞ୍ଚାୟତ ସଚେତନତା ଅଭିଯାନ ଅଧୀନ ବ୍ଲକସ୍ତରୀୟ ନିବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିପିନ ବିହାରୀ ଦୀପ, ମୁଖ୍ୟବକ୍ତା ଭାବେ କଳାହାଣ୍ଡି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତପିମଣି ଜାନୀ, ବିଶିଷ୍ଟ ଅତିଥି ଭାବେ ସାଂସଦ ପ୍ରତିନିଧି ଅନିରୁଦ୍ଧ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସହକାରୀ



ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଗୋବର୍ଦ୍ଧନ ମାଝୀ, ସେକ୍ସନ ଅଫିସର ଟଙ୍କଧର ସାହୁ ପ୍ରମୁଖ ମଞ୍ଚାସୀନ ରହି କୃତୀ ଶିକ୍ଷାର୍ଥୀମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଅନୀଲ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷକ ଅର୍ଜୁନ ବାଗ, ଶିଶିର କୁମାର ବେହେରା, ଚକ୍ରଧର ସା ଓ ସୁଧୀର କୁମାର ଧଙ୍ଗଡ଼ାମାଝୀ ସମୀକ୍ଷା କରିଥିଲେ। ପରିଚାଳନାରେ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଶିକ୍ଷାର୍ଥୀମାନେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ ଅଂଶଗ୍ରହଣ କରିବେ।

ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ମେଣ୍ଟରିଂ ଶିବିର ଉଦ୍‌ଘାଟିତ

କେସିଙ୍ଗା, ୩୧।୧୦(ସମିସ): ୨୦୨୭ ବାର୍ଷିକ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷାରେ ଦଶମ ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀଙ୍କ ଉତ୍କର୍ଷ ପ୍ରଦର୍ଶନ ଲକ୍ଷ୍ୟରେ ମିଶନ୍ 'ପ୍ରକାଶ ୩.୦' ଅଧୀନରେ ଏକ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ମେଣ୍ଟରିଂ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲାର ଚାରୋଟି ବ୍ଲକରୁ ଚୟନିତ ୧୨୨ ଜଣ ଏ-୧ ଗ୍ରେଡ୍ ହାସଲକାରୀ ମେଧାବୀ ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ ଓ ରିସୋର୍ସ ଶିକ୍ଷକମାନେ ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିଲେ। ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, କେସିଙ୍ଗାର ବିଶିଷ୍ଟ ଡାକ୍ତର ତଥା ସମାଜସେବୀ ଡାକ୍ତର ହେମସାଗର ସାହା, କେସିଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ଚନ୍ଦନ ସେନାପତି ଏବଂ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଞ୍ଜୟ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ଚାରିଦିନିଆ ଏହି ଆବାସିକ ଶିବିରର ପ୍ରଥମ ଦିନରେ ଛାତ୍ରଛାତ୍ରୀଙ୍କ ଶିକ୍ଷଣସ୍ତର ଓ ବିଷୟଭିତ୍ତିକ ଦକ୍ଷତା ଆକଳନ ପାଇଁ ବେସ୍‌ଲାଇନ୍ ଟେଷ୍ଟ ଅନୁଷ୍ଠିତ ହୋଇଥିଲା। ସମୀର କୁମାର ବେହେରା, ପରମାନନ୍ଦ ଛୁଆଳସିଂହ ଓ ଛନ୍ଦାଚରଣ ସାହୁଙ୍କ ଦ୍ୱାରା ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଭିନବ ଚିନ୍ତାଧାରା ଓ ପରିକଳ୍ପନାରୁ ଏହି ଅନନ୍ୟ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ମେଧାବୀ ଛାତ୍ରଛାତ୍ରୀଙ୍କୁ ସୁଚିନ୍ତିତ ମାର୍ଗଦର୍ଶନ, ଅନୁଭବୀ ଶିକ୍ଷକଙ୍କ ସହଯୋଗ ଓ ଅନୁକୂଳ ଶିକ୍ଷଣ ପରିବେଶ ପ୍ରଦାନ କରି ଆଗାମୀ ବୋର୍ଡ ପରୀକ୍ଷାରେ ସେମାନଙ୍କ ସର୍ବୋତ୍ତମ ସଫଳତା ସୁନିଶ୍ଚିତ କରିବା ଏହି ମିଶନର ମୁଖ୍ୟ ଉଦ୍ଦେଶ୍ୟ। ଏଭଳି ଅଭିନବ ପଦକ୍ଷେପ କଳାହାଣ୍ଡି ଜିଲ୍ଲାର ଶିକ୍ଷାକ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିବା ସହ ମେଧାବୀ ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ଓ ପରୀକ୍ଷା ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା ପ୍ରକାଶ ପାଇଛି।

ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ



କୋମନା, ୩୧।୧୦ (ସମିସ): ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଚିହ୍ନଟୀକରଣ ଓ ସହାୟକ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କୋମନା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଧାକାନ୍ତ ତାଣ୍ଡି ସଭାପତିତ୍ୱ କରିଥିଲେ। ଉକ୍ତ ଶିବିରରେ ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ କରିଥିଲେ। ବିଶେଷଜ୍ଞ ଅନନ୍ୟା ଓଝା ଓ ପପୁ ଶାହା ସହାୟକ ଉପକରଣ ପାଇଁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କରି ଚିହ୍ନଟ କରିଥିଲେ। ଉକ୍ତ ଶିବିରରେ ୨୧୨ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ। ୫୩ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକୀୟ ହୁଇଲ ଚେୟାର, କମୋଡ ସହ ସିପି ଚେୟାର, ରୋଲେଟର, ତିନି ଚକିଆ ସାଇକେଲ, ସ୍ମାର୍ଟ କେନ, କ୍ରଚେସ ଓ ଦୃଷ୍ଟି ବାଧିତ ତଥା ବୌଦ୍ଧିକ ଅସମର୍ଥତା ଛାତ୍ରଛାତ୍ରୀଙ୍କୁ ଶିକ୍ଷଣ ବ୍ୟାଗ୍ ବଣ୍ଟନ କରାଯାଇଥିଲା। ଉକ୍ତ ଶିବିରକୁ ଓମ୍ ପ୍ରଣବ ନାୟକ ଓ ସୋମେଶ ତ୍ରିପାଠୀ ସଂଯୋଜନା କରିଥିବାବେଳେ ସମସ୍ତ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ନୂଆପଡ଼ା, ୩୧।୧୦(ସମିସ)



ନୂଆପଡ଼ା ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ଶାଖାର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଓ ଏକତା ପଦଯାତ୍ରା ଆୟୋଜିତ ହୋଇଥିଲା। ପରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ ମୁଖ୍ୟ ଅତିଥି ଏବଂ ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ବେହେରା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜିତ କୁମାର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଦୁର୍ନୀତିନିବାରଣ ବିଭାଗର ଉପ-ଆରକ୍ଷୀ ଅଧୀକ୍ଷକ ଦୀନବନ୍ଧୁ ବେହେରା, ଏସ୍‌ଡିପିଓ କ୍ଷୀରେଶ୍ୱର ସାହୁ, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପ୍ରଶାନ୍ତ ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଡ଼େଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ଏବଂ ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ସୁନୀଲ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ଅଧିକାରୀ ଓ ଅତିଥିମାନେ ସାଧୁତାର ଶପଥ ଗ୍ରହଣ କରିବା ସହ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଏକତାର ଶପଥ ମଧ୍ୟ ନେଇଥିଲେ। ସଚେତନତା ସପ୍ତାହ ଉପଲକ୍ଷେ ଆୟୋଜିତ ସ୍ଲୋଗାନ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ସକାଳ
THE SAKALA
www.sakalaepaper.com

ସାକ୍ଷାତକାର

"ଚିତ୍ର ହିଁ ମୋତେ ଅଭିନୟ ଜଗତକୁ ଟାଣି ଆଣିଛି"

ଡା. ଚିନ୍ତାମଣି ବିଶ୍ୱାଳ, ଅଭିନେତା

ଜଣେ ବହୁମୁଖୀ ପ୍ରତିଭା ସମ୍ପନ୍ନ ଅଭିନେତା ହେଲେ ଡା.ଚିନ୍ତାମଣି ବିଶ୍ୱାଳ । ଚିତ୍ରଶିଳ୍ପୀ ଓ ଅଭିନୟ କ୍ଷେତ୍ରରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । 'କୁଆଁରୀ କନ୍ୟା, 'ବନ୍ଧନ ଏ ଜନ୍ମ ଜନ୍ମର' ଆଦି ଅନେକ ଧାରାବାହିକରେ ହୃଦୟସ୍ପର୍ଶୀ ଅଭିନୟ କରିଛନ୍ତି । ସେଭଳି 'ଏ ମନ ମାନେନା', 'ମୁନ୍ନା', 'ହାତ ଧରି ଚାଲୁଥା', 'ଶମ୍ଭୁ', 'ବାଳୀ', 'ଲାଗେ ପ୍ରେମ ନଜର' ଆଦି ଚଳଚ୍ଚିତ୍ରରେ ଚମତ୍କାର ଅଭିନୟ କରି ଦର୍ଶକୀୟ ପ୍ରଶଂସା ସାଉଁଟିଛନ୍ତି । ଏବେ 'ତୁ ମୋ କେଦାର ମୁଁ ତୋ ଗୌରୀ' ଧାରାବାହିକରେ ଅଭିନୟ କରୁଛନ୍ତି । ଅନେକ ଧାରାବାହିକ ଓ ସିନେମାରେ ନିଜ ଅଭିନୟର ଯାଦୁ ଦେଖାଇଥିବା ଚିନ୍ତାମଣିଙ୍କ ସହିତ ଆମର ଏହି ସ୍ୱତନ୍ତ୍ର ଆଲୋଚନା ।



ଆପଣ ଚିତ୍ରଶିଳ୍ପୀ ଓ ଅଭିନେତା ଭାବେ ପରିଚିତ । ଏ ଦୁଇଟି ମଧ୍ୟରୁ କେଉଁ ପରିଚୟରୁ ଆତ୍ମସନ୍ତୋଷ ଅଧିକ ମିଳେ?

● ଆତ୍ମସନ୍ତୋଷ ଉଭୟ ଚିତ୍ର ଓ ଅଭିନୟରେ ମିଳେ । ଅଭିନୟରେ ଟିକେ ଅଧିକ ମିଳେ । କାରଣ ଚିତ୍ର ନିର୍ଦ୍ଦିଷ୍ଟ କିଛି ବ୍ୟକ୍ତିବିଶେଷଙ୍କ ପାଖରେ ମୋତେ ପରିଚିତ କରିଛି । ଚିତ୍ରକୁ ଭଲପାଉଥିବା ଏବଂ ଚିତ୍ରକରଙ୍କୁ ଖୋଜୁଥିବା ମଣିଷ ପାଖରେ ପହଞ୍ଚାଇ ପାରିଛି । ହେଲେ ଅଭିନୟ ଦ୍ୱାରା ସାଧାରଣ ମଣିଷ ପାଖରେ ମୁଁ ପହଞ୍ଚିପାରିଛି ଏବଂ ପରିଚୟ ପାଇଛି । ସେହିପରି ମୋର ଅଭିନୟ ଚିତ୍ରରୁ ଅନୁପ୍ରାଣିତ ଓ ଚିତ୍ର ମଧ୍ୟ ଅଭିନୟଠାରୁ ଅନୁପ୍ରାଣିତ । ଏକଥା ଏଥିପାଇଁ କହୁଛି ଚିତ୍ରରେ ହେଉ କି ଅଭିନୟରେ ରଙ୍ଗବିନ୍ୟାସ ବଡ଼ କଥା ଏବଂ ଏହାର ମୂଳତତ୍ତ୍ୱ ହେଉଛି ଭାବ । ଭାବକୁ ପରିପ୍ରକାଶ କରିବାର ଅନ୍ୟ ନାଁ କଳା । ତେଣୁ ଭିଜୁଆଲ୍ ଆର୍ଟ ଏବଂ ଫର୍ମିଙ୍ଗ ଆର୍ଟରେ ମୁଁ କିଛି ଫରକ୍ ଅନୁଭବ କରେନି ।

ଚିତ୍ରକଳା ଓ ଅଭିନୟ ମଧ୍ୟରୁ ଗୋଟିଏକୁ ବାଛିବାକୁ ହେଲେ କାହାକୁ ବାଛିବେ?

● ଚିତ୍ରକୁ ବାଛିବି । କାରଣ ଚିତ୍ର ହିଁ ମୋର ସର୍ବସ୍ୱ । ଚିତ୍ର ବିହୁନେ ବଞ୍ଚିବା କଷ୍ଟ । ଚିତ୍ର ହିଁ ମୋତେ ଅଭିନୟ ଜଗତକୁ ଟାଣି ଆଣିଛି । ଚିତ୍ର ହିଁ ମୋର ମାଆ ।

କମେଡି ଓ ଖଳ ଚରିତ୍ର ମଧ୍ୟରୁ କେଉଁ ଚରିତ୍ରକୁ ଗୁରୁତ୍ୱ ଦେବେ?

● ଖଳ ଚରିତ୍ରରେ ଅଭିନୟ କରିବାକୁ ପସନ୍ଦ କରିବି । କମେଡି ଚରିତ୍ରରେ ଅଭିନୟ କରିବା ସବୁଠୁ କଷ୍ଟ । ଖଳ ଚରିତ୍ର ସହଜ ଲାଗେ ମୋତେ । ଦାଢ଼ି, ସିନ୍ଦୁର ନାଇଥିବା ଲୋକଟା ଯେ ଖଳ ସେମିତି ଭାବିବା ଭୁଲ । ଖଳ ଚରିତ୍ର ସମାଜରେ ଲୁଚି ଲୁଚି ବଞ୍ଚେ ଏବଂ ଲୁଚି ଲୁଚି ଭଲ ଲୋକଙ୍କୁ ପ୍ରତି ମୁହୂର୍ତ୍ତରେ ହଇରାଣ କରେ । ସେହିଭଳି କିଛି ଚରିତ୍ରକୁ ସଚେତନ କରିବାକୁ ମୁଁ ଖଳ ଚରିତ୍ରରେ ଅଭିନୟ କରିବାକୁ ଭଲପାଏ ।

ପୂର୍ବ ତୁଳନାରେ ବର୍ତ୍ତମାନ ଧାରାବାହିକରେ କ'ଣ ପରିବର୍ତ୍ତନ ଲକ୍ଷ୍ୟ କରୁଛନ୍ତି?

● ନୂଆପଣ ବହୁତ ଆସିଛି । ଭିଜିଏମ୍, ପରିପାଟୀ, କମ୍ପୋଜିସନ, ଅଭିନୟରେ ଆସିଛି । କିନ୍ତୁ ଏହାରି ଭିତରେ ମୌଳିକତା କୋଉଠି ନା କୋଉଠି ହରାଉଛି । ପରମ୍ପରା, ସଂସ୍କୃତି, ଚାଲିଚଳଣି କୋଉଠି ନା କୋଉଠି ପଥଭ୍ରଷ୍ଟ ହେଉଥିବା ମୁଁ ଦୃଢ଼ତାର ସହ କହିବି । ଆଉ ଗୋଟିଏ କଥା ହେଉଛି ଅନେକ ଲୋକଙ୍କୁ ଧାରାବାହିକ ଏକପ୍ରକାର ସଚେତନ ବି କରୁଛି ।

ସିନେମା ଓ ଧାରାବାହିକ ମଧ୍ୟରୁ କାହାକୁ ପ୍ରାଥମିକତା ଦେବେ?

● କାହାଣୀ ଓ ଚରିତ୍ର ଭଲ ଥିଲେ ସିନେମାକୁ ପ୍ରଥମେ ବାଛିବି ।

ଅଭିନୟ ପାଇଁ ଉଚିତ ପାରିଶ୍ରମିକ ମିଳୁଛି କି?

● ନିଶ୍ଚିତ । ଅଭିନୟ ପାଇଁ ଭଲ ପାରିଶ୍ରମିକ ମିଳୁଛି ।

ଆଗାମୀ ଯୋଜନା କ'ଣ?

● କଳାକୁ ନେଇ 'କଳ୍ପତରୁ ଆର୍ଟ ଆଣ୍ଡ କ୍ରାଫ୍ଟ' ନାମକ ଅନୁଷ୍ଠାନ ଗଢ଼ିଛୁ । ସେହି ଅନୁଷ୍ଠାନରେ ଅନେକ ବର୍ଗର ପିଲାମାନେ କଳା ଶିକ୍ଷା ପ୍ରାପ୍ତ କରୁଛନ୍ତି । କିଛି ପିଲା ମାଗଣାରେ ଚିତ୍ରକଳା, ମୂର୍ତ୍ତିକଳା ଶିଖୁଛନ୍ତି । ଭବିଷ୍ୟତରେ ଆର୍ଥିକ ସ୍ୱଚ୍ଛଳ ମନେ କଲେ କଳାଶ୍ରମ ପ୍ରତିଷ୍ଠା କରି ଅଭାବବୋଧ ମନେ କରୁଥିବା କଳାକାରଙ୍କୁ ଏକତ୍ରିତ କରି ସେମାନଙ୍କ ସେବା ଶୁଶ୍ରୂଷା କରିବା ଲକ୍ଷ୍ୟ ଅଛି । ତା'ସହ ନୂଆପିଢ଼ିଙ୍କୁ ନୂତନ କଳାର ଶୈଳୀ ଏବଂ ନୂତନ କଳାର ବାଣିଜ୍ୟିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଉଭୟ ପତି ପତ୍ନୀ ଶପଥ ନେଇଛୁ ।■



ଆଜି 'ଜୀ ସାର୍ଥକ ସଂସାର ଆୱାର୍ଡ'

ଭାରତର ଗଣପର୍ବ ଦୀପାବଳିକୁ ଆହୁରି ମନୋରଞ୍ଜକ କରିବା ପାଇଁ 'ଜୀ ସାର୍ଥକ' ପରିବାରର ବଡ଼ ଉତ୍ସବ ପ୍ରସ୍ତୁତ କରିଛି । ଆଜି ସନ୍ଧ୍ୟା ୬ଟା ୩୦ରେ 'ଜୀ ସାର୍ଥକ ସଂସାର ଆୱାର୍ଡ-୨୦୨୬' ଜୀ ସାର୍ଥକରେ ଏହା ପ୍ରସାରିତ ହେବ । ଏହି ଉତ୍ସବରେ ସାର୍ଥକ ସଂସାରର ସମସ୍ତ ମେଗା ଧାରାବାହିକ ଓ ଅନ୍ୟାନ୍ୟ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମର ପ୍ରିୟ କଳାକାରମାନେ ଯୋଗ ଦେଇ ନିଜର ଚିତ୍ତାକର୍ଷକ ପ୍ରଦର୍ଶନ କରିବେ । ଏହି ଆୱାର୍ଡ ଶୋ'କୁ ଆହୁରି ଝଲସାଇବା ପାଇଁ ଓଲିଉଡ୍‌ର ନାମୀଦାମୀ କଳାକାରମାନଙ୍କର ଉପସ୍ଥିତି ମଧ୍ୟ ଦେଖିବାକୁ ମିଳିବ । ଅର୍ଜିତା, ସ୍ୱରାଜ, ସୁପ୍ରିୟା ଓ ଶୈଳେନ୍ଦ୍ରଙ୍କ ଭଳି ତାରକା ଏଥିରେ ସାମିଲ ହେବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଲିଉଡ୍‌ର ଲୋକପ୍ରିୟ ତାରକା ଏଲିନା ସାମନ୍ତରାୟ ଓ ସବ୍ୟସାଚୀ ମିଶ୍ର ଯୋଗ ଦେବେ ।■

୬ ବର୍ଷର ପ୍ରିୟାଂଶୀଙ୍କ କଣ୍ଠରେ 'ଆ...ନିଦ ମାଉସୀ'



୨ ବର୍ଷ ବୟସରେ ତୃପ୍ତି ଦାସ 'ଅଦିନ ମେଘ' ଚଳଚ୍ଚିତ୍ରରେ ଗାଇଥିଲେ 'ବୋଉଲୋ କି'କହିବି ନୂଆ ଭାଉଜଙ୍କ କଥା' ଗୀତ । ସେହିପରି ୧୩ ବର୍ଷ ବୟସରେ ଅନନ୍ୟା ନନ୍ଦ ଚଳଚ୍ଚିତ୍ର 'ଅଗସ୍ତ୍ୟା' ଓ 'ବେବି' ଚଳଚ୍ଚିତ୍ର ପାଇଁ ଗୀତ ଗାଇଥିଲେ । ପରେ ପରେ ଭୂମିକା ଦାସ ମଧ୍ୟ ସେହି ବୟସରେ ଚଳଚ୍ଚିତ୍ରର ସଂଗୀତ ଜଗତରେ ପାଦ ଦେଇଥିଲେ । କିନ୍ତୁ ଏବେ ସମସ୍ତଙ୍କୁ ବିସ୍ମିତ କରି ମାତ୍ର ଛଅ ବର୍ଷର କୁନି ଝିଅ ପ୍ରିୟାଂଶୀ ମିଶ୍ର 'ମୋ ଭାଇ ଜଗନ୍ନାଥ ଚଳଚ୍ଚିତ୍ର'ରେ 'ଆ... ନିଦ ମାଉସୀ' ଗୀତ ଗାଇଛନ୍ତି । ଏହା ମଧ୍ୟରେ ମନ୍ମଥ ମିଶ୍ରଙ୍କ ଷ୍ଟୁଡିଓରେ ଗୀତଟିର ରେକର୍ଡିଂ ସରିଛି । ଯେଉଁଥିରେ ଶ୍ରୀଚରଣ ମହାନ୍ତି, ଶଶାଙ୍କ ଶେଖର, ମାନସୀ ପାତ୍ର, ରାମକୃଷ୍ଣ, ସତ୍ୟଜିତ୍, ଇପସିତା ଓ ମନ୍ମଥ ମିଶ୍ରଙ୍କ ସହ ଗୀତ ଗାଇଛନ୍ତି ପ୍ରିୟାଂଶୀ । ଏହାର ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିପିନ୍ ବାରିକ୍ ଓ ପ୍ରିତମ ମିଶ୍ର । ହରିଆଣାରେ ରହୁଥିବା ପୁରା ମାଟିର ଝିଅ ହେଉଛନ୍ତି ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ୟାମାପ୍ରସାଦ ମିଶ୍ରଙ୍କ ସୃଷ୍ଟି । ସେ ହେଉଛନ୍ତି ଗୀତିକାର ଡକ୍ଟର ବଦ୍ରି ମିଶ୍ରଙ୍କ ନାତୁଣୀ ତଥା ସଂଗୀତ ନିର୍ଦ୍ଦେଶକ ପ୍ରିତମଙ୍କ ଝିଅ । ପ୍ରିୟାଂଶୀଙ୍କ ସ୍ୱର ଓଡ଼ିଆ ଶ୍ରୋତା ଦର୍ଶକଙ୍କୁ ମୁଗ୍ଧ କରିବ ବୋଲି ଆଶା କରାଯାଉଛି ।■

୧୫ ହଜାର ଟଙ୍କାରେ ତିଆରି ପ୍ରଥମ 'ରାମାୟଣ' ଫିଲ୍ମ

ପରଜା ପଛର କାହାଣୀ





ବଲିଉଡ୍ ଅଭିନେତା ରଣବୀର କପୁର୍ ଅଭିନୀତ ଫିଲ୍ମ 'ରାମାୟଣ'କୁ ନେଇ ସବୁଠି ଚର୍ଚ୍ଚା । ଏହି ବିଗ୍ ବଜେଟ୍‌ର ଫିଲ୍ମ ୪୦୦୦ କୋଟି ଟଙ୍କା ବ୍ୟୟରେ ତିଆରି ହୋଇଛି । ତେବେ ହିନ୍ଦୀ ସିନେମା ଇତିହାସରେ ପ୍ରଥମ 'ରାମାୟଣ' ଆଧାରିତ ଫିଲ୍ମ ଥିଲା 'ଲଙ୍କା ଦହନ' । ଏହା ୧୯୧୭ ମସିହାରେ ମୁକ୍ତିଲାଭ କରିଥିଲା । ଏହି ଫିଲ୍ମ ଭାରତୀୟ ସିନେମାର ଜନକ ଦାଦା ସାହେବ ଫାଲ୍‌କେଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିଲା । ୧୦୯ ବର୍ଷ ପୂର୍ବରୁ ମୁକ୍ତିଲାଭ କରିଥିବା ଏହି ପୌରାଣିକ ଫିଲ୍ମ ୧୫୦୦୦ ଟଙ୍କା ବଜେଟ୍‌ରେ ନିର୍ମିତ ହୋଇଥିଲା । ଏହି ଫିଲ୍ମରେ ପ୍ରଥମ କରି 'ରାମାୟଣ' ପୌରାଣିକ କାହାଣୀକୁ ପରଦାରେ ଚିତ୍ରଣ କରାଯାଇଥିଲା । ଏହା ଶବ୍ଦ ବିହୀନ ଏକ ଫିଲ୍ମ ଥିଲା । ବିନା ସଂଳାପରେ ନିର୍ମିତ ଏହି ଫିଲ୍ମରେ 'ରାମାୟଣ'ର ସମ୍ପୂର୍ଣ୍ଣ କାହାଣୀ ପ୍ରଦର୍ଶିତ ଯାଇଥିଲା । କମ୍ ଟଙ୍କାରେ ଏହି ଆଇକନିକ୍ ଫିଲ୍ମ ନିର୍ମାଣ ହୋଇଥିଲା । ଆଶ୍ଚର୍ଯ୍ୟଜନକ କଥା ହେଉଛି ସେହି ସମୟରେ, 'ଲଙ୍କା ଦହନ' ବେଶ୍ ବ୍ୟବସାୟିକ ସଫଳତା ପାଇଥିଲା । ରିପୋର୍ଟ ଅନୁଯାୟୀ ଏହା ୩୫,୦୦୦ ଟଙ୍କାରୁ ଅଧିକ ଆୟ କରିଥିଲା । ଏହି ଫିଲ୍ମ ରାମାୟଣ ଆଧାରିତ ପ୍ରଥମ ସଫଳ ଚଳଚ୍ଚିତ୍ର ଥିଲା । 'ଲଙ୍କା ଦହନ' ଫିଲ୍ମକୁ ନେଇ ଅନେକ କାହାଣୀ ଚଳଚ୍ଚିତ୍ର ଜଗତରେ ପ୍ରଚଳିତ । ଏଥିରେ ଆନ୍ନା ସାଲୁଙ୍କେ ଭଗବାନ ରାମ ଏବଂ ମାତା ସୀତା ଭୂମିକାରେ ଅଭିନୟ କରିଥିଲେ । ତାଙ୍କର ଏହି କୃତିତ୍ୱ ଏବେ ବି ବଲିଉଡ୍ ଇତିହାସରେ ସ୍ମରଣୀୟ ହୋଇରହିଛି ।■

'ଇଠା'ର ଟ୍ରେଲର ରିଲିଜ୍

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁରଙ୍କ ଆଗାମୀ ସିନେମା 'ଇଠା'ର ଟ୍ରେଲର ଇତିମଧ୍ୟରେ ରିଲିଜ୍ ହୋଇଯାଇଛି । ତା'ସହ ଏହାର ଟ୍ରେଲରକୁ ଦର୍ଶକେ ପସନ୍ଦ ମଧ୍ୟ କରିଛନ୍ତି । ଫିଲ୍ମରେ ଶ୍ରଦ୍ଧା ସମ୍ପୂର୍ଣ୍ଣ ଅଲଗା ଓ ଦମଦାର ଅବତାରରେ ନଜର ଆସିବେ । ସିନେମାଟି ମହାରାଷ୍ଟ୍ରର ପ୍ରସିଦ୍ଧ ଲାବଣୀ ସାମ୍ରାଜ୍ଞୀ ବିଠାବାଇ ନାରାୟଣଗାଓ଼ରଙ୍କ ଜୀବନ ଉପରେ ଆଧାରିତ । ଏଥିରେ ଶ୍ରଦ୍ଧା ବିଠାବାଇ ଭୂମିକାରେ ଅଭିନୟ କରିବେ । ସେହିପରି ଏଥିରେ ରଣଦୀପ ହୁଡ୍ଡା ଏବଂ ମହମ୍ମଦ ଜୀଶାନ ଅୟୁବ ବି ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ସିନେମାର ଟ୍ରେଲରରେ ଲୋକକଳା, ସଂଘର୍ଷ ଏବଂ ଜଣେ କଳାକାର ଜୀବନର ଅନେକ ରଙ୍ଗ ଦେଖିବାକୁ ମିଳିଛି । ୩ ମିନିଟ୍ ୨ ସେକେଣ୍ଡର ଏହି ଟ୍ରେଲରର ଆରମ୍ଭ ଏକ ଦମଦାର ସଂଳାପରୁ ହୋଇଛି । ଏହାପରେ ବିଠାବାଇଙ୍କ ଜୀବନର ସଂଘର୍ଷ ଦେଖିବାକୁ ମିଳିଛି । ସିନେମାର ନିର୍ଦ୍ଦେଶନା ଲକ୍ଷ୍ମଣ ଉତେକର ଦେଇଛନ୍ତି । ସିନେମାର କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି କ୍ଷାତିଜ ପଟବର୍ଦ୍ଧନ । ଅନ୍ୟପଟେ ସିନେମାଟି ଡିସମ୍ବର ୪ରେ ପ୍ରେକ୍ଷାଳୟକୁ ଆସିବ ।■

ମୁହଁ ଖୋଲିଲେ ରକୁଲ

ଚଳିତବର୍ଷର ବହୁ ପ୍ରତୀକ୍ଷିତ ସିନେମା ହେଉଛି 'ରାମାୟଣ ପାର୍ଟ୧ ।' ନୀତେଶ ତିୱାରିଙ୍କ ଏହି ସିନେମାକୁ ନେଇ ରାତିମତ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଲାଗି ରହିଛି । ସିନେମାରେ ରାମ ଭୂମିକାରେ ରଣବୀର କପୁର, ସୀତା ଚରିତ୍ରରେ ସାଇ ପଲ୍ଲବୀ, ଲକ୍ଷ୍ମଣ ଚରିତ୍ରରେ ରବି ଦୁବେ, ରାବଣ ଚରିତ୍ରରେ ୟଶ, ହନୁମାନ ଚରିତ୍ରରେ ସନ୍ନି ଦେଓ୍ୱଲ ଏବଂ ଶୂର୍ପଣଖା ଭୂମିକାରେ ନଜର ଆସିବେ ରକୁଲ ପ୍ରୀତ ସିଂହ । ତେବେ ରକୁଲ ତାଙ୍କର ଏହି ଚରିତ୍ରରେ ଅଭିନୟ କରିବାକୁ ନେଇ ମୁହଁ ଖୋଲିଛନ୍ତି । ସେ ଏକ ସାକ୍ଷାତକାରରେ ଶୂର୍ପଣଖା ଚରିତ୍ରରେ ଅଭିନୟ କରିବାର ଉତ୍ସାହ ସମ୍ପର୍କରେ କହିଛନ୍ତି । ସେହିପରି ଶୂର୍ପଣଖା ଚରିତ୍ରକୁ ନେଇ ଥିବା ଲୋକଙ୍କ ଭୁଲ ଚିନ୍ତାଧାରା ବାବଦରେ ବି କହିଛନ୍ତି । ତାଙ୍କ ମତରେ ଶୂର୍ପଣଖା ଯୋଗୁଁ ହିଁ ଯୁଦ୍ଧ ଆରମ୍ଭ ହୋଇଥିଲା । ତେଣୁ ଏଭଳି ଚରିତ୍ରରେ ଅଭିନୟ କରିବା ନିହାତି ଭାବେ ରୋମାଞ୍ଚିକ ବୋଲି ରକୁଲ କହନ୍ତି । ସେହିପରି ସାମାଜିକ ଗଣମାଧ୍ୟମରେ ରକୁଲ କହିଛନ୍ତି, ଶୂର୍ପଣଖା ଚରିତ୍ରରେ ଅଭିନୟ କରିବା ଅତ୍ୟନ୍ତ ଜଟିଳ । ଇତିହାସରେ କେବଳ ତାଙ୍କୁ ଏକ ଘଟଣା ପାଇଁ ମନେ ପକାଯାଏ । ହେଲେ ତାଙ୍କ କାହାଣୀରେ ଆହୁରି ଅନେକ କିଛି ଅଛି । ସେ ଆଶା କରୁଛନ୍ତି ଯେ, ରାମାୟଣ ରିଲିଜ୍ ହେଲେ ଦର୍ଶକେ ଖୋଲା ମସ୍ତିଷ୍କରେ ଏହି ଚରିତ୍ରକୁ ବୁଝିବେ । ଏହା ସହିତ ସେ ନମସ୍କାର ଇମୋଜି ସେୟାର୍ କରିଛନ୍ତି ।■

ଆଉ ଏକ ଐତିହାସିକ ଫିଲ୍ମରେ ଅରୁଣ ଓ ଦୀପିକା

ରାମାନନ୍ଦ ସାଗରଙ୍କ ଲୋକପ୍ରିୟ ପୌରାଣିକ ଧାରାବାହିକ 'ରାମାୟଣ'ରେ ଅରୁଣ ଗ୍ରୋଭିଲ ଏବଂ ଦୀପିକା ଚିଖଲିୟାଙ୍କ ଯୋଡ଼ିକୁ ଆଜି ବି ଲୋକେ ପସନ୍ଦ କରନ୍ତି । ଏହି ପୌରାଣିକ ଟିଭି ଧାରାବାହିକରେ ଦୁହେଁ ଭଗବାନ ଶ୍ରୀରାମ ଏବଂ ମାତା ସୀତା ଚରିତ୍ରରେ ଅଭିନୟ କରିଥିଲେ । ତେବେ ଏବେ ୩୯ ବର୍ଷ ପରେ ଦୁହିଁଙ୍କୁ ପୁଣି ଏକାଠି ଦେଖିବାକୁ ମିଳିବ । ତାହା ପୁଣି ବଡ଼ ପରଦାରେ । ନିର୍ମାତା ଆଦିତ୍ୟ ରଘୁବଂଶୀଙ୍କ ଫିଲ୍ମ 'ନୋଟିସ୍'ରେ ଦୀପିକା ଓ ଅରୁଣ ପ୍ରଥମଥର ପାଇଁ ଫିଲ୍ମରେ ଏକାଠି ନଜର ଆସିବେ । ଏହି ସିନେମାରେ ଦୁହେଁ ରାମ ଓ ସୀତାଙ୍କ ଆଧୁନିକ ରୂପରେ ନଜର ଆସିବା କୁହାଯାଉଛି । ତେବେ ସିନେମାଟି ଓଟିଟିରେ ଦେଖିବାକୁ ମିଳିବ ।■



ଭାରତ-ନ୍ୟୁଜିଲାଣ୍ଡ ଶେଷ ଟି-୨୦ ମୁକାବିଲା ଆଜି

ହାମିଲଟନ୍,୩୧।୧୦(ଏଜେନ୍ସି)



ଭ୍ରମଣକାରୀ ଭାରତ ଓ ଆୟୋଜକ ନ୍ୟୁଜିଲାଣ୍ଡ ମଧ୍ୟରେ ଆସନ୍ତାକାଲି ୫ମ ତଥା ଶେଷ ଟି-୨୦ ମୁକାବିଲା ସ୍ଥାନୀୟ ସେଡନ ପାର୍କରେ ଖେଳାଯିବ। ଏହି ସିରିଜ୍‌ର ଚତୁର୍ଥ ମୁକାବିଲାକୁ ଛାଡିଦେଲେ ଅନ୍ୟ ୩ଟି ଯାକ ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଛି। ଭାରତ ଏହି ୩ଟି ମ୍ୟାଚ୍‌ରେ ବିଜୟୀ ହୋଇ ଆଗୁଆ ସିରିଜ୍ କବ୍‌ଜା କରିଥିଲା। କିନ୍ତୁ ସିରିଜ୍ ହାରିବା ପରେ ଚତୁର୍ଥ ମୁକାବିଲାରେ ନ୍ୟୁଜିଲାଣ୍ଡ ଯେପରି ପ୍ରଦର୍ଶନ କରି ମ୍ୟାଚ୍ ଜିତିନେଲା, ସେଥିରେ ଯେ କେବଳ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ନୁହେଁ, ବରଂ ଦର୍ଶକଙ୍କ ହୋସ୍ ଉଡିଯାଇଛି। ଏହି ମ୍ୟାଚ୍‌ରେ ଜଣେ ହେଲେ ବ୍ୟାଟର କିମ୍ବା ବୋଲର ସଫଳତା ପାଇଲେ ନାହିଁ। ଯାହା ଫଳରେ ମ୍ୟାଚଟି ଏକତରଫା ହେଲା ଓ ନ୍ୟୁଜିଲାଣ୍ଡ ସହଜରେ ବିଜୟୀ ହୋଇଥିଲା। ଏହା ପରେ ଖେଳାଯିବାକୁ ଥିବା ଦିନିକିଆ ସିରିଜ୍‌ରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ବିଶ୍ରାମ ଦିଆଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦଳର ଦୟନୀୟ ପରାଜୟ ପରେ ଏହାକୁ ପୁନରାବୃତ୍ତି କରିବାକୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ କେବେ ବି ଆଶା କରିବ ନାହିଁ।

ଭାରତ ପ୍ରଥମେ ଯେଉଁ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇଥିଲା, ତାହା କେବଳ ବ୍ୟାଟରଙ୍କ ଯୋଗୁଁ ସମ୍ଭବ ହୋଇଥିଲା। ଚତୁର୍ଥ ମ୍ୟାଚ୍‌ରେ ସେହି ବ୍ୟାଟର ଖେଳିଥିଲେ, କିନ୍ତୁ ଏହି ପଡ଼ିଆରେ କେହି ଖାପଖୁଆଇ ପାରି ନ ଥିଲେ। ଅବଶ୍ୟ ୫ମ ଟି-୨୦ ଖେଳାଯିବାକୁ ଥିବା ସେଡନ ପାର୍କରେ ଏଭଳି ଅସାମଞ୍ଜସ୍ୟ ପଡ଼ିଆ ନାହିଁ। କିନ୍ତୁ ଭାରତୀୟ ଦଳ କିପରି ପ୍ରଦର୍ଶନ କରିବ ତାହା ଖେଳ ପରେ ଜଣାପଡ଼ିବ।

ଏହି ସିରିଜ୍‌ରେ ବୋଲରମାନେ ନିର୍ମମ ପ୍ରହାର ଖାଇଛନ୍ତି। ଯାହା ଲାଗି ବ୍ୟାଟରମାନେ ମ୍ୟାଚ୍‌ର ହାରଜିତ ନିୟନ୍ତ୍ରଣ କରୁଛନ୍ତି। ଭାରତର ଟପ୍ ଅର୍ଡରରେ ଜଣେ ହେଲେ ପ୍ରଥମ ୩ଟି ମ୍ୟାଚ୍‌ରେ କ୍ଲିକ୍ କରିଛନ୍ତି। ଦିନିକିଆ ସିରିଜ୍ ଲାଗି ଯଦି ଦଳ ଖେଳାଳିଙ୍କୁ ବିଶ୍ରାମ ଦେବାକୁ ଚିନ୍ତା କରେ, ତେବେ ଅଧିନାୟକ ଶ୍ରେୟସ ଆୟର, ଇଶାନ କିଶାନ, ଅକ୍ଷର ପଟେଲ, ନମନ ଧୀର, କୁଲଦୀପ ଯାଦବ ଓ ଅର୍ଶଦୀପ ସିଂହ ପ୍ରମୁଖ ୬ଜଣ ଖେଳାଳି ସ୍ଥାନ ପାଇଛନ୍ତି। କୁଲଦୀପ ଏଯାଏ ଗୋଟିଏ ହେଲେ ମ୍ୟାଚ୍ ଖେଳି ନାହାନ୍ତି, କିମ୍ବା ଖେଳିବାର ସମ୍ଭାବନା ମଧ୍ୟ ନାହିଁ। ଏମାନଙ୍କ ମଧ୍ୟରୁ ନୀତିଶ, ଇଶାନ ଓ ଅର୍ଶଦୀପଙ୍କୁ ବିଶ୍ରାମ ଦିଆଯିବାର ସମ୍ଭାବନାକୁ ଏଡ଼ାଇଦେଇ ହେବ ନାହିଁ। ଭୁବନେଶ୍ୱର କୁମାର, ଶିବମ ଦୁବେ ଓ ବୈଭବ ସୂର୍ଯ୍ୟବଂଶୀଙ୍କୁ ଶେଷ ସୁଯୋଗ ମିଳିବାର ସମ୍ଭାବନା ରହିଛି।

ଅନ୍ୟ ପକ୍ଷରେ ନ୍ୟୁଜିଲାଣ୍ଡର ବୋଲିଂ ଦୁର୍ବଳ ଥିଲେ ମଧ୍ୟ ଭାରତୀୟ ବ୍ୟାଟରଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛନ୍ତି। ଦଳର ବ୍ୟାଟିଂ ଗ୍ଲେନ୍ ଫିଲିପ୍ସଙ୍କୁ ନେଇ କେନ୍ଦ୍ରୀଭୂତ ହୋଇଛି। ଏହି ସିରିଜ୍‌ରେ ସେ ଗୋଟିଏ ଶତକ, ଦୁଇଟି ଅର୍ଦ୍ଧଶତକ ସହ ଉଭୟ ଦଳ ପକ୍ଷରୁ ସର୍ବାଧିକ ୨୭୬ ରନ୍ ସଂଗ୍ରହ କରିଛନ୍ତି। ସେ ହିଁ ଭାରତୀୟ ବୋଲରଙ୍କ ଲାଗି କଣ୍ଟା ସାଜିଛନ୍ତି। ତାଙ୍କୁ ଟାର୍ଗେଟ କରି ଭାରତ ଶେଷ ମୁକାବିଲାରେ ଅବତୀର୍ଣ୍ଣ ହେବ। ଫିନ୍ ଆଲେନ କିଛି ଭଲ ପ୍ରଦର୍ଶନ କରିଛନ୍ତି। ଦଳରେ ସ୍ଥାନ ପାଇଥିବା ବ୍ୟାଟରମାନେ ଏକାକୀ ମ୍ୟାଚ୍ ଜିତାଇବାର ଦକ୍ଷତା ରଖିଛନ୍ତି। ଅଧିନାୟକ ମିଚେଲ ସାଣ୍ଟନର ଏକମାତ୍ର ବୋଲର ଭାବେ ଭାରତୀୟ ବ୍ୟାଟରଙ୍କ ଉପରେ କିଛିଟା ପ୍ରଭାବ ବିସ୍ତାର କରିଛନ୍ତି ଓ ସଫଳତା ପାଇଛନ୍ତି ମଧ୍ୟ। ଫର୍ମକୁ ଫେରିଥିବା ଜ୍ୟାକବ ଡଫିଙ୍କ ସହ ଶେଷ ମ୍ୟାଚ୍‌ରେ ତାଙ୍କ ବୋଲିଂର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ନିଶ୍ଚୟ। ତେବେ ଗତ ୪ଟି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୧୨ଟି କ୍ୟାଚ୍ ଡ୍ରପ୍ କରିଛି। ଏଥିରେ ଉନ୍ନତି ଆଣିବାକୁ ଘରୋଇ ଦଳ ଚେଷ୍ଟା କରିବ।

ପଞ୍ଚମ ଟି-୨୦

ଭେନ୍ୟୁ: ସେଡନ ପାର୍କ, ହାମିଲଟନ
ଖେଳ ଆରମ୍ଭ: ଅପରାହ୍ଣ ୧୨.୩୦
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ: ସୋନି ଲିଭ୍


ବିପର୍ଯ୍ୟୟରୁ ରକ୍ଷାକଲେ ଜୁରେଲ

ଖ୍ରୀଷ୍ଟଚର୍ଚ୍ଚ,୩୧।୧୦(ଏଜେନ୍ସି): ଅଧିନାୟକ ଧ୍ରୁବ ଜୁରେଲ ଓ ଫର୍ମରେ ଥିବା ଦେବଦତ୍ତ ପାଡିକଲଙ୍କ ଉପଯୋଗୀ ଅର୍ଦ୍ଧଶତକ ଯୋଗୁଁ ଏଠାରେ ଆଜି ଆରମ୍ଭ ହୋଇଥିବା ନ୍ୟୁଜିଲାଣ୍ଡ-ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ-ଏ' ବ୍ୟାଟିଂ ବିପର୍ଯ୍ୟୟରୁ ରକ୍ଷା ପାଇଯାଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ' ପ୍ରଥମ ଓଭରରେ ଯଶସ୍ୱୀ ଜୟସ୍ୱାଲ(୦)ଙ୍କ ୱିକେଟ ହରାଇଥିଲା। ଏହା ପରେ ସାଇ ସୁଦର୍ଶନ ଓ ଦେବଦତ୍ତ ପାଡିକଲ ଦ୍ୱିତୀୟ ୱିକେଟ ଯୋଡିରେ ୯୧ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ। ସାଇ ସୁଦର୍ଶନ ୬୩ ବଲରେ ୪୧ ଓ ପାଡିକଲ ୧୪୦ ବଲ୍‌ରେ ୮୦ ରନ୍ କରି ଆଉଟ ହୋଇଥିଲେ। ଏମାନଙ୍କ ଆଉଟ ହେବା ଫଳରେ ଦଳ ୧୩୭ ରନ୍‌ରେ ୫ଟି ଓ ୧୬୦ ରନ୍‌ରେ ଷଷ୍ଠ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଜୁରେଲ ଲଢୁଆ ବ୍ୟାଟିଂ କରି ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳୀୟ ସ୍କୋରକୁ ୭ ୱିକେଟରେ ୨୯୧ ରନ୍‌ରେ ପହଞ୍ଚାଇଥିଲେ। ଏହି ସମୟରେ ଜୁରେଲ ୯୯ ଓ ଆକାଶ ଦୀପ ୨୫ ରନ୍‌ରେ ବ୍ୟାଟିଂ କରୁଥିଲେ। ମାନବ ସୁତାରଙ୍କ ଉପଯୋଗୀ ୨୨ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ-ଏ' ପକ୍ଷରୁ ଫାଷ୍ଟ ବୋଲର ଫ୍ରେଜର ଶିଟ୍ ୪ଟି ୱିକେଟ ନେଇ ସଫଳତା ପାଇଥିଲେ।

ପ୍ରଥମ ଟେଷ୍ଟ ଜିତିଲା ୱେଷ୍ଟଇଣ୍ଡିଜ୍

ଢାକା,୩୧।୧୦(ଏଜେନ୍ସି): ଦୁଇ ସ୍ପିନର ବାମହାତୀ ଜୋମେଲ ୱାରିକାନ (୯ୱିକେଟ) ଏବଂ ଅଫ୍ ସ୍ପିନର ରୋଷ୍ଟୋନ ଚେଜ୍ (୫ ୱିକେଟ)ଙ୍କ ଘାତକ ବୋଲିଂ ବଳରେ ଏଠାରେ ରବିବାର ଶେଷ ହୋଇଥିବା ପ୍ରଥମ ଟେଷ୍ଟକୁ ୱେଷ୍ଟଇଣ୍ଡିଜ୍ ୮ ୱିକେଟରେ ଜିତିନେଇଛି। ୱାରିକାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ବିଜୟ ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭ୍ରମଣକାରୀ ଦଳ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ତଥା ଶେଷ ଟେଷ୍ଟ ମ୍ୟାଚ୍ ସିଲହଟ୍‌ରେ ନଭେମ୍ବର ୫ରୁ ୯ ଯାଏ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ପ୍ରଥମ ଇନିଂସରେ ୨୭୨ ଓ ଦ୍ୱିତୀୟ ଇନିଂସରେ ୧୪୨ ରନ୍ କରିଥିଲା। ଜବାବରେ ପ୍ରଥମ ଇନିଂସରେ ୨୪୫ ରନ୍ କରିଥିବା ୱେଷ୍ଟଇଣ୍ଡିଜ୍ ଆଗରେ ୧୭୦ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଭ୍ରମଣକାରୀ ଦଳ ବ୍ରାଣ୍ଡନ କିଙ୍ଗଙ୍କ ଅପରାଜିତ ୮୧ ରନ୍ ସହାୟତାରେ ମାତ୍ର ୨ ୱିକେଟ ହରାଇ ଏହି ଲକ୍ଷ୍ୟକୁ ହାସଲ କରିନେଇଥିଲା।

ଆୟର୍ଲାଣ୍ଡକୁ ଜିତାଇଲେ ଜୟ ମୁଦ୍ରା



ୱିଣ୍ଡୋଏକ୍,୩୧।୧୦(ଏଜେନ୍ସି): ଭାରତୀୟ ବାମହାତୀ ଫାଷ୍ଟ ବୋଲର ଜୟ ମୁଦ୍ରା ଘାତକ ବୋଲିଂ କରି ୨୬ ରନ୍‌ରେ ୬ ୱିକେଟ ନେବା ଫଳରେ ଏଠାରେ ଶନିବାର ଖେଳାଯାଇଥିବା ଦିନିକିଆ ମ୍ୟାଚ୍‌ରେ ଆୟର୍ଲାଣ୍ଡ ୧୩୦ ରନ୍‌ର ବିଶାଳ ବ୍ୟବଧାନରେ ନାମିବ୍ୟାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆୟର୍ଲାଣ୍ଡ ୫୦ ଓଭରରେ ୮ ୱିକେଟ ହରାଇ ୨୯୮ ରନ୍ କରିଥିଲା। ଜବାବରେ ନାମିବ୍ୟା ଜୟଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୪୧ ଓଭରରେ ୧୬୮ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜୟ ମୁଦ୍ରାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

■ ଟେଷ୍ଟ କ୍ରିକେଟରେ ନଂ-୧ ଟିମ୍

ସିରିଜ୍ କବ୍‌ଜା କଲା ଦକ୍ଷିଣ ଆଫ୍ରିକା

କେପ୍‌ଟାଉନ୍,୩୧।୧୦(ଏଜେନ୍ସି): ଫାଷ୍ଟ ବୋଲର କାଗିସୋ ରାବାଡା ଓ ବାମହାତୀ ସ୍ପିନର ସାଇମନ ହାର୍ମରଙ୍କ ଚମକପ୍ରଦ ବୋଲିଂ ବଳରେ ଏଠାରେ ରବିବାର ଶେଷ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ୟ ତଥା ନିର୍ଣ୍ଣାୟକ ଟେଷ୍ଟକୁ ଘରୋଇ ଦକ୍ଷିଣ ଆଫ୍ରିକା ୧୭୬ ରନ୍‌ରେ ଜିତିନେଇଛି। ଏହା ଫଳରେ ଘରୋଇ ଦଳ ୨-୧ ବ୍ୟବଧାନରେ ଏହି ଟେଷ୍ଟ ସିରିଜ୍‌କୁ କବ୍‌ଜା କରିଛି। ଏହା ଫଳରେ ଆଇସିସି ଟେଷ୍ଟ ମାନ୍ୟତାରେ ଦକ୍ଷିଣ ଆଫ୍ରିକା ନୂଆ ନଂ-୧ ଟିମ୍ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୩୨୯ ଓ ଦ୍ୱିତୀୟ ଇନିଂସରେ ୩୮୭ ରନ୍ କରିଥିଲା। ଜବାବରେ ପ୍ରଥମ ଇନିଂସରେ ୪୨୯ ରନ୍ କରିଥିବା ଅଷ୍ଟ୍ରେଲିଆ ଆଗରେ ମ୍ୟାଚ୍ ଜିତିବାକୁ ୨୮୮ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୧୧ରନ୍ କରି ଅଲଆଉଟ ହୋଇଯାଇଥିଲା। ଘରୋଇ ଦଳ ପକ୍ଷରୁ ହାର୍ମର ସର୍ବାଧିକ ତଥା ଶେଷ ୬ଟି ଓ ରାବାଡା ପ୍ରଥମ ୩ଟି ୱିକେଟ ପାଇଥିଲେ। ବିଜୟୀ ଦଳ ପକ୍ଷରୁ ଏଠାରେ ୧୦ଟି ୱିକେଟ ନେଇଥିବା ହାର୍ମରଙ୍କୁ ମ୍ୟାଚ୍‌ର ଓ ମୋଟ ୧୪୬ ରନ୍ ସହ ୧୦ଟି ୱିକେଟ ନେଇଥିବା ମାର୍କୋ ଜାନସେନ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ଦିନିକିଆ ସିରିଜ୍ ଲାଗି ନ୍ୟୁଜିଲାଣ୍ଡରେ ପହଞ୍ଚିବା ପରେ ବିରାଟ କୋହଲି ଓ ରୋହିତ ଶର୍ମା

ଦିନିକିଆ ସିରିଜ୍ ୪ରୁ; କ୍ରିଷ୍ଣାଙ୍କ ସ୍ଥାନରେ ନବି

ଅକ୍‌ଲାଣ୍ଡ,୩୧।୧୦(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆସନ୍ତା ୪ରୁ ଆରମ୍ଭ ହେବ। ଏହି ସିରିଜ୍ ଲାଗି ପୂର୍ବରୁ ଘୋଷଣା କରାଯାଇଥିବା ଭାରତୀୟ ଦଳରେ ଖେଳାଳି ପରିବର୍ତ୍ତନ କରାଯାଇଛି। ଆହତ ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଫିଟ୍ ହୋଇ ନ ପାରିବାରୁ ତାଙ୍କୁ ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଜମ୍ମୁ-କଶ୍ମୀରର ଫାଷ୍ଟ ବୋଲର ଆକ୍ୱିବ ନବିଙ୍କୁ ସାମିଲ କରାଯାଇଛି। ପ୍ରଥମ ଦିନିକିଆ ଲାଗି ମନୋନୀତ ନୀତୀଶ ରେଡ୍ଡୀଙ୍କୁ ବାଦ୍ ଦେଲେ ପ୍ରଥମ ୩ଟି ଯାକ ମ୍ୟାଚ୍‌ରେ ସମାନ ଖେଳାଳି ସ୍ଥାନ ପାଇଛନ୍ତି। ଏହା ପରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ପ୍ରସ୍ତୁତି ସକାଶେ ଅଧିନାୟକ ଶୁବମନ ଗିଲ୍‌ଙ୍କ ସମେତ ଲୋକେଶ ରାହୁଲ ଓ ଅଂଶୁଲ କାମ୍ବୋଜ୍‌ଙ୍କୁ ଶେଷ ଦୁଇଟି ଦିନିକିଆରୁ ବାଦ୍ ଦିଆଯାଇଛି। ଗିଲ୍‌ଙ୍କ ସ୍ଥାନରେ ଉପଅଧିନାୟକ ଶ୍ରେୟସ ଆୟର ଶେଷ ଦୁଇଟି ଦିନିକିଆରେ ଦଳର ନେତୃତ୍ୱ ନେବେ। ସେହିପରି ତିଳକ ବର୍ମା, ଯଶ ଠାକୁର ଓ କୁମାର କୁଶାଗ୍ର ଶେଷ ଦୁଇଟି ମ୍ୟାଚ୍ ଲାଗି ମନୋନୀତ କରାଯାଇଛି। ଦିନିକିଆ ସିରିଜ୍‌ର ମ୍ୟାଚ୍ ଗୁଡିକ ଯଥାକ୍ରମେ ଅକ୍‌ଲାଣ୍ଡରେ ନଭେମ୍ବର ୪, ୱେଲିଂଟନରେ ୭, ହାମିଲଟନ୍‌ରେ ୧୦, ବେ' ଓଭାଲରେ ୧୩ ଓ ୧୫ ତାରିଖରେ ଖେଳାଯିବ।

ପ୍ରଥମ ୩ଟି ଦିନିକିଆ : ଶୁବମନ ଗିଲ୍ (ଅଧିନାୟକ), ଶ୍ରେୟସ ଆୟର (ଉପଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଲୋକେଶ ରାହୁଲ ଓ ଇଶାନ କିଶାନ (ଉଭୟ ୱିକେଟରକ୍ଷକ), ଋତୁରାଜ ଗାଏକ୍ୱାଡ଼, ନୀତୀଶ କୁମାର ରେଡ୍ଡୀ (କେବଳ ପ୍ରଥମ ଦିନିକିଆ ପାଇଁ), ଅକ୍ଷର ପଟେଲ, ନମନ ଧୀର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, ଗୁରନୁର ବ୍ରାର, ଆକ୍ୱିବ ନବି ଓ ଅଂଶୁଲ କାମ୍ବୋଜ।

ଚତୁର୍ଥ ଓ ପଞ୍ଚମ ଦିନିକିଆ : ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା, ରୋହିତ ଶର୍ମା, ବିରାଟ କୋହଲି, ଇଶାନ କିଶାନ ଓ କୁମାର କୁଶାଗ୍ର (ଉଭୟ ୱିକେଟରକ୍ଷକ), ଋତୁରାଜ ଗାଏକ୍ୱାଡ଼, ଯଶ ରାଠୋଡ, ଅକ୍ଷର ପଟେଲ, ନମନ ଧୀର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, ଗୁରନୁର ବ୍ରାର, ଆକ୍ୱିବ ନବି।

ଶ୍ରୀଲଙ୍କାକୁ ହରାଇ ପାକିସ୍ତାନ ଜିତିଲା ତ୍ରିରାଷ୍ଟ୍ରୀୟ ଦିନିକିଆ ସିରିଜ୍



ଲାହୋର,୩୧।୧୦(ଏଜେନ୍ସି): ଓପନର ଫକର ଜମାନ ଓ ଅଲରାଉଣ୍ଡର ଆରାଫତ୍ ମିନ୍‌ହାସଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ଦିନିକିଆ ସିରିଜ୍‌ରେ ଶ୍ରୀଲଙ୍କାକୁ ୩ ୱିକେଟରେ ହରାଇ ପାକିସ୍ତାନ ଚାମ୍ପିଅନ ହୋଇଛି। ଏହି ମ୍ୟାଚ୍‌ରେ କାମିନ୍ଦୁ ମେଣ୍ଡିସ ୧୩୧ (୧୨୮ଟି ବଲ୍‌ରୁ ୧୨ ଚୌକା ଓ ୨ଛକା) ଓ ପବନ ରତନାୟକେ ୭୭ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୮ ୱିକେଟରେ ୩୨୫ ରନ୍ କରିଥିଲା। ଜବାବରେ ଜମାନ ୯୯ବଲ୍‌ରେ ୧୧ଚୌକା ଓ ଛକା ସହ ୧୨୭, ମିନ୍‌ହାସ ୩୧ବଲ୍‌ରେ ୩ଚୌକା ଓ ୪ଛକା ସହ ୬୧ ଏବଂ ସାଦ୍ ବେଗ୍‌ଙ୍କ ୭୫ ବଲ୍‌ରେ ୭୪ ରନ୍ ସହାୟତାରେ ପାକିସ୍ତାନ ୪୮.୩ ଓଭରରେ ୭ ୱିକେଟ ହରାଇ ୩୩୧ ରନ୍ କରିବା ସହ ଟାଇଟଲ ଜିତିନେଇଥିଲା। ଶ୍ରୀଲଙ୍କା ପକ୍ଷରୁ ଦିଲସାନ ମଦୁଶଙ୍କା ୩ଟି ଓ ଅସିଥା ଫର୍ଣ୍ଣାଣ୍ଡୋ ୨ଟି ୱିକେଟ ପାଇଥିଲେ। ପାକିସ୍ତାନ ପକ୍ଷରୁ ବୋଲିଂରେ ଅଧିନାୟକ ସାହିନ ଆଫ୍ରିଦୀ, ନସୀମ ଶାହ, ସଲମାନ ଆଘା ଓ ହାରିସ ରୌଫ ୨ଟି ଲେଖାଏଁ ୱିକେଟ ପାଇଛନ୍ତି। ଚାମ୍ପିଅନ ପାକିସ୍ତାନର ଜମାନଙ୍କୁ ଫାଇନାଲର ଏବଂ ମିନ୍‌ହାସଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ସିରିଜ୍‌ରେ ଇଂଲଣ୍ଡ ତୃତୀୟ ଟିମ୍ ଭାବେ ଅଂଶଗ୍ରହଣ କରିଥିଲା। ଏହା ପରେ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ନଭେମ୍ବର ୯ରୁ ଖେଳାଯିବ।

■ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଭଲିବଲ

କିଟ୍ ଚାମ୍ପିଅନ, ଉତ୍କଳ ଚତୁର୍ଥ



ଭୁବନେଶ୍ୱର,୩୧।୧୦(ସମିସ): ପଶ୍ଚିମବଙ୍ଗର ଆଦାମ୍‌ସ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ପୁରୁଷ ଭଲିବଲ ଚାମ୍ପିଅନସିପ୍ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିଅନ ହୋଇଥିଲାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନରେ ରହିଛି। କିନ୍ତୁ ଉଭୟ ଦଳ ସର୍ବଭାରତୀୟ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସେମିଫାଇନାଲ ମୁକାବିଲା ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯାଇଥିଲା। ଏଥିରେ ଉତ୍କଳ, ଆୟୋଜକ ଆଦାମ୍ସ ଓ ମିଥିଳା ବିଶ୍ୱବିଦ୍ୟାଳୟ ପ୍ରତ୍ୟେକ ୨ଟି ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। କିଟ୍ ସବୁଠାରୁ କମ୍ ସେଟ୍‌ରେ ହାରିଥିବାରୁ ପ୍ରଥମ, ଆଦାମ୍ସ ଦ୍ୱିତୀୟ, ମିଥିଳା ତୃତୀୟ ଓ ସମସ୍ତ ଲିଗ୍ ମ୍ୟାଚ୍ ହାରିଥିବା ଉତ୍କଳ ଚତୁର୍ଥ ସ୍ଥାନରେ ରହିଥିଲା। କିଟ୍ ଟାଇଟଲ ବଜାୟ ରଖିଥିବାରୁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପୁରୁଷ ଭଲିବଲ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

ଜ୍ୱେରେଭ୍ ନୂଆ ନଂ-୧

ଭିଏନା,୩୧।୧୦(ଏଜେନ୍ସି): ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ ବିଶ୍ୱ ପୁରୁଷ ଟେନିସରେ ନୂଆ ନଂ-୧ ଖେଳାଳି ହୋଇଛନ୍ତି। ଭିଏନାରେ ଚାଲିଥିବା ଓପନ ଟେନିସ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ସହ ଜ୍ୱେରେଭ ଇଟାଲୀର ଜାନିକ ସିନ୍ନରଙ୍କୁ ହଟାଇ ନଂ-୧ ଖେଳାଳି ହୋଇଛନ୍ତି।

■ ୧୯ ବର୍ଷରୁ କମ୍ ମହିଳା ଚ୍ୟାଲେଞ୍ଜର

ଟିମ୍-ସି'ରେ ଶ୍ରେୟା



ଭୁବନେଶ୍ୱର,୩୧।୧୦(ସମିସ): ଓଡ଼ିଶାର ଉଦୀୟମାନ କ୍ରିକେଟର ଶ୍ରେୟା ପ୍ରିୟଦର୍ଶିନୀ ବିସିସିଆଇ ଦ୍ୱାରା ଆୟୋଜିତ ହେବାକୁ ଥିବା ୧୯ ବର୍ଷରୁ କମ୍ ଚ୍ୟାଲେଞ୍ଜର ଟୁର୍ଣ୍ଣାମେଣ୍ଟ ଲାଗି ଟିମ୍-ସି'ରେ ମନୋନୀତ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ହିମାଚଳ ପ୍ରଦେଶର ବିଳାସପୁରଠାରେ ଅକ୍ଟୋବର ୩୦ରୁ ନଭେମ୍ବର ୫ ଯାଏ ଚାଲିବ। ଶ୍ରେୟାଙ୍କ ଚୟନ ସମ୍ପର୍କରେ ବିସିସିଆଇ ବିଳମ୍ବରେ ସୂଚନା ପ୍ରଦାନ କରିଛି।

ରାଜ୍ୟ ସିନିଅର ର୍‍ୟାଙ୍କିଙ୍ଗ୍ ବିଲିଆର୍ଡସ

ସୁବ୍ରତଙ୍କୁ ହରାଇ ଆଶୁତୋଷ ଚାମ୍ପିଅନ

ଭୁବନେଶ୍ୱର,୩୧।୧୦(ସମିସ)





ରାଜ୍ୟର ନମ୍ବର ୧ ଖେଳାଳି ଆଶୁତୋଷ ପାଢ଼ୀ ରାଜ୍ୟ ସିନିଅର ର୍‍ୟାଙ୍କିଙ୍ଗ୍ ବିଲିଆର୍ଡସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କଟକର ସିଡିଏସ୍ଥିତ ଜିକେ ସ୍ନୁକର କ୍ଲବ୍ ପରିସରରେ ରବିବାର ଅନୁଷ୍ଠିତ ଏକତରଫା ଫାଇନାଲରେ ଆଶୁତୋଷ ୪-୦ ଫ୍ରେମ୍‌ରେ ସିନିଅର ଖେଳାଳି ତଥା ଗୁରୁ ସୁବ୍ରତ ଦାସଙ୍କୁ ପରାସ୍ତ କରି ଶିଷ୍ୟ ଆଶୁତୋଷ ଟାଇଟଲ ବଜାୟ ରଖିଛନ୍ତି। ଏହି ମୁକାବିଲାକୁ ଆଶୁତୋଷ ୧୫୦-୧୨୬, ୧୫୨-୯୪, ୧୫୦-୪୭, ୧୫୦-୯୯ ପଏଣ୍ଟରେ ପରାସ୍ତ କରିଥିଲେ। ତୃତୀୟ ଫ୍ରେମ୍‌ରେ ଆଶୁତୋଷ ୧୦୭ ବ୍ରେକ୍‌ପଏଣ୍ଟ ପାଇଥିଲେ। ସୁବ୍ରତ ଲଢୁଆ ଖେଳିଥିଲେ ମଧ୍ୟ ଆଶୁତୋଷ ଏପରି ପ୍ରାଧାନ୍ୟ ବିସ୍ତାର କରିଥିଲେ ଯେ, ତାଙ୍କୁ ସମଗ୍ର ମ୍ୟାଚ୍‌ରେ କୌଣସି ସୁଯୋଗ ଦେଇ ନ ଥିଲେ। ସିନିଅର ବିଲିଆର୍ଡ୍ସ ଟୁର୍ଣ୍ଣାମେଣ୍ଟରେ ଆଶୁତୋଷଙ୍କର ଏହା ୭ମ ଟାଇଟଲ। ଗତକାଲି ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ସୁବ୍ରତ ୩-୦ରେ ବିଶେଷ ସିଂହାଲଙ୍କୁ ଏବଂ ଦ୍ୱିତୀୟ ସେମିଫାଇନାଲରେ ଆଶୁତୋଷ ମଧ୍ୟ ୩-୦ ଫ୍ରେମ୍‌ରେ ଚିରଞ୍ଜୀବ ସିଂଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।

ବିଲିଆର୍ଡସ ଟୁର୍ଣ୍ଣାମେଣ୍ଟ ଆଜି ଶେଷ ହୋଇଥିଲାବେଳେ ସ୍ନୁକର ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ଆଜିର ମୁକାବିଲାରେ ବରୁଣ ନାଏକ ଜବରଦସ୍ତ ଖେଳି ଚନ୍ଦ୍ରପ୍ରକାଶ ମହାନ୍ତିଙ୍କୁ ୩-୨ ଫ୍ରେମ୍‌ରେ ପରାସ୍ତ କରିଥିଲେ। ବରୁଣଙ୍କ ଖେଳ ଉଚ୍ଚକୋଟୀର ହୋଇଥିଲା। ଅନ୍ୟ ମୁକାବିଲାରେ ଜ୍ଞାନରଞ୍ଜନ ବେହେରାଙ୍କୁ ୩-୦ରେ ହରାଇ ଜ୍ଞାନରଞ୍ଜନ ଶତପଥୀ, ରାହୁଲ ଗୁପ୍ତାଙ୍କୁ ୩-୦ରେ ହରାଇ ଆକାଶ ମହାପାତ୍ର ଏବଂ ଅନୁଜ ପଣ୍ଡାଙ୍କ ବିପକ୍ଷରେ ୱାକ୍‌ଓଭର ପାଇ ସମୀର ଅଲି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୨୯ରୁ ଆରମ୍ଭ ହୋଇଥିଲାବେଳେ ନଭେମ୍ବର ୧୧ରେ ଶେଷ ହେବ। କେବଳ ଦୀପାବଳୀର ପୂର୍ବ ଓ ପରଦିନକୁ ମିଶାଇ ମୋଟ୍ ୩ ଦିନ ଖେଳ ବନ୍ଦ ରହିବ। ସ୍ନୁକର ଟୁର୍ଣ୍ଣାମେଣ୍ଟ ଶେଷରେ ପୁରସ୍କାର ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ପ୍ରକାଶ କରିଛନ୍ତି।

■ ଜାତୀୟ ସିନିଅର ମହିଳା ଟି-୨୦

କ୍ରମାଗତ ଚତୁର୍ଥ ମ୍ୟାଚ୍ ହାରିଲା ଓଡ଼ିଶା

ଭୁବନେଶ୍ୱର,୩୧।୧୦(ସମିସ): ମୋହାଲିଠାରେ ଚାଲିଥିବା ଜାତୀୟ ସିନିଅର ମହିଳା ଟି-୨୦ କ୍ରିକେଟରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ବରୋଦା ନିକଟରୁ ଓଡ଼ିଶା ୭ ୱିକେଟରେ ପରାଜିତ ହୋଇଛି। ଏହା ଫଳରେ ଦଳ ୪ଟି ମ୍ୟାଚ୍ ଖେଳି ୪ଟିଯାକରେ ପରାଜିତ ହୋଇଛି। ଆଜିର ମୁକାବିଲାରେ ସୁଶ୍ରୀ ଦିବ୍ୟଦର୍ଶିନୀ ୨୦ବଲ୍‌ରେ ୪୧ ଓ ମାଧୁରୀ ମେହେଟା ୩୯ ବଲ୍‌ରେ ୩୫ ରନ୍ କରିବା ପରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୮ ୱିକେଟରେ ୧୨୫ ରନ୍ କରିଥିଲା। ଜବାବରେ ବରୋଦା ୧୮.୧ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଅମ୍ରିତା ଯୋଶେଫ ୪୪ ଓ ଅରୁନ୍ଧତି ୪୦ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଓଡ଼ିଶା ପକ୍ଷରୁ ଜ୍ୟୋତି ପ୍ରସାଦ ୨ଟି ଓ ସୁଶ୍ରୀ ଗୋଟିଏ ୱିକେଟ ପାଇଥିଲେ।

ସିବିଏସ୍‌ଇ ଜାତୀୟ ଜିମ୍ନାଷ୍ଟିକ୍ସରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ସଫଳତା

ଦିବ୍ୟାଂଶଙ୍କୁ ତିନି, ଦିବ୍ୟାଞ୍ଜଳିଙ୍କୁ ଦୁଇ ପଦକ



ଭୁବନେଶ୍ୱର, ୩୧।୧୦(ସମିସ): ପୁଣେର ଲୋଣାଭାଲାଠାରେ ଅନୁଷ୍ଠିତ ସିବିଏସ୍‌ଇ ଜାତୀୟ ଜିମ୍ନାଷ୍ଟିକ୍ ଚାମ୍ପିଅନ୍‌ସିପ୍-୨୦୨୬ରେ ଭୁବନେଶ୍ୱର ସମେଇଗଡ଼ିଆସ୍ଥିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ପ୍ରତିଯୋଗୀମାନେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଏକାଡେମୀର ଦିବ୍ୟାଂଶ ପାଣିଗ୍ରାହୀ ତିନିଟି ଏବଂ ଦିବ୍ୟାଞ୍ଜଳି ମହନ୍ତ ଦୁଇଟି ପଦକ ଜିତିଛନ୍ତି। ଅକ୍ଟୋବର ୨୬ରୁ ୩୧ ଯାଏଁ ଏସ୍‌ଏନ୍‌ବିପି ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଏକାଡେମୀର ପାଞ୍ଚଜଣ ଜିମ୍ନାଷ୍ଟ ଭାଗ ନେଇଥିଲେ। ପୁରୁଷ ବିଭାଗରେ ଦିବ୍ୟାଂଶ ଓ ଯଶରାଜ ମହାନ୍ତି ଏବଂ ମହିଳା ବିଭାଗରେ ଦିବ୍ୟାଞ୍ଜଳି, ସନନ୍ଦା ପ୍ରଧାନ ଓ ସରନ୍ୟା ମିଶ୍ର ଅଂଶଗ୍ରହଣ କରିଥିଲେ। ଦିବ୍ୟାଂଶ ଭଲ୍ଟିଂ ଟେବୁଲ୍‌ରେ ୯.୯୦ ପଏଣ୍ଟ ସହ ରୌପ୍ୟ, ପୋମେଲ୍ ହର୍ସରେ ୯.୧୦ ପଏଣ୍ଟ ସହ କାଂସ୍ୟ ଏବଂ ଅଲ୍‌ରାଉଣ୍ଡରେ ୩୭.୫୦ ପଏଣ୍ଟ ସହ କାଂସ୍ୟ ପଦକ ଜିତିଛନ୍ତି। ସେହିପରି ଦିବ୍ୟାଞ୍ଜଳି ଫ୍ଲୋର୍ ଏକ୍ସରସାଇଜ୍‌ରେ ୧୦.୨୦ ପଏଣ୍ଟ ସହ ରୌପ୍ୟ ଏବଂ ଅଲ୍‌ରାଉଣ୍ଡରେ ୩୪.୭୫ ପଏଣ୍ଟ ସହ କାଂସ୍ୟ ପଦକ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଦିବ୍ୟାଂଶ ୨୦୨୫ରେ ମଧ୍ୟ ପୋମେଲ୍ ହର୍ସରେ କାଂସ୍ୟ ପଦକ ଜିତିଥିଲେ। ଏକାଡେମୀର ଅଧ୍ୟକ୍ଷା ମୀରା ରାଣୀ ଦାସ କୃତୀ ଜିମ୍ନାଷ୍ଟ, ପ୍ରଶିକ୍ଷକ ଅନିଲ ପରିଡ଼ା ଓ ଶତ୍ରୁଘ୍ନ ସ୍ୱାଇଁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY